ସଂଚାର
THE SANCHAR
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 211 | ଭାଗ ୩୨ | ସଂଖ୍ୟା୨୧୧ | Bhubaneswar | Friday 25 October 2024 | Page 8 Rs. 4.00 | ଭୁବନେଶ୍ୱର | ଶୁକ୍ରବାର ୨୫ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

# ମଧ୍ୟରାତ୍ରରେ ଲ୍ୟାଣ୍ଡଫଲ୍

## ଧନ୍ୟବାଦ୍ ମୁଖ୍ୟମନ୍ତ୍ରୀ

### ପ୍ରାକ୍ ପ୍ରସ୍ତୁତି ଯୋଗୁ ସଫଳ ମୁକାବିଲା






- ୧୨୦ କି.ମି. ବେଗରେ ପବନ
- ଉପକୂଳରେ ପ୍ରବଳ ବର୍ଷା
- ୨ରୁ ୩ ମିଟର ଉଚ୍ଚର ଜୁଆର
- ବାତ୍ୟା ପରେ ବନ୍ୟା ଆଶଙ୍କା

**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅତି ଭୀଷଣ ବାତ୍ୟାର ରୂପ ନେଇ ଉପକୂଳମୁହାଁ ହେଉଛି। ଏହା ଶକ୍ତିଶାଳୀ ହୋଇ ଘଣ୍ଟାକୁ ୧୦/୧୨ କିମି ବେଗରେ ଉତ୍ତର ପଶ୍ଚିମ ଦିଗରେ ଅଗ୍ରସର ହେଉଛି। ଗୁରୁବାର ମଧ୍ୟ ରାତି କିମ୍ବା ଶୁକ୍ରବାର ସକାଳ ସୁଦ୍ଧା ଏହା ଭିତରକନିକା ଓ ଧାମରା ନିକଟରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ ଆକଳନ କରାଯାଇଥିଲା। ସଦ୍ୟ ସୂଚନା ଅନୁଯାୟୀ ଗତିପଥ ସାମାନ୍ୟ ପରିବର୍ତ୍ତନ କରିଛି ଦାନା। ଏହା ଭିତରକନିକା ଧାମରା ମଧ୍ୟରେ ଲ୍ୟାଣ୍ଡ ଫଲ୍ ନ କରି ଅଳ୍ପ ଦୂରେଇବ ବୋଲି ଆକଳନ କରାଯାଇଛି। ସ୍ଥଳଭାଗ ଛୁଇଁବା ପରେ ଦାନା ପଶ୍ଚିମ ଓ ପଶ୍ଚିମ ଦକ୍ଷିଣ ଦିଗକୁ ସାମାନ୍ୟ ରକର୍ଭ କରିବ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ରିପୋର୍ଟ ଲେଖାଯିବା ବେଳକୁ ଏହା ପାରାଦ୍ୱୀପଠାରୁ ୭୦ ଓ ଧାମରାରୁ ପ୍ରାୟ ୧୦୦ କିମି ଦୂରରେ ଥିଲା। ବାତ୍ୟା ପ୍ରଭାବରେ ସବୁ ଜିଲ୍ଲାରେ ବାର୍ଷା ଲାଗିରହିଛି। ଏହା ସ୍ଥଳଭାଗ ଛୁଇଁବା ପରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ବର୍ଷା ଯୋଗୁ ଅନୁଗୁଳ, ବାଲେଶ୍ୱର, ବୌଦ୍ଧ, ଭଦ୍ରକ, କଟକ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ନୟାଗଡ଼, ମୟୂରଭଞ୍ଜ, ପୁରୀ ଜିଲ୍ଲାରେ ଫ୍ଲାଶ୍ ଫ୍ଲଡ଼ ଆସିପାରେ ବୋଲି ଆଇଏମ୍‌ଡି ପକ୍ଷରୁ ସୂଚନା ଦିଆଯାଇଛି।

ଲ୍ୟାଣ୍ଡଫଲ ପୂର୍ବରୁ ଦାନା ତାଉ ଦେଖାଇଛି। ଉପକୂଳ ଅଞ୍ଚଳରେ ବୁଧବାର ଅପରାହ୍ଣରୁ ବର୍ଷା ଓ ପବନ ଆରମ୍ଭ ହୋଇଥିବା ବେଳେ ଗୁରୁବାର ତୁହାକୁ ତୁହା ବର୍ଷା ହୋଇଛି। ପବନ ବେଗ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଚନ୍ଦ୍ରଭାଗା, ଅସ୍ତରଙ୍ଗ, ପାରାଦ୍ୱୀପ, ରାଜକନିକା, ଭିତରକନିକା, ଧାମରା, ଦୀଘା ଆଦି ଉପକୂଳରେ ➪ପୃଷ୍ଠା-୬

## ମୋଦୀ ଜଣାଇଲେ ଧନ୍ୟବାଦ



**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ସନ୍ଧ୍ୟାରେ ଟେଲିଫୋନ ଯୋଗେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଓଡ଼ିଶାରେ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ସଂପର୍କରେ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ, ମୁଖ୍ୟମନ୍ତ୍ରୀ ରାଜ୍ୟରେ ଚାଲିଥିବା ଲୋକଙ୍କ ସ୍ଥାନାନ୍ତର ପ୍ରକ୍ରିୟା ସଂପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏହା ସହିତ ଲୋକଙ୍କ ସୁରକ୍ଷା ପାଇଁ ନିଆ ଯାଇଥିବା ସୁରକ୍ଷା ବଳ,ଏନ୍‌ଡିଆର୍‌ଏଫ୍, ଓଡିଆର୍‌ଏଫ୍ ମୁତୟନ ସଂପର୍କରେ ମଧ୍ୟ ସୂଚନା ଦେଇଥିଲେ। ଆଲୋଚନା ପରେ ବାତ୍ୟା ମୁକାବିଲା ପ୍ରସ୍ତୁତି ସଂପର୍କରେ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ, ➪ପୃଷ୍ଠା-୬

## ୫ଟାରେ ଘୋଟି ଆସିଲା ଅନ୍ଧାର

**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ମାଡ଼ି ଆସୁଛି ଦାନା । ଏହାର ପ୍ରଭାବରେ ଚାରିଆଡ଼ ଅନ୍ଧାର ହୋଇପଡ଼ିଛି । ବାତ୍ୟାର ପ୍ରଭାବରେ ଭୁବନେଶ୍ୱର, ପୁରୀ, କଟକରେ ସଂଧ୍ୟା ୫ଟାରେ ଘୋଟି ଆସିଲା ଅନ୍ଧାର । କଳାହାଣ୍ଡିଆ ମେଘ ଘୋଟି ଆସିବାରୁ ଅପରାହ୍ଣ ୫ଟାରୁ ସଂଧ୍ୟା ହୋଇଗଲା । ଚାରିଆଡ଼େ ତୁହାକୁ ତୁହା ବର୍ଷା ଲାଗି ରହିଛି। ଘଣ୍ଟାପ୍ରତି ୧୦ କିମି ବେଗରେ ଉପକୂଳକୁ ଆସୁଛି ବାତ୍ୟା । ଗତ ୬ ଘଣ୍ଟା ହେଲା ଘଣ୍ଟାପ୍ରତି ୧୦ କିମି ବେଗରେ ଆସୁଛି। ବାତ୍ୟା ବର୍ତ୍ତମାନ ପାରାଦୀପଠାରୁ ୧୫୦ ➪ପୃଷ୍ଠା-୬

## ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ପ୍ରସ୍ତୁତି ସମୀକ୍ଷା



- ୧୧ ଜିଲ୍ଲାପାଳଙ୍କ ସହିତ ଆଲୋଚନା
- ଶତପ୍ରତିଶତ ସ୍ଥାନାନ୍ତରଣ
- ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗଲେ ୨୩୩୮ ଗର୍ଭବତୀ
- ଆଶ୍ରୟସ୍ଥଳରେ ରନ୍ଧା ଖାଦ୍ୟଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ
- ବାତ୍ୟା ଉପରେ ନଜର ରଖିଛନ୍ତି ପ୍ରଧାନମନ୍ତ୍ରୀ
- ସହାୟତା ପାଇଁ କେନ୍ଦ୍ର ପ୍ରସ୍ତୁତ

**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ବାତ୍ୟା ଦାନା ଦ୍ୱାରା ୧୧ ଜିଲ୍ଲାର ୩୮ ବ୍ଲକ ଅନ୍ତର୍ଗତ ୧୬୫୩ ଗ୍ରାମ , ୯ ପୌରାଞ୍ଚଳ ଓ ୨୬ ୱାର୍ଡ ପ୍ରଭାବିତ ହେବାର ସମ୍ଭାବନା ରହିଛି। ତଳିଆ ଓ ବିପଦଶଙ୍କୁଳ ଅଞ୍ଚଳରୁ ସମୁଦାୟ ୩,୬୨,୦୦୦ ଲୋକଙ୍କୁ ସ୍ଥାନାନ୍ତରିତ କରିବାର ଲକ୍ଷ୍ୟ ରହିଛି। ଗୁରୁବାର ଦିନ ୧୧ଟା ସୁଦ୍ଧା ୩ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ଭାବେ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସନ୍ଧ୍ୟା ସୁଦ୍ଧା ସ୍ଥାନାନ୍ତର ପ୍ରକ୍ରିୟାରେ ଶତ ପ୍ରତିଶତ ସଫଳତା ହାସଲ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକସେବା ଭବନଠାରେ ବାତ୍ୟା ଦାନା ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, କଟକ, ଖୋର୍ଦ୍ଧା ଓ ଯାଜପୁର ଜିଲ୍ଲାପାଳଙ୍କ ସହିତ ବାତ୍ୟା ମୁକାବିଲା ପ୍ରସ୍ତୁତିର ଅଗ୍ରଗତି ସଂପର୍କରେ ଆଲୋଚନା କରିଛନ୍ତି। ସମୀକ୍ଷା ପରେ ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରୁ ୨୩୩୮ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ଡାକ୍ତରଖାନା ଓ ମା' ଗୃହକୁ ସ୍ଥାନାନ୍ତର କରାଯାଇଛି।

ସୂଚନାଯୋଗ୍ୟ ଯେ, ଗତକାଲି ସନ୍ଧ୍ୟାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ବାତ୍ୟା ପ୍ରସ୍ତୁତିର ସମୀକ୍ଷା ଅବସରରେ ସ୍ଥାନାନ୍ତରଣ କରିବା ପକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଂପ୍ରତି ଏହି ସବୁ ଜିଲ୍ଲା ଗୁଡିକରେ ୮୪୨ଟି ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଓ ୬୪୪୩ଟି ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ମିଶାଇ ସମୁଦାୟ ୭୨୮୫ଟି ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ ଅଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଓଡିଶାର ବାତ୍ୟା ପରିସ୍ଥିତି ଉପରେ ➪ପୃଷ୍ଠା-୬

## ମା' ତୁଝେ ସଲାମ୍



କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳର ଆଶା ଦିଦି ଶିବାନୀ ମଣ୍ଡଳ ଜଣେ ବୃଦ୍ଧାଙ୍କୁ ସୁରକ୍ଷିତ ସ୍ଥାନକୁ ନେଉଛନ୍ତି। ଶିବାନୀ ଭଉଣୀଙ୍କ ଭଳି ଅନେକ ଯୋଦ୍ଧାଙ୍କ ପାଇଁ ଆମେ ଗର୍ବିତ ଓ ସୁରକ୍ଷିତ।

## କିନ୍ତୁ ପରନ୍ତୁ ଛାଡ଼ି ଆଶ୍ରୟ ସ୍ଥଳକୁ ଆସ

**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ଲ୍ୟାଣ୍ଡଫଲ୍ କରିବ 'ଦାନା'। ଏହାପରେ ଆଗାମୀ ୪୮ ଘଣ୍ଟା ବାତ୍ୟା ଆମକୁ କଷ୍ଟ ଦେବ, ଯନ୍ତ୍ରଣା ଦେବ। ମାତ୍ର ପରେ ଯନ୍ତ୍ରଣା ପ୍ରଶମିତ ହେବ, ଆମ କଷ୍ଟ ଲାଘବ ହେବ। ଓଡ଼ିଶାବାସୀ ବହୁ ବାତ୍ୟାର ସମ୍ମୁଖୀନ ହୋଇଛନ୍ତି। ଆତଙ୍କିତ, ବିଚଳିତ ହୁଅନ୍ତୁ ନାହିଁ। ଘରେ କି ରାସ୍ତା ଉପରେ ରହନ୍ତୁ ନାହିଁ। ସବୁଠୁ ନିରାପଦ ସ୍ଥଳ ହେଉଛି ବାତ୍ୟା ଆଶ୍ରୟ ସ୍ଥଳ । ତେଣୁ ଘର ଛାଡ଼ି ବାତ୍ୟା ଆଶ୍ରୟ ସ୍ଥଳକୁ ଆସନ୍ତୁ ବୋଲି ବାତ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଞ୍ଚଳବାସୀଙ୍କୁ ଏପରି ଅପିଲ୍ କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ।

ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ସେ କହିଛନ୍ତି, ପ୍ରଭାବିତ ଆଶଙ୍କା ଥିବା ଜିଲ୍ଲାର ଗ୍ରାଉଣ୍ଡରେ ପହଞ୍ଚି ସାରିଛନ୍ତି ରେସକ୍ୟୁ ଟିମ୍। ପରବର୍ତ୍ତୀ ୪୮ ଘଣ୍ଟା ଆମକୁ କଷ୍ଟ କରିବାକୁ ପଡ଼ିବ। ୧୩ ଜିଲ୍ଲାରେ ଆଲର୍ଟରେ ଅଛନ୍ତି ସରକାର ଓ ପ୍ରଶାସନ। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ଲୋକ ପ୍ରତିନିଧି ଓ ପୁଲିସ୍ ଫୁଲ୍ ଦମ୍‌ରେ ଲାଗିଛନ୍ତି। ପ୍ରାୟ ୧୦ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ଅଧିକ ସଂଖ୍ୟକ ଲୋକଙ୍କୁ ସ୍ଥାନାନ୍ତର କରାଯିବ। ରାଜ୍ୟରେ ମୋଟି ୬ହଜାର ୫ଶହ ରିଲିଫ ସେଣ୍ଟର ପ୍ରସ୍ତୁତ କରାଯାଇଛି। ରିଲିଫ୍ ସେଣ୍ଟରକୁ ଯାଇ ଜୀବନ ସୁରକ୍ଷିତ କରିବାକୁ ଅପିଲ୍ କରିଛନ୍ତି ରାଜସ୍ୱ ମନ୍ତ୍ରୀ।

ବାତ୍ୟା ଲ୍ୟାଣ୍ଡଫଲ୍ କରିବା ପରେ ୪୮ ଘଣ୍ଟା ଆମକୁ କଷ୍ଟ ଦେବ। ମାତ୍ର ପରେ ଆମ କଷ୍ଟ ଲାଘବ ହେବ । ଓଡ଼ିଶାବାସୀ ବହୁ ବାତ୍ୟାର ମୁକାବିଲା କରିଛନ୍ତି ଆଉ ପୁଣି ଥରେ ମୁଣ୍ଡ ଟେକି ଜୀବନ ବଞ୍ଚିଛନ୍ତି। ତେଣୁ ଘର ଛାଡ଼ି ସେଠାକୁ ଆସନ୍ତୁ। ରିଲିଫ ସେଣ୍ଟରରେ ଥିବା ଲୋକଙ୍କ ସୁବିଧାକୁ ପ୍ରାଥମିକତା ଦିଆଯାଉଛି। ସେଣ୍ଟରରେ ରହୁଥିବା ଲୋକଙ୍କୁ କେତେ ଦିନ ଖାଦ୍ୟ,ମେଡିସିନ ଦିଆଯିବ ତାହାର ନିଷ୍ପତ୍ତି ଜିଲ୍ଲାପାଳ ନେବେ। ଏଥିନିମନ୍ତେ



ଖୋଲା ହାତରେ ଖର୍ଚ୍ଚ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି। ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ସେ କହିଛନ୍ତି। ବାତ୍ୟା ପୂର୍ବରୁ ଗାଁକୁ ଖାଲି କରାଯାଉଥିବାରୁ ଗାଁରେ ପାଟ୍ରୋଲିଂ କରାଯାଉଛି। ସବୁଠି ପଇଁତରା ମାରୁଛି ପୁଲିସ୍ । ରିଲିଫ ➪ପୃଷ୍ଠା-୬

## ଯୋଗାଣ ମନ୍ତ୍ରୀଙ୍କ ଗୋଦାମ ରେଡ୍



**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଗୁରୁବାର ସନ୍ଧ୍ୟାରେ ଅଚାନକ କଟକ ଗସ୍ତ କରିଛନ୍ତି । ସେଠାରେ ମାଲଗୋଦାମସ୍ଥିତ ବିଭିନ୍ନ ଗୋଦାମ ଏବଂ ଛତ୍ରବଜାର ଆଳୁ ଗୋଦାମରେ ଚଢ଼ାଉ କରି ଗଚ୍ଛିତ ସାମଗ୍ରୀର ସ୍ଥିତି ଯାଞ୍ଚ କରିଛନ୍ତି। ଏଠାରେ ପ୍ରଚୁର ପରିମାଣର ସାମଗ୍ରୀ ମହଜୁଦ ରହିଛି ଏବଂ ସମସ୍ତ ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତି ଥିବା ➪ପୃଷ୍ଠା-୬

## ବାତ୍ୟାବେଳେ ବ୍ୟାହତ ହେବନି ଟେଲିକମ ସେବା

**ଭୁବନେଶ୍ୱର, ୨୪।୧୦(ସଂଚାର ବ୍ୟୁରୋ):** ରେଡ୍ ଜୋନର ୭ଟି ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂପୁର, ମୟୂରଭଞ୍ଜ, ଯାଜପୁର ଓ କଟକରେ ଭାରତ ସରକାରଙ୍କ ଦୂରସଂଚାର ବିଭାଗର ମାର୍ଗଦର୍ଶନ ଏବଂ ବିଭିନ୍ନ ଟେଲେକମ ପ୍ରଦାନକାରୀ ସଂସ୍ଥା ଯଥା ବିଏସଏନଲ, ଜିଓ, ଏୟାରଟେଲ ଓ ଭୋଡାଫୋନର ସମୁଚିତ ସହଯୋଗରେ ଆଜି ସକାଳ ୮ ଟାରୁ ଇଣ୍ଟ୍ରା ସର୍କଲ୍ ରୋମିଂ କାର୍ଯ୍ୟକାରୀ କରାଯାଇଛି ବୋଲି ଇଲୋକ୍ଟ୍ରୋନିକସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଏହା ଦ୍ୱାରା ଗୋଟିଏ ଟେଲିକମ କମ୍ପାନୀର ଗ୍ରାହକ ଅନ୍ୟ ଟେଲିକମ କମ୍ପାନୀର ➪ପୃଷ୍ଠା-୬

## ଦୁଇ ବିମାନକୁ ବୋମା ଧମକ; ସୁରକ୍ଷା ଯାଞ୍ଚ

**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ପୁଣିଥରେ ବିଭିନ୍ନ ବିମାନକୁ ମିଳିଛି ବୋମା ଧମକ। ଗୁରୁବାର ୮୫ଟି ବିମାନରେ ବୋମା ଥିବା କଥା ଧମକ ଦିଆଯାଇଛି। ଇଣ୍ଡିଗୋ, ଏୟାର ଇଣ୍ଡିଆ, ଭିସ୍ତାରା ଓ ଏୟାର ଆକାଶର ପ୍ରାୟ ୮୫ଟି ବିମାନକୁ ଦୁର୍ବୃତ୍ତମାନେ ବୋମା ବିସ୍ଫୋରଣର ଧମକ ଦେଇଛି। ଏହି ଧମକ ପରେ ଭୁବନେଶ୍ୱର ଓ ଝାରସୁଗୁଡ଼ରେ ଆତଙ୍କ ଦେଖିବାକୁ ମିଳିଛି। ଓଡ଼ିଶାର ଏହି ଦୁଇ ଏୟାରପୋର୍ଟରେ ଥିବା ଦୁଇ ବିମାନକୁ ବୋମା ଧମକ ମିଳିବା ପରେ ହଇଚଇ ସୃଷ୍ଟି ହୋଇଛି।

ଭୁବନେଶ୍ୱର ଏୟାରପୋର୍ଟ ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛ, ବିମାନରେ ବୋମା ଥିବା ନେଇ ଏକ ଧମକ ମିଳିଥିଲା। ଏକ୍ସ ଜରିଆରେ ବୋମା ବିସ୍ଫୋରଣର ଧମକ ଦିଆଯାଇଥିଲା। ➪ପୃଷ୍ଠା-୬




## ଶଙ୍ଖ ଭବନରେ ଫଟୋ ସେସନ୍

- ମୋବାଇଲ୍‌ରେ ବତ୍ୟା ମୁକାବିଲା କରୁଛି ବିଜେଡି
- ଶୀତତାପ ନିୟନ୍ତ୍ରିତ କୋଠରିରେ ମାମଲତକାର
- ନବୀନଙ୍କ ବାତ୍ୟା ବାର୍ତ୍ତାକୁ ଉପହାସ

**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):**ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ମୋବାଇଲରେ ବାତ୍ୟା ମୁକାବିଲା କରୁଛି ବିଜେଡି। ବିଜେଡିର ଏଭଳି ବାତ୍ୟା ମୁକାବିଲା ମଡେଲ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ସରକାରରେ ଥିବାବେଳେ କ୍ଷେତ୍ର ସ୍ତରକୁ ଯାଉଥିବା ବିଜେଡି ବାବୁମାନେ ବାତ୍ୟା ସମୟରେ ଲୋକଙ୍କ ନିକଟରେ ଛିଡା ହେବା ବଦଳରେ ଶୀତତାପ ନିୟନ୍ତ୍ରିତ କୋଠରୀରେ ବସି ମୋବାଇଲ୍ ସ୍କ୍ରିନ୍‌କୁ ଚାହିଁଛନ୍ତି । ଯଦି କେଉଁଠୁ ଫୋନ୍ ଆସୁଛି ତେବେ ତାକୁ କେବଳ ଆଶ୍ୱାସନା ମିଳୁଛି। କାଁ ଭାଁ ଜଣେ ଦି ଜଣଙ୍କୁ ବାଦ ଦେଲେ ଅନ୍ୟ ବିଜେଡି ନେତାମାନଙ୍କର ବାତ୍ୟାଞ୍ଚଳରେ ଦେଖାଦର୍ଶନ ନାହିଁ ।

ମାମଲତକାରମାନେ ମଧ୍ୟ କ୍ଷେତ୍ର ସ୍ତରକୁ ଯିବାକୁ ଉଚିତ୍ ମଣୁ ନାହାନ୍ତି । ରାଜ୍ୟ ସରକାର ଓ ବିଜେପି ଲୋକଙ୍କ ସହାୟତା ପାଇଁ ମୋବାଇଲ୍ ନମ୍ବର ଜାରି କରିବାପରେ ସମ୍ମାନ ରକ୍ଷାପାଇଁ ବିଜେଡି ମଧ୍ୟ ଦୁଇଟି ମୋବାଇଲ୍ ନମ୍ବର ଜାରି କରିଛି । ହେଲେ କେତେ ଲୋକଙ୍କୁ ବାତ୍ୟାଞ୍ଚଳରେ କି ପ୍ରକାର ସହାୟତା ଯୋଗାଇ ଦେଉଛି ସେ ସଂକ୍ରାନ୍ତରେ କୌଣସି ସୂଚନା ନାହିଁ । ବାବୁମାନେ ଦଳୀୟ କୋଠରିରେ ନିରାପଦରେ ବସି ମୋବାଇଲ୍ ସ୍କ୍ରିନକୁ ଚାହିଁଥିବାବେଳେ ବାତ୍ୟାଞ୍ଚଳର କିଛି ମାମଲତକାର କିନ୍ତୁ ଜିଲ୍ଲା ଛାଡି ଅନ୍ୟଆଡେ ମାମଲତି କରିବାକୁ ପଳାଉଥିବା ଦେଖିବାକୁ ମିଳୁଛି।



ପ୍ରବଳ ପବନ, ଲଗାଣ ବର୍ଷା ସହିତ ବିଜୁଳି ଘଡଘଡିକୁ ବିଜେଡି ନେତାମାନେ ଯେଭଳି ମୋବାଇଲ୍‌ରେ ମୁକାବିଲା କରୁଛନ୍ତି ତାହା ଓଡିଶା ପାଇଁ ନୂଆ ବୋଲି ଖୋଦ ବିଜେଡି କର୍ମୀମାନେ କହୁଛନ୍ତି । ତେବେ ବିଜେଡିର ଏଭଳି ଅଭିନବ ବାତ୍ୟା ମୁକାବିଲା ଓ ସହାୟତା ସଂକ୍ରାନ୍ତରେ ଖୋଦ୍ ଦଳପତି ଜାଣିଛନ୍ତି କି ତାହାକୁ ନେଇ ଦଳୀୟ କର୍ମୀମାନେ ଆଶଙ୍କା ପ୍ରକାଶ କରୁଛନ୍ତି । କାରଣ ବାତ୍ୟା ପୂର୍ବରୁ ନବୀନ ଯେଭଳି ବାର୍ତ୍ତା ଜାରି କରିଥିଲେ ତାହାକୁ ନେଇ ବିଜେଡିର ମାମଲତକାରମାନେ ଆକ୍ସନମୁଡ୍‌କୁ ଆସି କ୍ଷେତ୍ର ସ୍ତରରେ ପହଞ୍ଚିବେ ବୋଲି ଅନେକ ଆଶା କରିଥିଲେ । ହେଲେ କାହା ରଣନୀତି ଓ ନିର୍ଦ୍ଦେଶରେ ବିଜେଡିର ବାବୁମାନେ ଦୁଇ ଦୁଇଟି ➪ପୃଷ୍ଠା-୬

## ବୈଜୟନ୍ତଙ୍କର ଦେଖା ନାହିଁ

## ଆକାଶକୁ ଚାହିଁ ଚାହିଁ ହତାଶ



**କେନ୍ଦ୍ରାପଡା, ୨୪।୧୦ (ସଂଚାର ବ୍ୟୁରୋ):** ଜିଲ୍ଲାବାସୀଙ୍କ ସୁଖ ଦୁଃଖରେ ସର୍ବଦା ଛିଡା ହେଉଥିବା ସାଂସଦ ବୈଜୟନ୍ତ ପଣ୍ଡାଙ୍କର କିନ୍ତୁ ବାତ୍ୟା ବେଳେ ଦେଖାନାହିଁ । ବିପଦ ସମୟରେ ସାଂସଦ ତାଙ୍କ ନିକଟରେ ନିଶ୍ଚିତ ଛିଡାହେବେ ବୋଲି ଆଶାକରି କେନ୍ଦ୍ରାପଡାବାସୀ ଆକାଶକୁ ଚାହିଁ ଚାହିଁ ହତାଶ ହୋଇଛନ୍ତି । ବୈଜୟନ୍ତ ଏବେ କେନ୍ଦ୍ରାପଡାର ସାଂସଦ ଥିବାବେଳେ ଦିଲ୍ଲୀ ନିର୍ବାଚନ ପ୍ରଭାରୀ ଅଛନ୍ତି। ତେବେ ବାତ୍ୟା ସମୟରେ ନେତାମାନେ ନିଜ ନିଜ ଇଲାକାରେ ରହିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝି କହିବାପରେ କେନ୍ଦ୍ରାପଡାବାସୀ ଆଶା କରିଥିଲେ ବୈଜୟନ୍ତ ନିଶ୍ଚୟ ଆସି ପହଞ୍ଚିବେ । ହେଲେ ସେମିତି କିଛି ହେଲାନାହିଁ । ଗୋଟିଏ ପଟେ ଜିଲ୍ଲାରେ ବାତ୍ୟା ସ୍ଥଳ ଭାଗ ଛୁଇଁବାର ଭୟ ଗୋଡାଉଥିବାବେଳେ ବୈଜୟନ୍ତଙ୍କ ଅପେକ୍ଷାରେ ଆକାଶକୁ ଅନାଇ ଅନାଇ ହତାଶ ହୋଇଥିବା ବହୁ କେନ୍ଦ୍ରାପଡାବାସୀ ଏବେ ମନେ ମନେ ରକ୍ତଚାଉଳ ଚୋବାଉଛନ୍ତି। ତେବେ ଏବେ ବି ଅନେକ ଆଶା ବାନ୍ଧିଛନ୍ତି ଯେ ବୈଜୟନ୍ତ ନିଶ୍ଚିତ ଆସି ତାଙ୍କ ନିକଟରେ ଛିଡାହେବେ । ହେଲେ କେତେବେଳେ ବୈଜୟନ୍ତ ଆସିବେ ତାହା କେହି କହିପାରୁ ନାହାନ୍ତି ।

## ବାତ୍ୟା ପୂର୍ବରୁ ବିଦ୍ୟୁତ୍ କାଟ୍

# ଅନ୍ଧାରରେ ଅନେକ ଅଞ୍ଚଳ

**କେନ୍ଦ୍ରାପଡ଼ା, ୨୪।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ବାତ୍ୟା ପ୍ରଭାବ ପ୍ରଭାବ ପଡ଼ିବା ପୂର୍ବରୁ ବିଦ୍ୟୁତ୍ ଗାୟବ୍ ହୋଇପଡିଛି। ଜିଲ୍ଲାର ଅଧିକାଂଶ ଅଞ୍ଚଳ ଗତ ବୁଧବାର ରାତିରୁ ଅନ୍ଧାର ଘେରରେ ଥିବା ଦେଖିବାକୁ ମିଳିଛି। ପବନର ବେଗ ଅଧିକ ଦେଖା ଦେଇନଥିଲେ ମଧ୍ୟ ବିଦ୍ୟୁତ୍ ବିତରଣ ସଂସ୍ଥା କେଉଁ କାରଣ ପାଇଁ ଘଣ୍ଟା ଘଣ୍ଟା ଧରି ଉପଭୋକ୍ତାଙ୍କୁ ଆଧାରରେ ରଖିଲା ତାକୁ ନେଇ ପ୍ରଶ୍ନ ଉଠିଛି । ଜିଲ୍ଲାର ଥିବା ମାର୍ଶାଘାଇ, ମହାକାଳପଡା, ରାଜନଗର, ଡେରାବିଶ, ଗରଦପୁର ସମେତ କେନ୍ଦ୍ରାପଡ଼ା ବ୍ଲକର କିଛି ଅଞ୍ଚଳରେ ମଧ୍ୟ ବିଦ୍ୟୁତ୍ କାଟ୍ କରିଥିବା ଅସନ୍ତୋଷ ପ୍ରକାଶ କରିଛନ୍ତି ଲୋକେ ।

### ଆଶ୍ରୟସ୍ଥଳରେ ଅବ୍ୟବସ୍ଥା

# ବ୍ଲକ ପ୍ରଶାସନର ଅବହେଳା, ଖାଇବାକୁ ପାଇଲେନି ୫୦୦ ବିପନ୍ନ

**କେନ୍ଦ୍ରାପଡା, ୨୪।୧୦ (ସଂଚାର ବ୍ୟୁରୋ):** ବାତ୍ୟା ବିପନ୍ନମାନେ ଯେପରି କୌଣସି ସମସ୍ୟାରେ ନପଡିବେ ସେ ନେଇ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବ, ଉପମୁଖ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ସମୀକ୍ଷା କରୁଛନ୍ତି। ହେଲେ ତୃଣମୂଳ ସ୍ତରରେ ବିପନ୍ନଙ୍କ ପାଖରେ ଖାଦ୍ୟ ପହଞ୍ଚିବାରେ ବିଳମ୍ବ ହେଉଛି। ଫଳରେ ବିପନ୍ନମାନେ ଉପାସରେ ରହୁଛନ୍ତି। ଏହିପରି ଏକ ଘଟଣା ଘଟିଛି କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଂସାର ପଞ୍ଚାୟତରେ।

ଏହି ପଞ୍ଚାୟତରେ ଥିବା ବିଭିନ୍ନ ଆଶ୍ରୟସ୍ଥଳ ଯେପରି ଏଣ୍ଡର ୟୁଜିୟୁପି ବିଦ୍ୟାଳୟ, ଚନ୍ଦନପୁର ପ୍ରାଥମିକ ବିଦ୍ୟାଳୟ, କଂସାର ସାହାସପୁର ନୋଡାଲ ଉଚ୍ଚବିଦ୍ୟାଳୟ, ମାଲୁଆ ପ୍ରାଥମିକ ବିଦ୍ୟାଳୟ, ଫୋରଡ଼ ପ୍ରାଥମିକ ବିଦ୍ୟାଳୟ, ଚନ୍ଦନପୁର ପ୍ରାଥମିକ ବିଦ୍ୟାଳରେ ଗୁରୁବାର ସକାଳୁ ୫୦୦ରୁ ଅଧିକ ବିପନ୍ନ ରହିଥିଲେ। ହେଲେ



ସେମାନଙ୍କୁ ରନ୍ଧା ଖାଦ୍ୟ ମିଳି ନଥିଲା କି ଶୁଖିଲା ଖାଦ୍ୟ ମିଳି ନଥିଲା। ଏ ନେଇ ଖବର ପାଇ ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ଜେନା ବିପନ୍ନଙ୍କ ପାଖରେ ପହଞ୍ଚିଥିଲେ। ସେ ବିପନ୍ନଙ୍କ ସମସ୍ୟା ଦେଖି ଜିଲା ପ୍ରଶାସନ ସହ ଯୋଗଯୋଗ କରିଥିଲେ। ଏହା ସହ ରାଜ୍ୟ ସରକାରଙ୍କ ଟୋଲ ଫ୍ରି ନମ୍ବରରେ ଅଭିଯୋଗ କରିଥିଲେ। ସେ କହିଛନ୍ତି ବ୍ଲକ ପ୍ରଶାସନର ଅବହେଳା ପାଇଁ ୫୦୦ ଲୋକ ଉପବାସରେ ରହିଲେ। ସବୁଠାରୁ ସମସ୍ୟାରେ ପଡିଥିଲେ। ଛୋଟ ଶିଶୁ ତେଣୁ ସେ ନିଜ ଉଦ୍ୟମରେ ଛୋଟ ଶିଶୁଙ୍କ ପାଇଁ ଖାଦ୍ୟ ଯୋଗାଡ କରିଥିଲେ। ଏହାସହ ବିପନ୍ନ ଓ ଗର୍ଭବତୀ ପାଇଁଙ୍କ ପାଇଁ ଶୁଖିଲା ଖାଦ୍ୟ ଯୋଗାଡ କରିଥିଲେ। ଏହାସହ ବିପନ୍ନଙ୍କ ପାଇଁ ଖାଦ୍ୟ, ପାଣି, ଦିଆସିଲ ଓ ମହମବତୀ ଯୋଗାଡ କରିଥିଲେ। ଏ ନେଇ ଜିଲ୍ଲା ପ୍ରଶାସନର ଜରୁରୀକାଳୀନ ବିଭାଗକୁ ଯୋଗାଯୋଗ କରିବାରୁ ଉତ୍ତର ମିଳିଲା ବିପନ୍ନମାନଙ୍କୁ ଦିନରେ କୌଣସି ଖାଦ୍ୟପେୟ ବ୍ୟବସ୍ଥା ହୋଇ ନଥିଲା। ହେଲେ ରାତିରେ ଖାଦ୍ୟ ପ୍ରଦାନ କରାଯିବ।

# ମୃତକଙ୍କ ପରିବାରକୁ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ସହାୟତା

**କେନ୍ଦ୍ରାପଡ଼ା, ୨୪।୧୦ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅଧିନ ସାତଭଉଣୀ ମଣ୍ଡଳ (ଜୋନ-୩୫) ଅନ୍ତର୍ଗତ ବଡମୁଲବସନ୍ତ ଗାଁର ସଂଜୁ ମଳିକଙ୍କ ପୁତ୍ର ଜୟରାମ ମଳିକଙ୍କର ସାପ କାମୁଡାରେ ଅକାଳ ମୃତ୍ୟୁ ହୋଇଥିଲା। ଏହି ଖବର ପାଇ ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ାର ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବିଜେପି ଜିଲ୍ଲା ଉପସଭାପତି ଅଭିମନ୍ୟୁ ଗୋଛାୟତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୃତକଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ବାସଭବନରେ ପହଞ୍ଚି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମହିଳା ମୋର୍ଚ୍ଚା ରାଜ୍ୟ ସମ୍ପାଦିକା କାନନବାଳା ଦାସ, ମଣ୍ଡଳ ସଭାପତି ମନମୋହନ ପାତ୍ର, ଶକ୍ତିକେନ୍ଦ୍ର ପ୍ରମୁଖ ନିରାକାର ଦାସଙ୍କ ସମେତ ତୁଷାରକାନ୍ତ ଅଧିକାରୀ,ସୁଧୀରଞ୍ଜନ ପ୍ରଧାନ ଓ ସଂଗ୍ରାମ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।



# ବାତ୍ୟା ଆଶ୍ରୟସ୍ଥଳୀ ବୁଲି ଦେଖିଲେ ବିଧାୟକ



**କଣାସ, ୨୪।୧୦ (ସଂଚାର ବ୍ୟୁରୋ):** ସାମୁଦ୍ରିକ ଝଡ ଦାନା ପ୍ରଭାବରେ ପୁରୀ ଜିଲ୍ଲାରେ ବ୍ୟାପକ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଥିବାରୁ ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କଣାସ ବ୍ଲକ ବିଡିଓ ନାରାୟଣ ସାହୁ, ତହସିଲିଦାର ସନ୍ତୋଷ କୁମାର ପାଣିଗ୍ରାହୀ, କଣାସ ।।ଇ ଆଇ ସି ରାକେଶ କୁମାର ତ୍ରୀପାଠୀ, ଗଡ଼ିସାଗୋଦା ଆଇ ଆଇ ସି ଦୁର୍ଗାଚରନ ମହାପାତ୍ର, ତିନି ଦିନ ହେଲା କଣାସ ବ୍ଲକର ୨୮ ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଜନସାଧାରଣ ମାନଙ୍କୁ ସଚେତନ କରିବା ସହିତ ବିଭିନ୍ନ ସ୍ଥାନରେ ଥିବା ୨୪ ଟି ବାତ୍ୟା ଆଶ୍ରୟସ୍ଥଳୀ ଓ ବିଦ୍ୟାଳୟକୁ ଅସାହୟ ଲୋକମାନେ ଯିବାକୁ କହିବାରୁ ଆଜି ସଂଧ୍ୟା ସୁଧା ସାତ ଶହରୁ ଊର୍ଦ୍ଧ୍ୱ ଅସାହୟ ଲୋକ ପହଁଚିଥିବା ଜଣାପଡ଼ିଛି। ବିଡିଓଙ୍କ ନିର୍ଦ୍ଦେଶକ୍ରମେ ସରପଞ୍ଚ ମାନେ ବାତ୍ୟା ଆଶ୍ରୟସ୍ଥଳୀରେ ଲୋକମାନଙ୍କୁ ରନ୍ଧା ଖାଦ୍ୟ ମଧ୍ୟାହ୍ନ ଭୋଜନ ଦେଇଥିବା ଜଣାପଡ଼ିଛି। ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଆଜି ବାତ୍ୟା ଆଶ୍ରୟସ୍ଥଳୀ ଓ ବିଦ୍ୟାଳୟମାନଙ୍କରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ଭେଟି ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ବିଧାୟକଙ୍କ ସହିତ ବିଡିଓ, ତହସିଦାର, ଆଇ ଆଇସି ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ତୁହାକୁ ତୁହା ବର୍ଷା ଲାଗିରହିଥିବାରୁ ଜମିରେ ଥିବା ଥୋଡୁଓ ଧାନ ନଷ୍ଟ ହେବା ସମ୍ଭାବନା ଥିବାରୁ ଚାଷିମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବିଭିନ୍ନ ଗଣମାଧ୍ୟମରେ ବାତ୍ୟା ସମ୍ପର୍କରେ ଘନ ଘନ ପ୍ରଚାର ହେଉଥିବାରୁ ଲୋକମାନେ ଭୟଭିତ ଅବସ୍ଥାରେ ଥିବାବେଳେ ବଜାର, ରାସ୍ତାଘାଟ ଦିନ ତମାମ ଜନଶୂନ୍ୟ ହୋଇପଡ଼ିଛି।

# 'ଦାନା' ମୁକାବିଲା ପ୍ରସ୍ତୁତିରେ ତତ୍ପର ଜିଲ୍ଲା ପ୍ରଶାସନ

**ଜଗତସିଂହପୁର, ୨୪।୧୦ (ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା ଘନୀଭୂତ ହୋଇସାରିଛି ଏବଂ ଆଜି ମଧ୍ୟରାତ୍ର ସୁଦ୍ଧା ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯାହା ଫଳରେ ୨୪ ସକାଳ ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସହ ପବନ ବୋହିବାର ସମ୍ଭାବନା ରହିଛି।ଏହି ପରୀପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ସମସ୍ତ ପ୍ରଭାବିତ ଜିଲ୍ଲା ସହ ଯୋଡି ହୋଇ ବାତ୍ୟା ପ୍ରସ୍ତୁତି ବିଷୟ ପୁନଃ ସମୀକ୍ଷା କରି ଯଥାଶୀଘ୍ର ପ୍ରଭାବିତ ଅଞ୍ଚଳରେ ଥିବା ଲୋକମାନଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଯୋଡି ହୋଇ ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଯାମିନୀ ଷଡ଼ଙ୍ଗୀ ଜିଲ୍ଲାର ପ୍ରସ୍ତୁତି ସଂପର୍କରେ ସୂଚନା ଦେଇଥିଲେ ।

ଦାନାର ପ୍ରଭାବରେ ଆଜି ସକାଳ ୮ରୁ ସନ୍ଧ୍ୟା ୫ ମଧ୍ୟରେ ୧୪୪.୫ ମି ମି ବର୍ଷା ହୋଇଥିବାବେଳେ ଜିଲ୍ଲାରେ ହାରାହାରି ୧୬.୦୫ ମି.ମି ବର୍ଷା ହେଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଘଡଘଡି ଓ ବିଜୁଳି ଏଵଂ ୮୦ ରୁ ୧୦୦ କି.ମି ବେଗରେ ପବନ ବୋହିବାର ସମ୍ଭାବନା ରହିଛି।ସନ୍ଧ୍ୟା ୫ ଟା ସୁଦ୍ଧା ଜିଲ୍ଲାର ପାରାଦ୍ୱୀପ ମ୍ୟୁନିସପାଲିଟି, କୁଜଙ୍ଗ, ଏରସମା, ବାଲିକୁଦା ଅଞ୍ଚଳ ରୁ ୩୧୦୨୯ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇସାରିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ସେଥି ମଧ୍ୟରୁ ୩୪୫ ଜଣ ଗର୍ଭବତୀ ମହିଳା ରହିଛନ୍ତି। ଗର୍ଭବତୀ, ପ୍ରସୂତୀ ତଥା ନବଜାତ ଶିଶୁ ମାନଙ୍କ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପାରାଦ୍ୱୀପ, ତଥା



ସି ଏଚ୍ ସି, ପି ଏଚ୍ ସି ରେ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି ବୋଲି ଜିଲ୍ଲାପାଳ କହିଥିଲେ। ଆଶ୍ରୟ ସ୍ଥଳରେ ଗାଈ ଗୋରୁ ରହିଛନ୍ତି ଓ ସେମାନଙ୍କ ପାଇଁ ଗୋଖାଦ୍ୟ, ଶୁଖିଲା ଫୋଡର, ମୋବାଇଲ ଭେଟେନାରୀ ୟୁନିଟ୍,୨୪ ଟି ରାପିଡ ରେସପନସ ଟିମ ରହିଛନ୍ତି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଆଶ୍ରୟ ସ୍ଥଳ ନିମନ୍ତେ ପାଣି ବୋତଲ, ମୋବାଇଲ ଟ୍ରିଟମେଣ୍ଟ ୟୁନିଟ,୨୯ ଟି ପାଣି ଟ୍ୟାଙ୍କ, ପ୍ରତ୍ୟେକ ବ୍ଲକ୍ ନିକଟରେ ଗୋଟିଏ ଜେସିବି, ଆବଶ୍ୟକ ପରିମାଣରେ ଔଷଧ, ଓଆରଏସ ସମସ୍ତ ପିଏଚସି, ସି ଏଚ୍‌ସି ପାଖରେ ମହଜୁଦ ଅଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ।

ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ଦ୍ୱାରା ପାରାଦ୍ୱୀପ ପୋର୍ଟରେ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ସତର୍କ କରାଯାଇଛି ବୋଲି ସେ କହିଥିଲେ। ଜିଲ୍ଲାରେ ପାରାଦ୍ୱୀପ, ଏରସମା, କୁଜଙ୍ଗ ବାଲିକୁଦା ଆଦି ପ୍ରଭାବିତ ଅଞ୍ଚଳରେ ପବନ ବୋହିବା ଯୋଗୁଁ ଉପୁଡ଼ି ଯାଇଥିବା ଗଛକୁ ଓଡ୍ରାଫ ଏନଡ଼ିଆରଏଫ ଟିମ ଦ୍ୱାରା କଟାଯାଇ ରାସ୍ତା ପରିଷ୍କାର କରାଯାଉଛି। ସମସ୍ତ ଆଶ୍ରୟ ସ୍ଥଳରେ ସକାଳେ ଚୁଡ଼ା ଗୁଡ଼ ସହ ମଧ୍ୟାହ୍ନରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ସେହିପରି ସନ୍ଧ୍ୟାରେ ମହମବତୀ, ଦିଆସିଲି, ଶୁଖିଲା ଖାଦ୍ୟ ଯୋଗାଇ ଦିଆଯିବ। ପ୍ରକାଶ ଥାଉକି, ଜିଲ୍ଲାର ସମସ୍ତ ବିଧାୟକ, ମ୍ୟୁନିସପାଲିଟି ଅଧ୍ୟକ୍ଷା ମଧ୍ୟ ଆଶ୍ରୟସ୍ଥଳ ପରିଦର୍ଶନ କରି ଲୋକମାନଙ୍କୁ ଭୟଭୀତ ନ ହେବା ପାଇଁ ପରାମର୍ଶ ଦେବାସହ ସମସ୍ତ ସୁବିଧା ସୁଯୋଗ ବିଷୟରେ ପଚାରି ବୁଝିଥିଲେ।

# ବିଜେପିରେ ଯୋଗଦେଲେ ୨୪ ସମିତି ସଭ୍ୟ/ସଭ୍ୟା

**ଢେଙ୍କାନାଳ, ୨୪।୧୦ (ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଓ ଢେଙ୍କାନାଳ ବିଧାୟକ ତଥା ରାଜ୍ୟସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଦୃଢ଼ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ଗତ ମଙ୍ଗଳବାର ଢେଙ୍କାନାଳ ସଦର ବ୍ଲକର ୨୪ ଜଣ ସମିତି ସଭ୍ୟ/ସଭ୍ୟ ବିଜେଡି ଛାଡି ମନ୍ତ୍ରୀଙ୍କ ସ୍ଥାନୀୟ ଦକ୍ଷିଣକାଳୀସ୍ଥିତ କାର୍ଯ୍ୟାଳୟରେ ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ବିଜେପିରେ ଯୋଗଦାନ କରିଥିଲେ । ସମସ୍ତଙ୍କୁ ଦଳୀୟ ଉତରୀ ଓ ଟୋପି ପିନ୍ଧାଇ ମନ୍ତ୍ରୀ ଶ୍ରୀ ପାତ୍ର ଦଳକୁ ସ୍ୱାଗତ କରିଥିଲେ। ବିଜେପିରେ ସାମିଲ ହୋଇଥିବା ସମିତି ସଭ୍ୟ/ସଭ୍ୟ ମାନେ ହେଲେ ବଳଦିଆବନ୍ଧ ଗ୍ରାମପଂଚାୟତର ଅଞ୍ଜନ ବେହେରା, ବାଲ୍ୟମ୍ବା ଗ୍ରାମପଂଚାୟତର ଜୟକୃଷ୍ଣ ପଣ୍ଡା, ବନସିଂ ଗ୍ରାମପଂଚାୟତର ରଂଜିତା ନାଏକ, ବାରଦା ଗ୍ରାମପଂଚାୟତର ସରିତା ବେହେରା, ଭାଲିଆବୋଲକାଟେଣୀ ଗ୍ରାମପଂଚାୟତର ଝରଣା ନାଏକ, ଭାପୁର ଗ୍ରାମପଂଚାୟତର ଜ୍ୟୋସ୍ନାରାଣୀ ଖଟୁଆ, ଚନ୍ଦ୍ରଶେଖରପ୍ରସାଦ ଗ୍ରାମପଂଚାୟତର ରବି ନାରାୟଣ ବେହେରା, ଚାଉଳିଆ ଗ୍ରାମପଂଚାୟତର କାଳନ୍ଦୀ ବାରିକ, ଧୀରପାଟଣା ଗ୍ରାମପଂଚାୟତର ପ୍ରଣତି ବରାଳ, ଗେଙ୍ଗୁଟିଆ ଗ୍ରାମପଂଚାୟତର ଚିନା ନାଏକ, ଗୋବିନ୍ଦପୁର ଗ୍ରାମପଂଚାୟତର ବୈଦ୍ୟନାଥ ବେହେରା, କଙ୍କଡ଼ାହାଡ଼ ଗ୍ରାମପଂଚାୟତର ରାଧା ବେହେରା, କାଙ୍କଡ଼ପାଳ ଗ୍ରାମପଂଚାୟତର ସରୋଜିନୀ ନାଏକ, ମଧୁସାହୁପାଟଣା ଗ୍ରାମପଂଚାୟତର ଗୀତାଞ୍ଜଳି ସାହୁ, ମଙ୍ଗଳପୁର ଗ୍ରାମପଂଚାୟତର ପ୍ରଶାନ୍ତ କୁମାର ବେହେରା, ନଡ଼ିଆଳି ଗ୍ରାମପଂଚାୟତର ସଂଧାରାଣୀ ବେହେରା, ନୂଆଗାଁ ଗ୍ରାମପଂଚାୟତର ପ୍ରଶାନ୍ତ ବେହେରା, ରାଧାଦେଇପୁର ଗ୍ରାମପଂଚାୟତର ଗଙ୍ଗାଧର ସେଠୀ, ଶଙ୍କରପୁର ଗ୍ରାମପଂଚାୟତର ନୀଳମଣି ରାଉତ, ସାଂକୁଳେଇ ଗ୍ରାମପଂଚାୟତର ଅପର୍ଣ୍ଣା ରଥ, ସପ୍ତଶଯ୍ୟା ଗ୍ରାମପଂଚାୟତର ଲକ୍ଷ୍ମଣ ଟୁଡୁ, ସୋଗାରପସୀ ଗ୍ରାମପଂଚାୟତର ସର୍ବେଶ୍ୱର ନାଏକ, ତଳବାରକୋଟ ଗ୍ରାମପଂଚାୟତର ପ୍ରତିମା ନାଏକ ଓ ତରଭା ଗ୍ରାମପଂଚାୟତର ଜୟନ୍ତୀ ବେହେରା । ଉକ୍ତ ମିଶ୍ରଣ ପର୍ବରେ ଜିଲ୍ଲା ଉପସଭାପତି ବିଷ୍ଣୁ ପ୍ରସାଦ ଲେଙ୍କା, ମନ୍ତ୍ରୀଙ୍କ ସଦର ବ୍ଲକ ପ୍ରତିନିଧି ଜ୍ଞାନରଞ୍ଜନ ନାୟକ, ପୌରପରିଷଦ ପ୍ରତିନିଧି ସନ୍ତୋଷ ରାଉତ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ମହାଦୀପ ଯଶୋବନ୍ତ ମହିମାଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# କେତେ ପ୍ରସ୍ତୁତ ଗୋପାଳପୁରର ବହୁମୁଖି ବାତ୍ୟା ଆଶ୍ରୟସ୍ଥଳ !

**ବ୍ରହ୍ମପୁର, ୨୪।୧୦ (ସଂଚାର ବ୍ୟୁରୋ):** ଓଡିଶା ଉପକୂଳରେ ବାତ୍ୟା କଥା କହିଲେ ସମସ୍ତଙ୍କର ସିଧାସଳଖ ନଜର ଯାଇଥାଏ ଗୋପାଳପୁର ବେଳାଭୂମି ପ୍ରତି । ଚଳିତ ସାମ୍ଭାବ୍ୟ ବାତ୍ୟା ଦାନାକୁ ନେଇ ପାଣିପାଗ ବିଭାଗର ସତର୍କ ସୂଚନା ମିଳିବା ପରେ ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସାମ୍ଭାବ୍ୟ ବାତ୍ୟାକୁ ମୁକାବିଲା କରିବା ପାଇଁ ବସୁଛି ଘନ ଘନ ବୈଠକ । ଏପରିକି ସମସ୍ତ ବିଭାଗ ମଧ୍ୟରେ ଯେପରି ସମନ୍ୱୟ ରକ୍ଷା କରାଯାଇ ସମସ୍ତ ପ୍ରକାର କାର୍ଯ୍ୟ କରାଯିବ ତାହାକୁ ନେଇ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଏହାକୁ ନେଇ ବାତ୍ୟା ଆଶ୍ରୟସ୍ଥଳ ଗୁଡିକୁ ପ୍ରସ୍ତୁତ କରି ରଖିବାକୁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଭଳି ସମୟରେ ଗୋପାଳପୁର ଠାରେ ରହିଥିବା ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀରେ କେତେ ପ୍ରସ୍ତୁତ ରହିଛି ତାହାକୁ ଅନୁଧ୍ୟାନ କଲେ ଜଣାଯାଏ ଏଠାରେ ପାନୀୟଜଳ ଠାରୁ ଆରମ୍ଭ କରି ବିଦ୍ୟୁତ୍, ଶୁଖିଲା ଖାଦ୍ୟ ଭଳି ସମସ୍ତ ବିଷୟକୁ ଦିଆଯାଇଛି ଗୁରୁତ୍ୱ। ଗୋପାଳପୁରରେ ରହିଥିବା ବାତ୍ୟା ଆଶ୍ରୟସ୍ଥଳରେ ବାତ୍ୟା ସମୟରେ ତଳିଆ ଅଞ୍ଚଳରୁ ଉଦ୍ଧାର କରିବାକୁ ରହିଥିବା ଗର୍ଭବତୀ ମହିଳାଙ୍କ ଠାରୁ ଆରମ୍ଭ କରି ବୃଦ୍ଧ ଓ ବୃଦ୍ଧା ଏବଂ କଚା ଘରେ ରହୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ କିପରି କଣ ବ୍ୟବସ୍ଥା କରାଯାଇଛି ତାହାକୁ ଅନୁଧ୍ୟାନ କରିଥିଲେ ଗଣମାଧ୍ୟମ।

ଗୋପାଳପୁରର ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା ଦାୟିତ୍ୱରେ ରହିଥିବା ସଂପାଦକ ଜି.ମୋହନ ରାଓଙ୍କ କହିବା କଥା ବାତ୍ୟା ଆସିବା ଖବର ପାଇ ବାତ୍ୟା ଆଶ୍ରୟସ୍ଥଳକୁ ସଂପୂର୍ଣ୍ଣ ଭାବରେ ପ୍ରସ୍ତୁତ କରାଯାଇ ରଖାଯାଇଛି। ଆଶ୍ରୟସ୍ଥଳରେ ରହିଥିବା ପାଣିଟାଙ୍କିରେ ପାଣି ଭର୍ତ୍ତୀ କରି ରଖାଯିବା ଠାରୁ ଆରମ୍ଭ କରି ସେଠାକାର ପାଇଖାନା ସଫେଇ କରିବା ସହିତ ସମସ୍ତ ରୁମ୍ ଗୁଡିକୁ ସଫେଇ କରି ରଖାଯାଇଛି। ଗୋପାଳପୁରରେ ଯେଉଁ ମାନେ କଚ୍ଚା ଘରେ ରହୁଛନ୍ତି ଏବଂ ଗର୍ଭବତୀ ରହିଛନ୍ତି ସେମାନଙ୍କୁ ସୂଚିତ କରାଯାଇଛି । ଆବଶ୍ୟକ ପଡିଲେ ସେମାନଙ୍କୁ ଉଦ୍ଧାର କରାଯାଇ ସେଠାକୁ ଅଣାଯିବ ବୋଲି କୁହାଯାଇଛି ।



ଏପରିକି ଗୋପାଳପୁରର ବାତ୍ୟା ଆଶ୍ରୟସ୍ଥଳରେ ବିଦ୍ୟାଳୟ ଚାଲିଥିବା ବେଳେ ସମସ୍ତ କକ୍ଷ ଗୁଡିକ ସଫେଇ ରହିଥିବା ବେଳେ ପାଇଖାନା କବାଟ ଗୁଡିକର ସ୍ଥିତି ସଠିକ୍ ନଥିବା ବେଳେ ବାତ୍ୟା ଆଶ୍ରୟସ୍ଥଳ ପରିସରରେ ଗୋଟିଏ ରୁମ୍‌ରେ ବିଦ୍ୟାଳୟ ଚାଲିଥିବା ଏବଂ ଅନ୍ୟଏକ ରୁମ୍ ରେ ଅଙ୍ଗନାୱାଡି କେନ୍ଦ୍ର ଚାଲିଥିବା ଦେଖିବାକୁ ମିଳିଥିଲା ।

ପୂର୍ବ ବାତ୍ୟାରେ ଦେଖାଦେଇଥିବା ସମସ୍ୟାକୁ ଦିଆଯାଉଛି ଗୁରୁତ୍ୱ। ପୂର୍ବରୁ ଯେଉଁ ସବୁ ବାତ୍ୟା ହୋଇଥିଲା ତାହାକୁ ଚଳିତଥରର ସାମ୍ଭାବ୍ୟ ବାତ୍ୟା ସମୟରେ ପୂର୍ବ ବାତ୍ୟାରେ ଦେଖାଦେଇଥିବା ସମସ୍ୟାକୁ ଗୁରୁତ୍ୱ ଦିଆଯାଉଥିବା କୁହାଯାଇଛି। ବିପଦସଂଙ୍କୁଳ ଘରେ ରହୁଥିବା ବ୍ୟକ୍ତିବିଶେଷମାନେ ନିଜର ମୂଲ୍ୟବାନ ସାମଗ୍ରୀ ଧରି ଗୋଟିଏ ସ୍ଥାନରେ ଏକାଠୀ କରି ରଖିବାକୁ ବାର୍ତ୍ତା ଦିଆଯାଇଥିବା ବେଳେ ସମସ୍ତେ ଆବଶ୍ୟକ ହେଲେ ବାତ୍ୟା ଆଶ୍ରୟସ୍ଥଳକୁ ଯିବା ପାଇଁ ପ୍ରସ୍ତୁତ ହୋଇ ରହିବାକୁ କୁହାଯାଇଛି ।

# ମୁକାବିଲା ପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପ୍ରସ୍ତୁତ

**ଖୋର୍ଦ୍ଧା, ୨୪।୧୦ (ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା 'ଦାନା' ମୁକାବିଲା ଲାଗି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ତତ୍ପର ହୋଇଛି। ପ୍ରଶାସନ ପକ୍ଷରୁ ଘଡ଼ିକୁ ଘଡ଼ି ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ପ୍ରସ୍ତୁତି ବୈଠକ ହେଉଥିବା ବେଳେ ବାତ୍ୟା ମୁକାବିଲା ଲାଗି ଆବଶ୍ୟକ ସାମଗ୍ରୀ ମହଜୁଦ ରଖାଯାଇଛି। ସଜାଗ ରହିବା ଲାଗି ଜିଲ୍ଲାର ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆଇଏମଡ଼ି ଓ ଏସଆରସିଙ୍କ ପକ୍ଷରୁ ସିଭିୟର ସାଇକ୍ଲୋନିକ ଷ୍ଟର୍ମର ୱାର୍ଣ୍ଣି ଦିଆଯାଇଛି । ୨୪ ତାରିଖ ସୁଦ୍ଧା ବାତ୍ୟାରେ ପରିଣତ ହୋଇ ୨୫ ତାରିଖ ସକାଳ ସୁଦ୍ଧା ଓଡ଼ିଶା ଉପକୂଳ ଛୁଇଁବାର ସମ୍ଭାବନା ରହିଛି, ଏ ନେଇ ଆଗୁଆ ସତର୍କ କରାଇଛନ୍ତି ଏସଆରସି । ପବନର ବେଗ ୧୦୦ ରୁ ୧୨୦ କିଲୋମିଟର ବେଗରେ ହୋଇପାରେ ବୋଲି ମଧ୍ୟ କୁହାଯାଇଛି। ଆଜିଠାରୁ ୨୬ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି । କିନ୍ତୁ ଖୋର୍ଦ୍ଧା ଜିଲ୍ଲା ୟେଲୋ ଓ ଅରେଞ୍ଜ ୱାର୍ଣ୍ଣ ରହିଥିବା ସୂଚନା ମିଳୁଛି। ଏ ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ମଧ୍ୟ ଜିଲ୍ଲାପାଳମାନଙ୍କୁ ରିଭ୍ୟୁ ମିଟିଙ୍ଗ ଦ୍ୱାରା ଜିଲ୍ଲାରେ ବାତ୍ୟା ସମ୍ପର୍କରେ ସମସ୍ତ ଅଧିକାରୀ କିପରି ପ୍ରସ୍ତୁତ ରହିଛନ୍ତି ତାର ସମୀକ୍ଷା କରିଛନ୍ତି ।

ଜିଲ୍ଲାର ୯୩ ପଞ୍ଚାୟତର ୬୩୯ ଟି ଗାଁ ଜଳମଗ୍ନ ହେବାର ସମ୍ଭାବନା ରହିଛି ଯାହାକୁ ଚିହ୍ନଟ କରାଯାଇଛି। ଏହି ଗାଁ ଗୁଡିକରେ ପାଖାପାଖି ୨୦ ହଜାର ଲୋକ ବସବାସ କରୁଛନ୍ତି। ଏଥିଲାଗି ଜିଲ୍ଲା ପ୍ରଶାସନ ପ୍ରତ୍ୟେକ ବ୍ଲକରେ ଜଣେ ଲେଖାଏଁ ସିନିୟର ଅଫିସର ନିୟୋଜିତ କରିବା ସହିତ ବ୍ଲକ ଲୋକାଲ ବଡିରେ ରିଲିଫ ରେସକ୍ୟୁ ଟିମକୁ ସଂଯୋଗ କରାଯାଇଛି ,ଯେଉଁମାନେ ୨୪ ଘଣ୍ଟା ଆକ୍ଟିଭ ରହିବେ । ସମ୍ଭାବ୍ୟ ବାତ୍ୟା କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଖୋର୍ଦ୍ଧା ପକ୍ଷରୁ ପ୍ରତିକାରାତ୍ମକ ପଦକ୍ଷେପ ସ୍ୱରୂପ ବର୍ତ୍ତମାନ ସୁଦ୍ଧା ସ୍ଥାନାନ୍ତର ହୋଇଥିବା ଗର୍ଭବତୀ ମହିଳା ମାନଙ୍କ ସଂଖ୍ୟା ହେଲା ବାଲିଅନ୍ତା-୩, ଜଟଣୀ-୨, ବୋଲଗଡ଼-୯, ଚିଲିକା-୧୦,ଭୁବନେଶ୍ୱର ଗ୍ରାମାଞ୍ଚଳ-୧୫ ,ଖୋର୍ଦ୍ଧା-୧୧ ମୋଟ ୪୮ ଜଣ ବ୍ଲକ ସ୍ତରୀୟ ,କ୍ୟାପିଟାଲ ହସପିଟାଲ -୩୮,କିମସ-୮, ସରକାରୀ ହସ୍ପିଟାଲ ଭୁବନେଶ୍ୱର-୧୫, ଝାରପଡ଼ା-୨, ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ -୩୮, ଏମ୍ସ ଭୁବନେଶ୍ୱର -୫, ମୁନିସିପାଲିଟି ହସ୍ପିଟାଲ- ୬, ହିଟଚୀ ହସ୍ପିଟାଲ- ୫ , ବିଏମସି-୧ ସର୍ବମୋଟ ୧୭୯ ଜଣ ଗର୍ଭବତୀ ମହିଳା ଓ ୮ ଜଣ ସ୍ତନ୍ୟପାନ କରାଉଥିବା ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁବିଧା ମୁତାବକ ସ୍ଥାନାନ୍ତର କରାଯାଇଛି।



ସେହିପରି ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳ ଓ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳରେ ରହୁଥିବା ଲୋକମାନଙ୍କୁ ରନ୍ଧା ଖାଦ୍ୟ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଉଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ଓଡ୍ରାଫ ବାହିନୀ ମୁତୟନ ହେବା ସହ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ଅଛନ୍ତି। ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ , ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ ସମେତ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ ନିଜ ନିଜର ଦାୟିତ୍ୱ ନେଇଥିବା ଅଞ୍ଚଳ ପ୍ରତି ସଜାଗ ରହିବା ସହ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିଛନ୍ତି । ଜିଲ୍ଲାରେ ତୁହାକୁ ତୁହା ବର୍ଷା ଲାଗିରହିଥିବା ସହ ପବନର ବେଗ ବର୍ତ୍ତମାନ ସୁଦ୍ଧା ଧୀରେ ଧୀରେ ବଢ଼ି ଚାଲିଛି ।

### ବାତ୍ୟା ଭାଙ୍ଗିଲା ବହୁ ବର୍ଷର ପରମ୍ପରା

# ଫିକା ପଡ଼ିଲା କେନ୍ଦ୍ରାପଡ଼ାର ଗଜଲକ୍ଷ୍ମୀ ଭସାଣି

**କେନ୍ଦ୍ରାପଡ଼ା, ୨୪।୧୦ (ସଂଚାର ବ୍ୟୁରୋ):** ବାତ୍ୟା 'ଦାନା' କେନ୍ଦ୍ରାପଡ଼ାର ବହୁ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପରମ୍ପରାକୁ ଭାଙ୍ଗି ଦେଇଛି। ପୂର୍ବରୁ ଦୁଇଦିନ ଧରି ହେଉଥିବା ଭସାଣି ଚଳିତ ବର୍ଷ ଗୋଟିଏ ଦିନରେ ଶେଷ ହୋଇଛି। ପରମ୍ପରା ଅନୁସାରେ ମା' ଥାନପତି ପ୍ରଥମେ ମେଲଣ ପଡିଆରେ ପହଞ୍ଚି ଭୋଗ ଖାଇବା ପରେ ଅନ୍ୟାନ୍ୟ ମଣ୍ଡପର ମା' ଲକ୍ଷ୍ମୀ ଭସାଣି ନିମନ୍ତେ ବାହାରିଥାନ୍ତି । ହେଲେ ଚଳିତ ବର୍ଷ ବାତ୍ୟାକୁ ଦୃଷ୍ଟିରେ ରଖି ସମସ୍ତ ପୂଜା କମିଟି କିଭଳି ଭସାଣି ଶେଷ କରିବେ ସେନେଇ ନିର୍ଦ୍ଦେଶ ଜାରି କରାଯାଇଥିଲା।

ପୁରୁଣା ବସଷ୍ଟାଣ୍ଡର ଥାନପତିଙ୍କ ପକ୍ଷରୁ ମେଲଣକୁ ପ୍ରତିବର୍ଷ ଯାଉଥିବା ମେଢ ଗୁଡିକ ନିକଟରେ ମଙ୍ଗଳବାର ରାତିରେ ଭୋଗ ପହଞ୍ଚାଇ ଦିଆଯିବା ସହିତ ସେମାନଙ୍କୁ ବୁଧବାର ସକାଳେ ସିଧା ବିସର୍ଜନ ଘାଟକୁ ଯିବାକୁ ପରାମର୍ଶ ଦିଆଯାଇଥିଲା । କିନ୍ତୁ ପୂଜା କମିଟି ଗୁଡିକ ପ୍ରଶାସନର ନିର୍ଦ୍ଦେଶକୁ ଫୁ କରିଦେଇଥିବା ଦେଖିବାକୁ ମିଳିଛି । ଚଳିତବର୍ଷ ବାତ୍ୟା ଯୋଗୁଁ ଗଜଲକ୍ଷ୍ମୀ ମେଲଣକୁ ବନ୍ଦ କରିଦିଆଯାଇଛି। ନୂଆ ବସଷ୍ଟାଣ୍ଡସ୍ଥିତ ଥାନପତି ମେଢ ପ୍ରାୟ ପୂର୍ବାହ୍ନ ୧୧ଟା ବେଳେ ନିଜ ଆସ୍ଥାନ ଛାଡି ତଳକୁ ଆସି ବସିଥିଲେ । ସେ ନୂଆ ବସଷ୍ଟାଣ୍ଡସ୍ଥିତ ବିସର୍ଜନ ଘାଟରେ ପ୍ରଥମେ ଯାଇ ବସିବା କଥା କିନ୍ତୁ ସେ ସେହିସ୍ଥାନକୁ ଗଲେ ନାହିଁ । କାକଟମଙ୍ଗଳା ମେଢ ଅପରାହ୍ନ ୨ଟାରେ ଆସ୍ଥାନ ଛାଡି



**ବିନା ଡିଜେରେ ହେଲା ଭସାଣି**
**ମୁଖ୍ୟ ସ୍ଥାନକୁ ଗଲେନି ମା' ଥାନପତି**

ଭୋଗ ଖାଇବାକୁ ବାହାରିଲେ । ବଣିଆମାଳ ମେଢ ଅପରାହ୍ନ ୪ଟାରେ ଆସ୍ଥାନ ଛାଡି ଭୋଗ ଖାଇବାକୁ ବାହାରିଲେ । ପୁରୁଣା ବସଷ୍ଟାଣ୍ଡ ଥାନପତି ଅପରାହ୍ନ ସାଢେ ୨ଦୁଇଟାରେ ଆସ୍ଥାନ ଛାଡିଥିଲେ । ଅନ୍ନପୂର୍ଣ୍ଣା ମେଢ ସନ୍ଧ୍ୟା ୬ଟାରେ ବିସର୍ଜନ ଘାଟକୁ ଯାଉଥିବା ବେଳେ ଅନ୍ୟ ସମସ୍ତ ମେଢ ଗୁଡିକ ଗୋଟିଏ ପରେ ଗୋଟିଏ ଭୋଗଖାଇ ବିସର୍ଜନ ଘାଟକୁ ଯାଉଥିବାର ଦେଖାଯାଇଥିଲା। ସେହିପରି ପୁରୁଣା ବସ୍‌ଷ୍ଟାଣ୍ଡରୁ କେଶପୁର ଆଡକୁ ଯିବାକୁ ଥିବା ମେଢଗୁଡିକ ମଧ୍ୟରେ ବ୍ୟାସ ସରୋବର ସାନ୍ତସାହି, କନ୍ଦରାସୁର ପୂଜା କମିଟି ମନକରପୁର, ଶନିଲକ୍ଷ୍ମୀ ପୂଜା କମିଟି ଟାଉନ ବଳରାମପୁର, ଗଜଲକ୍ଷ୍ମୀ ପୂଜା କମିଟି ଗୋପ, ଗଜଲକ୍ଷ୍ମୀ ପୂଜା କମିଟି ନସଡିପୁର, ରାଧାକୃଷ୍ଣ ପୂଜା କମିଟି ସାନମଙ୍ଗଳା, ଲକ୍ଷ୍ମୀନାରାୟଣ ପୂଜା କମିଟି ଭଗେଶ୍ୱରପୁର, ନନ୍ଦିଘୋଷ ପୂଜା କମିଟି ଟାଉନ ବଳରାମପୁର, ରାମସୀତା ପୂଜା କମିଟି ସାନ୍ତସାହି, କେଶପୁର ଗଜଲକ୍ଷ୍ମୀ ପୂଜା କମିଟି, କାଞ୍ଚି ଅଭିଯାନ ପୂଜା କମିଟି ସୁନ୍ଦରାପାଳ ଓ ଶ୍ରେୟା ଚଣ୍ଡାଳୁଣୀ ପୂଜା କମିଟି ଏକଣାଖଣ୍ଡି ପ୍ରମୁଖ ନିଜ ନିଜ ଆସ୍ଥାନରୁ ବାହାରି ଭୋଗଖାଇ ବିସର୍ଜନ ଘାଟ ଅଭିମୁଖେ ଯାଇଥିଲେ।

ଚଳିତ ବର୍ଷ ପରମ୍ପରାକୁ ଭଙ୍ଗ କରାଯାଇ ବିନା ଡିଜେରେ ଭଷାଣୀ ଉତ୍ସବ ସମାପନ ହୋଇଛି । ଏହାକୁ କେନ୍ଦ୍ରାପଡାର ଜନସାଧାରଣ ସମର୍ଥନ ଜଣାଇଛନ୍ତି । କାରଣ ଡିଜେ ବାଜିବା ଦ୍ୱାରା ପୂର୍ବରୁ କେନ୍ଦ୍ରାପଡା ଜିଲ୍ଲାରେ ବହୁ ଲୋକଙ୍କର ମୂଲ୍ୟବାନ ଜୀବନହାନୀ ଘଟିଛି । କେତେକ ସ୍ଥାନରେ ସାମାନ୍ୟ ବଚସାକୁ ଛାଡିଦେଲେ କେନ୍ଦ୍ରାପଡାରେ ଶାନ୍ତିଶୃଙ୍ଖଳାର ସହ ଭଷାଣୀ ଉତ୍ସବ ଶେଷ ହୋଇଛି। ବାତ୍ୟା ଦାନା ପରିପ୍ରେକ୍ଷୀରେ ପ୍ରଶାସନ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଓ ନିର୍ଦେଶକୁ ପୂଜା କମିଟି ଗୁଡିକ ମାନି ନଥିବା ଦେଖିବାକୁ ମିଳିଛି । ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା।

### ହତ୍ୟା ମାମଲା

# ତିନି ଭାଇଙ୍କୁ ଆଜୀବନ ଜେଲ୍

**ବ୍ରହ୍ମପୁର, ୨୪।୧୦ (ସଂଚାର ବ୍ୟୁରୋ):** ପୁଞ୍ଜିଭୂତ ଅଶାନ୍ତରୁ ପାଟପୁର ଥାନା ଅନ୍ତର୍ଗତ ବାସୁଦେବପୁର ଗ୍ରାମର କୁ ଲୁ ପ୍ରଧାନ ଙ୍କୁ ହ ତ କରାଯାଇଥିଲା। ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରା ଜଜ (ଏଡିଜେ)-୧ ଡା. ଇନ୍ଦୁ ଶର୍ମା ଗୁରୁବାର ଉକ୍ତ ହତ୍ୟା ମାମଲାର ଚୂଡାନ୍ତ ରାୟ ପ୍ରକାଶ କରି ଛନ୍ତି। ପ୍ରତ୍ୟକ୍ଷ ଦ ର୍ଶୀ ଓ କେମିକାଲ ରିପୋର୍ଟକୁ ଆଧାର କରି ତିନି ଭାଇଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ସ୍ୱର୍ଗତ ପ୍ରକାଶ ପ୍ରଧାନଙ୍କ ତିନି ପୁଅ ବୁଡୁ ପ୍ରଧାନ(୩୫), ସନ୍ତୋଷ ପ୍ରଧାନ (୩୨) ଓ ମିଥୁନ ପ୍ରଧାନ (୩୦)। ଏଡିଜେ ଉକ୍ତ ତିନି ଅଭିଯୁକ୍ତଙ୍କୁ ପ୍ରତକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ପ୍ରତ୍ୟେକଙ୍କୁ ଏକ ବର୍ଷ ଲେଖାଏ ଜେଲ ଦଣ୍ଡ ପାଇଁ ସେ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ସରକାରଙ୍କ ପକ୍ଷରୁ ଉକ୍ତ ମାମଲା ପରିଚାଳନା ପାଇଁ ନିଯୁକ୍ତ ହୋଇଥିବା ପବ୍ଲିକ ପ୍ରସିକ୍ୟୁଟର ତ୍ରିଲୋଚନ ପରିଡା ସୂଚନା ଦେଇଛନ୍ତି । ଉକ୍ତ ଗ୍ରାମର କୁଲୁ ପ୍ରଧାନ ଓ ବୁଡୁ ଓ ପ୍ରଧାନ କକା ପୁଅ ଭାଇ ଅଟନ୍ତି। ସେମାନଙ୍କ ମଧ୍ୟରେ ଜମି ଭାଗ ବଣ୍ଟା ଓ ଅନ୍ୟାନ୍ୟ ଘରୋଇ ସମ୍ପତ୍ତିଙ୍କୁ କେନ୍ଦ୍ର କରି ଘରୋଇ ବିବାଦ ଲାଗିରହିଥିଲା। ୨୦୨୩ ଜୁଲାଇ ୨୮ ତାରିଖ ରାତ୍ର ଉକ୍ତ ତିନି ଅଭିଯୁକ୍ତ କୁଲୁ ପ୍ରଧାନ ଘର ପାଖକୁ ଯାଇ ତାଙ୍କ ସହ ଝଗଡା କରିଥିଲେ। ପରେ ତାଙ୍କୁ ଟାଙ୍ଗି ଆ ଓ ଶାବଳରେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ଏନେଇ ମୃ ତ କ ଙ୍କ ଭା ଇ ସନ୍ତୋଷ ପାଟପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪୭୩/୨୩ରେ ପୋଲିସ ଉକ୍ତ ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ୧ କରିଥିଲା। ପରେ ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଏଡିଜେ ଗୁରୁବାର ଉକ୍ତ ରାୟ ପ୍ରକାଶ କରିଛନ୍ତି।

# ଶିକ୍ଷା, ଦକ୍ଷତା ଓ ଗବେଷଣା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ତ୍ୱରିତ ହେବ

## 'ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଓ ଦକ୍ଷତା ପରିଷଦ ବୈଠକ'ରେ ଯୋଗଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

- ଏଆଇଇଏସସି ବୈଠକରେ ହୋଇଥିବା କାର୍ଯ୍ୟକୁ ଆଗେଇ ନେବା ପାଇଁ ସମ୍ମତି
- ସିଡନୀର 'ଅବର୍ଣ୍ଣ ଲର୍ଙ୍ଗ ଡେ ଚାଇଲ୍ଡ କେୟାର ସେଣ୍ଟର' ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ
- ଇନୋଭେଟିଭ୍ ରିସର୍ଚ୍ଚ ୟୁନିଭରସିଟିର ସଦସ୍ୟମାନଙ୍କ ସହ ସାକ୍ଷାତ



**ନୂଆଦିଲ୍ଲୀ,୨୪।୧୦:** ଅଷ୍ଟ୍ରେଲିଆ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆଜି ସିଡନୀ ଠାରେ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାର ଏବଂ ଦକ୍ଷତା ଓ ତାଲିମ ମନ୍ତ୍ରୀ ଏ. ଗିଲ୍ସଙ୍କ ସହ 'ଦ୍ୱିତୀୟ ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ ଦକ୍ଷତା ପରିଷଦ ବୈଠକ' (ଏଆଇଇଏସସି)ରେ ଯୋଗଦେଇଛନ୍ତି। ଶିକ୍ଷା, ଦକ୍ଷତା ଓ ଗବେଷଣା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ତ୍ୱରିତ କରିବା ନେଇ ବୈଠକରେ ଫଳପ୍ରଦ ଆଲୋଚନା ହୋଇଛି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ ଦକ୍ଷତା ପରିଷଦ ବୈଠକ ଦୁଇ ଦେଶ ମଧ୍ୟରେ ଜ୍ଞାନ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ପାରସ୍ପରିକ ପ୍ରାଥମିକତାକୁ ଆଗକୁ ନେବା ତଥା ଏହି କ୍ଷେତ୍ରରେ ନୂତନ ଭିତ୍ତିଭୂମି ସୃଷ୍ଟି କରିବାର ଏକ ଭଲ ମାଧ୍ୟମ ହୋଇଛି । ଏହି ବୈଠକ ଉଭୟ ଅଷ୍ଟ୍ରେଲିଆ ଓ ଭାରତର ଉଜ୍ଜ୍ୱଳ ଭବିଷ୍ୟତର ପରିକଳ୍ପନାରେ ଏକ ପ୍ରମୁଖ ପ୍ଲାଟଫର୍ମ ଭାବେ ଉଭା ହୋଇଛି। ଶିକ୍ଷା ଏବଂ ଦକ୍ଷତା ଭାରତ ଓ ଅଷ୍ଟ୍ରେଲିଆର ଆର୍ଥିକ ସମୃଦ୍ଧିକୁ ମଜଭୁତ କରିବ । ଉଭୟ ଦେଶର ଜନସାଧାରଣ ଏବଂ ଅନୁଷ୍ଠାନ ମଧ୍ୟରେ ସ୍ଥାୟୀ ସମ୍ପର୍କ ସ୍ଥାପନ ଦିଗରେ ଏହି ବୈଠକ ଏକ ଉତ୍ପ୍ରେରକ ହେବ । ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଏବଂ ଦକ୍ଷତା ଓ ତାଲିମ ମନ୍ତ୍ରୀ ଏଆଇଇଏସସି ବୈଠକରେ ନିଷ୍ପତ୍ତି ହୋଇଥିବା କାର୍ଯ୍ୟକୁ ଆଗେଇ ନେବା ପାଇଁ ସମ୍ମତି ପ୍ରକାଶ କରିଥିଲେ । ଭବିଷ୍ୟତକୁ ଦୃଷ୍ଟିରେ ରଖି ଶିକ୍ଷାର ଆବଶ୍ୟକତା, ଶିକ୍ଷା ଓ ଦକ୍ଷତା ମାଧ୍ୟମରେ ସ୍କିଲ ଦୂରତାକୁ ହ୍ରାସ କରିବା ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ୍ୟରେ ଗବେଷଣାକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଥିଲେ । ଏଆଇଇଏସସି ବୈଠକ ସ୍କୁଲ ଶିକ୍ଷା, ଦକ୍ଷତା ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ଭାଗିଦାରୀକୁ ମଜଭୁତ କରିବ । ଦୁଇ ଦେଶର ସମ୍ପର୍କକୁ ନିବିଡ଼ କରିବା ଏବଂ ୨୦୨୫ରେ ଭାରତରେ ପରବର୍ତ୍ତୀ ଏଆଇଇଏସସି ବୈଠକର ଯୋଜନା କରିବା ପାଇଁ ଉଭୟ ମନ୍ତ୍ରୀଙ୍କ ସହ ଫଳପ୍ରଦ ଆଲୋଚନା ହୋଇଥିବା ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏହି ଗସ୍ତ କାଳରେ ଇନୋଭେଟିଭ୍ ରିସର୍ଚ୍ଚ ୟୁନିଭରସିଟିର ସଦସ୍ୟମାନଙ୍କ ସହ ସାକ୍ଷାତ୍ କରିଥିଲେ । ସେ କହିଥିଲେ ଭାରତୀୟ ବିଶ୍ୱବିଦ୍ୟାଳୟ ଏବଂ ଅଷ୍ଟ୍ରେଲିଆର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଇନୋଭେସନ ରିସର୍ଚ୍ଚ ୟୁନିଭର୍ସିଟି ମଧ୍ୟରେ ସହଯୋଗୀ ଆଭିମୁଖ୍ୟ ଉପରେ ଭଲ ବୁଝାମଣା ହାସଲ କରିଛି । ଏହାବ୍ୟତିତ ଶ୍ରୀ ପ୍ରଧାନ ହିନ୍ଦୁ କାଉନସିଲ ଅଫ୍ ଅଷ୍ଟ୍ରେଲିଆ ପକ୍ଷରୁ ଆୟୋଜିତ ରାତ୍ରୀ ଭୋଜନରେ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଏବଂ ଦକ୍ଷତା ଓ ତାଲିମ ମନ୍ତ୍ରୀଙ୍କ ସହ ସାମିଲ ହୋଇଥିଲେ । ଅଷ୍ଟ୍ରେଲିଆରେ ଭାରତୀୟ ପାରମ୍ପରିକ ଜ୍ଞାନ ଓ ସଂସ୍କୃତିକୁ ବଞ୍ଚାଇ ରଖି 'ବସୁଧୈବ କୁଟୁମ୍ବକମ୍'ର ବାର୍ତ୍ତା ପ୍ରଚାର କରିଥିବାରୁ ହିନ୍ଦୁ କାଉନସିଲ ଅଫ୍ ଅଷ୍ଟ୍ରେଲିଆର କାର୍ଯ୍ୟକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ। ପ୍ରାରମ୍ଭିକ ଶିଶୁ ଶିକ୍ଷା କାର୍ଯ୍ୟବଳକୁ ଶିକ୍ଷିତ କରିବାରେ ଭାଗିଦାରୀର ସୁଯୋଗ ଅନ୍ୱେଷଣ ପାଇଁ ଶ୍ରୀ ପ୍ରଧାନ ସିଡନୀର 'ଅବର୍ଣ୍ଣ ଲର୍ଙ୍ଗ ଡେ ଚାଇଲ୍ଡ କେୟାର ସେଣ୍ଟର' ପରିଦର୍ଶନ କରିଥିଲେ ।

## ବାତ୍ୟା ସମୟରେ ଯାତ୍ରୀଙ୍କୁ ସୁବିଧା ଯୋଗାଇବାକୁ ରେଳବାଇର ପଦକ୍ଷେପ



**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳ ମୁହାଁ ହୋଇଥିବା ସାମୁଦ୍ରିକ ଝଡ଼ 'ଦାନା'କୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି, ଯେଉଁଥିରେ ସମ୍ପୃକ୍ତ ଜୋନାଲ ରେଳବାଇ ଅର୍ଥାତ୍ ପୂର୍ବତଟ ରେଳପଥ ଓ ଦକ୍ଷିଣ ପୂର୍ବ ରେଳପଥର ବାତ୍ୟା ମୁକାବିଲା ପ୍ରସ୍ତୁତି ସମୀକ୍ଷା କରାଯାଇଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ରେଳବାଇ ବୋର୍ଡର ଅଧ୍ୟକ୍ଷ ତଥା ସିଇଓ, ସମସ୍ତ ବୋର୍ଡ ସଦସ୍ୟ, ପୂର୍ବତଟ ରେଳପଥ ଏବଂ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ, ଖଡ଼ଗପୁର, ଚକ୍ରଧରପୁର, ଆଦ୍ରା ଓ ଖୋର୍ଦ୍ଧା ରୋଡର ଡିଭିଜନାଲ ରେଳ ପ୍ରବନ୍ଧକମାନେ ଯୋଗ ଦେଇଥିଲେ। କ୍ଷୟକ୍ଷତିକୁ ସର୍ବନିମ୍ନ ସ୍ତରରେ ରଖିବା ଲକ୍ଷ୍ୟ ନେଇ ଅଧିକରୁ ଅଧିକ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ରେଳମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରୀମାନେ ଯେପରି ସର୍ବନିମ୍ନ ଅସୁବିଧାର ସମ୍ମୁଖୀନ ହୁଅନ୍ତି ସେଥିପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ପୂର୍ବତଟ ରେଳପଥ ଓ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକମାନେ ରେଳ ବିଭାଗର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।

## 'ସ୍ୱାତନ୍ତ୍ର୍ୟ ବୀର ସାବରକର' ହେବ ଭାରତୀୟ ପାନୋରାମାର ଓପନିଂ ଫିଚର ଫିଲ୍ମ

**ନୂଆଦିଲ୍ଲୀ,୨୪।୧୦:** ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ (ଆଇଏଫଏଫଆଇ)ର ଏକ ପ୍ରମୁଖ ବିଭାଗ ଇଣ୍ଡିଆନ ପାନୋରାମା ଆଇଏଫଏଫଆଇର ୫୫ତମ ସଂସ୍କରଣରେ ପ୍ରଦର୍ଶିତ ହେବାକୁ ଥିବା ୨୫ଟି ଫିଚର ଫିଲ୍ମ ଏବଂ ୨୦ଟି ଅଣ-ଫିଚର ଫିଲ୍ମ ଘୋଷଣା ହୋଇଛି। ମୁଖ୍ୟ ସ୍ରୋତର ସିନେମାରୁ ୫ଟି ଚଳଚ୍ଚିତ୍ର ସମେତ ୨୫ଟି ଫିଚର ଫିଲ୍ମର ପ୍ୟାକେଜ ୩୮୪ ଟି ସମସାମୟିକ ଭାରତୀୟ ଫିଚର ଫିଲ୍ମର ବିସ୍ତୃତ ସ୍ପେକ୍ଟ୍ରମରୁ ଚୟନ କରାଯାଇଛି। ରଣଦୀପ ହୁଡ୍ଡାଙ୍କ ନିର୍ଦ୍ଦେଶିତ ଇଣ୍ଡିଆନ୍ ପାନୋରାମା ୨୦୨୪ର ଉଦଘାଟନୀ ଚଳଚ୍ଚିତ୍ର ପାଇଁ ଜୁରିଙ୍କ ପସନ୍ଦ ହେଉଛି 'ସ୍ୱାତନ୍ତ୍ର୍ୟ ବୀର ସାବରକର (ହିନ୍ଦୀ)'। ଏହାବ୍ୟତୀତ ୨୬୨ଟି ସିନେମାରୁ ଚୟନ ହୋଇଥିବା ଭାରତୀୟ ପାନୋରାମାରେ ୨୦ଟି ଅଣ-ଫିଚର ଫିଲ୍ମର ପ୍ୟାକେଜ୍ ପ୍ରଦର୍ଶିତ ହେବ। ଅଣ-ଫିଚର ଫିଲ୍ମର ପ୍ୟାକେଜ ଉଦୀୟମାନ ଏବଂ ପ୍ରତିଷ୍ଠିତ ଚଳଚ୍ଚିତ୍ର ନିର୍ମାତାଙ୍କ ସମସାମୟିକ ଭାରତୀୟ ମୂଲ୍ୟବୋଧକୁ ଦସ୍ତାବିଜ କରିବା, ଅନୁସନ୍ଧାନ କରିବା, ମନୋରଞ୍ଜନ କରିବା ଏବଂ ପ୍ରତିଫଳିତ କରିବା କ୍ଷମତାର ଉଦାହରଣ ଦେଇଥାଏ। ଶ୍ରୀ ହର୍ଷ ସାଙ୍ଗାନୀଙ୍କ ନିର୍ଦ୍ଦେଶିତ 'ଘର ଜୈସା କୁଛ୍ (ଲଦାଖୀ)' ଅଣ-ଫିଚର ବର୍ଗରେ ପ୍ରାରମ୍ଭିକ ଚଳଚ୍ଚିତ୍ର ପାଇଁ ଜୁରିଙ୍କ ପସନ୍ଦ ରହିଛି।

## ବେଦାନ୍ତ ପକ୍ଷରୁ 'ସ୍ୱର୍ଣ୍ଣ ପ୍ରାଶନ' ଅଭିଯାନ ଜାରି

### ୧୦ ବିଦ୍ୟାଳୟର ୩୭୦୦ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିଲା



**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ୍ ଆୟୁଷ ମନ୍ତ୍ରଣାଳୟ ସହଭାଗିଦାରୀରେ 'ସ୍ୱର୍ଣ୍ଣ ପ୍ରାଶନ' ଟିକାକରଣ ଅଭିଯାନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ବିସ୍ତୃତ ଅଭିଯାନ ଆରମ୍ଭ କରିଛି। ଏହା କଳାହାଣ୍ଡିର ୧୦ଟି ବିଦ୍ୟାଳୟର ଏବଂ ୩୭୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିଛି। ବ୍ରଜବିହାର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ମୁଖ୍ୟ କାର୍ଯ୍ୟକ୍ରମରେ ଜିଲ୍ଲା ଆୟୁଷ ଚିକିତ୍ସାଧିକାରୀ ଡାକ୍ତର ମୀନାକ୍ଷୀ ବେଡବାକ ଓ ଡାକ୍ତର କ୍ଷେତେରୋ କାଣ୍ଡ ଓ ବ୍ରଜବିହାର ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଶିକ୍ଷକ ମନୋଜ କୁମାର ମୁଣ୍ଡନ ପ୍ରମୁଖ ଉପସ୍ଥିତ ଥିଲେ। 'ସ୍ୱର୍ଣ୍ଣ ପ୍ରାଶନ' କାର୍ଯ୍ୟକ୍ରମକୁ ଚଳାଇବା ପାଇଁ ଆୟୁଷ ମନ୍ତ୍ରଣାଳୟ ସହ ଭାଗିଦାରୀ ଘୋଷଣା କରିବା ପରଠାରୁ ବେଦାନ୍ତ ଆଲୁମିନିୟମ ୫୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିଛି। ଓଡ଼ିଶା ସରକାର, ଆୟୁଷ ମନ୍ତ୍ରଣାଳୟର ସଚିବ ଓ ଅନ୍ୟ ସରକାରୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ସମର୍ଥନ କରୁଛି ଏବଂ ଆଉ ଦୁଇଟି ଜିଲ୍ଲା ଯଥା ରାୟଗଡ଼ା ଓ କୋରାପୁଟକୁ ସହାୟତା ପ୍ରଦାନ କରିବାକୁ ଯୋଜନା କରିଛି। ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ ଓଡ଼ିଶା ସରକାର ଏବଂ ଆୟୁଷ ମନ୍ତ୍ରଣାଳୟ ସହ ଆମର ସହଯୋଗ ମାଧ୍ୟମରେ ଆମେ ପୁରୁଣା, ପାରମ୍ପରିକ ଅଭ୍ୟାସ ମାଧ୍ୟମରେ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛୁ। 'ସ୍ୱର୍ଣ୍ଣ ପ୍ରାଶନ' କାର୍ଯ୍ୟକ୍ରମ ସାମୂହିକ ମୂଲ୍ୟବୋଧକୁ ସମ୍ମାନ ଦେବା ସହିତ ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଆମର ସମର୍ପଣକୁ ପ୍ରତିଫଳିତ କରୁଛି ଏବଂ ଆମେ ଭବିଷ୍ୟତ ପିଢ଼ିକୁ ସୁସ୍ଥ ଆକାର ପ୍ରଦାନ କରୁଛୁ। ବେଦାନ୍ତ ଆଲୁମିନିୟମର ବକ୍ସାଇଟ୍ ମାଇନ୍ସର ସିଇଓ ନୀତିନ କୁମାର ତିୱାରୀ କହିଛନ୍ତି ଯେ ଓଡ଼ିଶା ସରକାର ଏବଂ ଆୟୁଷ ମନ୍ତ୍ରଣାଳୟ ସହ ଆମର ଭାଗିଦାରୀ ମାଧ୍ୟମରେ ଆମେ ସେପ୍ଟେମ୍ବରରେ ପ୍ରାୟ ୧୦୦୦ ଛାତ୍ରଛାତ୍ରୀଙ୍କୁ ଉପକୃତ କରିବା ପାଇଁ ଏହି ପଦକ୍ଷେପ ଆରମ୍ଭ କରିଥିଲୁ ଏବଂ ଏହାକୁ ଆହୁରି ବ୍ୟାପକ କରିଛୁ। ଏହି ଅବସରରେ ଜିଲ୍ଲା ଆୟୁଷ ଚିକିତ୍ସାଧିକାରୀ ଡାକ୍ତର ମୀନାକ୍ଷୀ ବେଦବାକ କହିଥିଲେ, ସ୍ୱର୍ଣ୍ଣ ପ୍ରାଶନ ପିଲାମାନଙ୍କଠାରେ ରୋଗ ପ୍ରତିରୋଧକ ଶକ୍ତି ଏବଂ ଜ୍ଞାନ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ଏ କ୍ଷେତ୍ରରେ ବେଦାନ୍ତ ଆଲୁମିନିୟମର ସହଯୋଗ ପ୍ରଶଂସନୀୟ। ସରସ୍ୱତୀ ଶିଶୁ ମନ୍ଦିରର ଅଧ୍ୟକ୍ଷ ମନୋଜ କୁମାର ମୁଣ୍ଡନ ବେଦାନ୍ତର ଅତୁଟ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରର କ୍ରୀଡ଼ା ଓ ସଂସ୍କୃତି କ୍ଷେତ୍ରରେ ରଣନୈତିକ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବେଦାନ୍ତ ଆଲୁମିନିୟମ ପ୍ରତିଶ୍ରୁତିବଦ୍ଧ। ବେଦାନ୍ତ ଲିମିଟେଡର ବ୍ୟବସାୟ ବେଦାନ୍ତ ଆଲୁମିନିୟମ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ, ଯାହା ୨୦୨୪ ଆର୍ଥିକ ବର୍ଷରେ ଭାରତର ଆଲୁମିନିୟମର ଅଧାରୁ ଅଧିକ ଅର୍ଥାତ ୨.୩୭ ନିୟୁତ ଟନ୍ ଉତ୍ପାଦନ କରିଛି। ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ ସ୍ମେଲଟର, ଆଲୁମିନା ବିଶୋଧନାଗାର ଏବଂ ପାୱାର ପ୍ଲାଣ୍ଟସ୍ ସହିତ, କମ୍ପାନୀ ଏକ ସବୁଜ ଭବିଷ୍ୟତ ପାଇଁ 'ଭବିଷ୍ୟତର ଧାତୁ' ଭାବରେ ଆଲୁମିନିୟମର ଉଦୀୟମାନ ପ୍ରୟୋଗକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ପୂରଣ କରିଛି।

## ୨୮ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣି ବନ୍ଦ



**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ଆଗାମୀ ଅକ୍ଟୋବର ୨୮ତାରିଖ(ସୋମବାର)ରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ସମ୍ଭାବ୍ୟ ବାତ୍ୟା 'ଦାନା' ଓ ପରବର୍ତ୍ତୀ ସାହାଯ୍ୟ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି, ଅକ୍ଟୋବର ୨୮ରେ ଭୁବନେଶ୍ୱର, ୟୁନିଟ-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ ବୋଲି ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଅକ୍ଟୋବର ୨୮ ତାରିଖରେ ଯେଉଁମାନେ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଅନଲାଇନ ଯୋଗେ ପଞ୍ଜୀକରଣ କରିଥିଲେ, ସେମାନେ ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣି ପାଇଁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ । ସେମାନଙ୍କ ପାଇଁ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

## ଜଳସମ୍ପଦ ବିଭାଗର ବାତ୍ୟା ମୁକାବିଲା ସମୀକ୍ଷା



**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ଆଜି ରାଜ୍ୟ ଉନ୍ନୟନ କମିଶନର ତଥା ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବାତ୍ୟା 'ଦାନା'ର ପ୍ରଭାବରେ ବିଭିନ୍ନ ଜିଲ୍ଲାରେ ହେବାକୁ ଥିବା ଲଗାଣ ବର୍ଷା, ଏଥି ଜନିତ ଡ୍ରେନେଜ୍ ସମସ୍ୟାର ମୁକାବିଲା ତଥା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ସଂପର୍କରେ ବିଭାଗର ପ୍ରସ୍ତୁତି ନେଇ ଆଭାସୀ ବୈଠକ ମାଧ୍ୟମରେ ବିଭାଗର ବରିଷ୍ଠ ଅଧିକାରୀ, ସର୍ବୋଚ୍ଚ ଯନ୍ତ୍ରୀ ଓ ମୁଖ୍ୟଯନ୍ତ୍ରୀମାନଙ୍କ ସହିତ ସ୍ଥିତି ସମୀକ୍ଷା କରି ଆଲୋଚନା କରିଛନ୍ତି। ବାତ୍ୟାକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲ୍ଲାକୁ ଯାଇଥିବା ନିୟୋଜିତ ସମସ୍ତ ନୋଡାଲ ଅଫିସରମାନେ ସଂପୃକ୍ତ ଜିଲ୍ଲାରେ ପହଞ୍ଚି ଜିଲ୍ଲା ପ୍ରଶାସନ ଏବଂ ବିଭାଗ ସହିତ ଯୋଗାଯୋଗରେ ରହିଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଛନ୍ତି। ବୈଠକରେ ବିଭିନ୍ନ ନଦୀ ଅବବାହିକାରେ ଥିବା ଜଳ ଭଣ୍ଡାରର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା। ସମ୍ଭାବ୍ୟ ବାତ୍ୟାରେ ଅଧିକ ପ୍ରଭାବିତ ହେବାକୁ ଥିବା ଅଞ୍ଚଳ ଲାଲ ରଙ୍ଗ ପଥ(ରେଡ୍ ଟ୍ରାକ୍) ରେ ଆସୁଥିବା ସମସ୍ତ ମଧ୍ୟମ ଜଳଭଣ୍ଡାର ଗୁଡିକର ଜଳସ୍ତର ପରିମାଣ ଏବେ ୭୦ ପ୍ରତିଶତ ରହିଥିବା ବେଳେ ଅପେକ୍ଷାକୃତ କମ ପ୍ରଭାବିତ ହେବାକୁ ଥିବା କମଳା ରଙ୍ଗ ଥିବା ଗତିପଥ ଅଞ୍ଚଳରେ ଥିବା ଜଳ ଭଣ୍ଡାରଗୁଡିକର ଜଳ ସ୍ତର ୮୦ ପ୍ରତିଶତକୁ ହ୍ରାସ ପାଇଛି। ସମସ୍ତ କେନାଲରେ ନିଷ୍କାସନର ବେସ୍ ଫ୍ଲୋକୁ ହ୍ରାସ କରାଯାଇଛି। ବାତ୍ୟାର ପ୍ରଭାବରେ ଲଘୁ ଚାପ ଜନିତ ଲଗାଣ ବର୍ଷାକୁ ସତର୍କ ଦୃଷ୍ଟି ଦିଆଯିବା ସହ ସ୍ଥିତିକୁ ଦେଖି ଜଳ ଭଣ୍ଡାରଗୁଡ଼ିକର ଜଳ ପରିଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ସମସ୍ତ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ କ୍ଷୟକ୍ଷତି ଜନିତ ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ଓ ଡ୍ରେନେଜ୍ ସମସ୍ୟାର ମୁକାବିଲା ପାଇଁ ଯଥେଷ୍ଟ ସତର୍କ ଓ ସଚେତନ ରହି କାର୍ଯ୍ୟକରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

## ବାତ୍ୟା ଆଶ୍ରୟ ସ୍ଥଳରେ ୭୨୨୬ ଲୋକ



**ପୁରୀ,୨୪।୧୦ (ସଂଚାର ବ୍ୟୁରୋ):** ବାତ୍ୟା ଦାନା ପରିପ୍ରେକ୍ଷୀରେ ପୁରୀ ଜିଲ୍ଲାର ବର୍ତ୍ତମାନ ସୁଦ୍ଧା ୧୬୨ ବାତ୍ୟା ଆଶ୍ରୟ ସ୍ଥଳରେ ୭୨୨୬ ଜଣ ଙ୍କୁ ରଖାଯାଇଛି ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।ଆଜି ଅପରାହ୍ନ ରେ ଜିଲ୍ଲାପାଳ ଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଗଣମାଧ୍ୟମ କୁ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ବାତ୍ୟା ର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି ବୋଲି କହିଥିଲେ। ଉଦ୍ଧାର କରାଯାଇ ଥିବା ସମସ୍ତଙ୍କୁ ଶୁଖିଲା ଖାଦ୍ୟ ସହ ୧୬୨ ସ୍ଥାନରେ ରନ୍ଧା ଖାଦ୍ୟର ମଧ୍ୟ ବ୍ୟବସ୍ଥା କରାଯାଇଛି।ଆଶ୍ରୟ ନେଇଥିବା ଲୋକ ଙ୍କୁ ଶୁଖିଲା ଖାଦ୍ୟ ଭାବେ ୧୫.୫ କ୍ୱିଣ୍ଟାଲ ଚୁଡା ଓ ୧.୬ କ୍ୱିଣ୍ଟାଲ ଗୁଡ ବଣ୍ଟନ ହୋଇଛି।ଜିଲ୍ଲା ର ୧୧ ବ୍ଲକର ୫୯ ପଞ୍ଚାୟତ ର ୧୯୦ ଟି ଗ୍ରାମ ଓ ୪ଟି ସହରାଞ୍ଚଳର ୨୯ ୱାର୍ଡ ର ଲୋକେ ପ୍ରଭାବିତ ହୋଇଛନ୍ତି।ବର୍ତ୍ତମାନ ପାଣିପାଗ ବିଭାଗ ଅନୁସାରେ ପୁରୀ ଜିଲ୍ଲା ଅରେଞ୍ଜ ରୁ ରେଡ ଯୋନକୁ ଥିବା ରୁ ଲୋକ ମାନେ ଆଶ୍ରୟ ସ୍ଥଳକୁ ଆସିବାକୁ ଲାଗିଛନ୍ତି। ବରିଷ୍ଠ ଅଧିକାରୀ ମାନଙ୍କୁ ବିଭିନ୍ନ ବ୍ଲକର ଦାୟିତ୍ୱ ଦିଆଯାଇଛି। ସେମାନେ ସେଠାରେ ଉଦ୍ଧାର ଥଇଥାନ ଓ ରିଲିଫ କାର୍ଯ୍ୟ ର ତଦାରଖ କରୁଛନ୍ତି। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବାତ୍ୟା ର ସଫଳ ମୁକାବିଲା ପାଇଁ ଆଜି ସମୀକ୍ଷା କରିବା ସହ ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଞ୍ଚଳ ଗସ୍ତ କରି ଅଧିକାରୀ ମାନଙ୍କୁ ଉପଯୁକ୍ତ ପରାମର୍ଶ ମଧ୍ୟ ଦେଇଛନ୍ତି। ଜିଲ୍ଲା ପାଇଁ ନିଯୁକ୍ତ ବରିଷ୍ଠ ଅଧିକାରୀ ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ ମଧ୍ୟ ଜିଲ୍ଲାର ବିଭିନ୍ନ ସ୍ଥାନ କୁ ଗସ୍ତ କରି କାର୍ଯ୍ୟ ରେ ସହଯୋଗ ଓ ପରାମର୍ଶ ଦେଉଛନ୍ତି।ଜିଲ୍ଲାରେ ଚଳିତ ମାସ ୨୧ ରୁ ୨୮ ତାରିଖ ମଧ୍ୟରେ ପ୍ରସବ ଦେବାକୁ ଥିବା ଗର୍ଭବତୀ ମହିଳାଙ୍କ ମଧ୍ୟରୁ ୪୦୪ ଜଣ ଶିଶୁ ମାନଙ୍କୁ ପ୍ରସବ ଦେଇ ସାରିଥିବା ବେଳେ ୭୪ ଜଣ ଙ୍କୁ ଚିକିତ୍ସାଳୟରେ ରଖାଯାଇଛି ଓ ପକ୍କା ଘର ଥିବା ରୁ ୩୧ ଜଣ ପ୍ରସବ ସମୟ ଆସିବା ପର୍ଯ୍ୟନ୍ତ ସେମାନଙ୍କ ଘରେ ରହିଛନ୍ତି।ଜିଲ୍ଲା ରେ ୧୪ ଟି ମେଡ଼ିକାଲ ଟିମ, ୧୬ ଟି ପ୍ରାଣୀ ଚିକିତ୍ସା ଟିମ ଔଷଧ, ଆଣ୍ଟି ଭେନମ ମେଡିସିନ ସହ ପ୍ରସ୍ତୁତ ଅଛନ୍ତି।ସମୁଦ୍ର ଅଶାନ୍ତ ରହୁଥିବାରୁ ସମୁଦ୍ର କୂଳକୁ ନ ଯିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।ଜିଲ୍ଲାପାଳ ଶ୍ରୀ ସ୍ୱାଇ ଓ ଏସ ପି ବିନୀତ ଅଗ୍ରୱାଲ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ।

## ବିଜେପି କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍

**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ଆମ ରାଜ୍ୟରେ ସାମ୍ପ୍ରତିକ ବାତ୍ୟା "ଦାନା"ର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଅବସ୍ଥା ତଥା ଏହାର ନିରାକରଣ ସଂକ୍ରାନ୍ତୀୟ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ବିଜେପି ରାଜ୍ୟ କାର୍ଯ୍ୟାଳୟ ସହ ଆଦାନ ପ୍ରଦାନ ପାଇଁ ଏକ ହେଲପ୍ଲାଇନ୍ ନମ୍ବର ୦୬୭୪୨୩୯୩୯୮୪ କୁ ରାଜ୍ୟ ସଭାପତି ମନମୋହନ ସାମଲ ଜାରି କରିଛନ୍ତି । ଗତକାଲି ଠାରୁ ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ଏହି କଣ୍ଟ୍ରୋଲ ରୁମ୍ ରେ ପାର୍ଟିର ପଦାଧିକାରୀ ଓ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ରହି ସମ୍ଭାବ୍ୟ ବାତ୍ୟା ଅଞ୍ଚଳର ଜନସାଧାରଣଙ୍କ ଅଭିଯୋଗ ଶୁଣି ସମ୍ପୃକ୍ତ ବାତ୍ୟା ଅଞ୍ଚଳରେ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀଙ୍କ ସହ ଯୋଗାଯୋଗ କରି ସମସ୍ୟାର ସମାଧାନ କାର୍ଯ୍ୟ କରୁଛନ୍ତି ।

## ଆମରଣ ଅନଶନରୁ ହଟିଲେ ସମାଜସେବୀ ସୌମ୍ୟ



**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ପିଲାମାନଙ୍କର ଭବିଷ୍ୟତ କୁ ନେଇ ଖେଳାଯାଉଥିବା ଘଟଣାର ଆଜି ପରିସମାପ୍ତି ଘଟିଛି। ଦୀର୍ଘଦୁଇ ଦିନ ଧରି ଭି. ଏସ. ଏସ. ନଗର ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଛାତ୍ର ଛାତ୍ରୀ, ଅଭିଭାବକ, ପୁରାତନ ଛାତ୍ର ସଂଘ ମିଳିତ ଭାବେ ଯେଉଁ ଶାନ୍ତିପୂର୍ଣ୍ଣ ଧାରଣା କରିଥିଲେ। ଗତକାଲି ବ୍ଲକ ଶିକ୍ଷାଧିକାରୀ ପ୍ରଜ୍ଞା ପରମିତା ଜେନା ଆସି ଆସନ୍ତକାଲି ଜିଲ୍ଲା ଶିକ୍ଷାଧିକାରୀ ଆସି ବିଦ୍ୟାଳୟକୁ ଦୁଇ ଜଣ ଶିକ୍ଷକ ପ୍ରଦାନ କରିବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନରତ ଛାତ୍ର ଛାତ୍ରୀମାନେ ଧାରଣାରୁ ହଟିଥିଲେ। କିନ୍ତୁ ସକାଳେ ଆସିବାକୁ କହିଥିବା ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରେଇ କାମର ଆଳ ଦେଖାଇ ଚାରିଟା ବେଳକୁ ସ୍କୁଲ ସମ୍ମୁଖକୁ ଆସି ପିଲାମାନଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ପିଲାମାନେ ତାଙ୍କ କଥାରେ ରାଜି ହୋଇନଥିଲେ। ଶେଷରେ ପୁରାତନ ଛାତ୍ର ସଂସଦ ସଭାପତି ତଥା ଅଭିଭାବକ ଓ ପୁରାତନ ଛାତ୍ର ସଂସଦ ସଭାପତି ସୌମ୍ୟ ରଞ୍ଜନ ପ୍ରଧାନ ଦାବି ରଖିଥିବା ଦୁଇ ଜଣ ଶିକ୍ଷକ ନିଯୁକ୍ତି ନେଇ ଦଶ ଦିନ ମଧ୍ୟରେ ଜିଲ୍ଲା ଶିକ୍ଷାଧିକାରୀ ନିଜ ହାତରେ ଲେଖିକି ଦେବାପରେ ସମସ୍ତେ ଧାରଣାରୁ ହଟିଥିଲେ। ଏହାପରେ ପୁରାତନ ଛାତ୍ର ସଂସଦ ସଭାପତି ସୌମ୍ୟ ରଞ୍ଜନ ପ୍ରଧାନ ଛୋଟ ପିଲା ମାନଙ୍କ ହାତରୁ ପାଣି ପିଇ ଆମରଣ ଅନଶନରୁ ହଟିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ମଧ୍ୟ ଆଗାମୀ ଦିନରେ ସ୍କୁଲର ସାମଗ୍ରିକ ବିକାଶ ନେଇ ଖସଡ଼ା ପ୍ରସ୍ତୁତ କରିବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ତାପରେ ଛାତ୍ରଛାତ୍ରୀ, ଅଭିଭାବକ, ପୁରାତନ ଛାତ୍ର ଛାତ୍ରୀ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ଧାରଣାରୁ ହଟିଥିଲେ।

## ବାତ୍ୟା ଭୟରେ ସାମଗ୍ରୀ କିଣି ଲୋକେ ହତାଶ



**ଭୁବନେଶ୍ୱର,୨୪।୧୦:** ବାତ୍ୟା ଭୟରେ ବିକଳିଆ ହୋଇ ଆବଶ୍ୟକତାରୁ ଯଥେଷ୍ଟ ଅଧିକ ସାମଗ୍ରୀକୁ ଚଢ଼ା ଦରରେ ଖରିଦ କରିଥିବା ରାଜଧାନୀବାସୀ ହତାଶ ହୋଇଛନ୍ତି। ବାତ୍ୟାର ପ୍ରଭାବ ରାଜଧାନୀ ଉପରୁ ହଟିଯାଇଥିବାବେଳେ ସରକାରଙ୍କ ନାଲି ଆଖି ପରେ ଆଳୁ, ପିଆଜ ଭଳି ସାମଗ୍ରୀର ଦର ହ୍ରାସ ପାଇଛି। ବାତ୍ୟା ଖବର ପ୍ରସାରଣ ପରେ ରାଜଧାନୀବାସୀ ଗାଡି ମୋଟର ଧରି ହାଟ ଓ ବିଭିନ୍ନ ମଲକୁ ଧାଇଁଥିଲେ। ଯିଏ ଯାହା ପାଇଲା ବଜାରରୁ କିଣିଲା। ତିନି ଜଣିଆ ପରିବାର ଥିବା ଲୋକେ ୮/୧୦ କିଲୋ ଆଳୁ ସହିତ ପିଆଜ, ଅଟା, ଚୁଡା, ଚିନି ଆଦି ବୋହି ନେଲେ। ଫଳରେ ଦୁଇ ଘଣ୍ଟା ଭିତରେ ରାଜଧାନୀରେ ଆଳୁ କିଲୋ ୩୦ ଟଙ୍କାରୁ ବଢ଼ି ୫୦ ଟଙ୍କା ହୋଇଥିଲା। ପିଆଜ କିଲୋ ୫୦ରୁ ୮୦ ଟଙ୍କାରେ ପହଞ୍ଚିଗଲା। ଚଢ଼ା ଦର ସତ୍ତ୍ୱେ ବି ଲୋକେ ବିକଳିଆ ହୋଇ ଏତେ ସାମଗ୍ରୀ ନେଲେ ଯେ ଗୋଟିଏ ଦିନରେ ବଜାର ଏକ ପ୍ରକାର ଖାଲି ହୋଇଗଲା। ଆଳୁ ଦୋକାନଗୁଡିକରୁ ଆଳୁ ଉଭାନ ହୋଇଥିବାବେଳେ ଅନେକ ତେଜେରାତି ଦୋକାନରୁ ଅଟା, ସୁଜି, ଚୁଡା ଭଳି ସାମଗ୍ରୀ ବି ସରିଗଲା। ଲୋକେ ମନଇଚ୍ଛା ସାମଗ୍ରୀ କିଣିଥିବାବେଳେ ବ୍ୟବସାୟୀମାନେ ଦର କଷିବାକୁ ପଛାଇନଥିଲେ। ରାଜଧାନୀବାସୀ ଫନି ବିଭୀଷିକାକୁ ମନେ ପକାଇ ମାସେ ଦୁଇମାସ ପାଇଁ ଆବଶ୍ୟକ ହେଉଥିବା ସାମଗ୍ରୀ ଖରିଦ କରିବାପରେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କାରଣ ଗତ କାଲିଠାରୁ ବାତ୍ୟା 'ଦାନା'ର ପ୍ରଭାବ ଖୋରଧା ଜିଲ୍ଲାରେ ସେଭଳି ପଡ଼ିବନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ବାତ୍ୟା ପ୍ରଭାବରେ ରାଜଧାନୀରେ ଝିପି ଝିପି ବର୍ଷା ସହିତ ସାମାନ୍ୟ ପବନ ବହିବାରେ ଲାଗିଛି। ଗୁରୁବାର ରାତି କିମ୍ବା ଶୁକ୍ରବାର ପାହାନ୍ତା ସମୟରେ ବାତ୍ୟା କେନ୍ଦ୍ରାପଡ଼ା ଓ ଭଦ୍ରକ ମଧ୍ୟଭାଗରେ ସ୍ଥଳଭାଗ ଛୁଇଁବା ସମୟରେ ରାଜଧାନୀରେ ପବନର ବେଗ ସାମାନ୍ୟ ବଢ଼ିବା ସହିତ ବର୍ଷାର ଆଶଙ୍କା କରାଯାଉଛି। ତେବେ ଯେଉଁ ଆକଳନ କରି ରାଜଧାନୀବାସୀ ସହରର ଅନେକ ଦୋକାନ ଖାଲି କରିଦେଇଥିଲେ ସେଭଳି କିଛି ହେବାର ନାହିଁ ବୋଲି ସୂଚନା ମିଳିଲାଣି। ସହରବାସୀ ଭୟରେ କେବଳ ଦୋକାନ ଖାଲି କରିନାହାନ୍ତି, ଅନେକ ପେଟ୍ରୋଲ ପମ୍ପରେ ମଧ୍ୟ ପେଟ୍ରୋଲ ଓ ଡିଜେଲ ସଫା କରିଦେଇଥିଲେ। ବାତ୍ୟା ସୂଚନା ପ୍ରଘଟ ପରେ ପରେ ଲୋକେ ଶହ ଶହ ସଂଖ୍ୟାରେ ତେଲଟାଙ୍କିଗୁଡିକରେ ଘଣ୍ଟା ଘଣ୍ଟା ଧରି ଧାଡି ଲଗାଇଥିଲେ। ଉଭୟ ଚାରି ଚକିଆ ଓ ଦୁଇଚକିଆ ଯାନଗୁଡିକ ଟାଙ୍କି ଭର୍ତ୍ତି ତେଲ ପକାଇବା ଫଳରେ ସହରର କେତେକ ଟାଙ୍କିରେ କିଛି ସମୟ ପାଇଁ ତେଲ ଅଭାବ ପରିଲକ୍ଷିତ ହୋଇଥିଲା। ଧାର ଉଦ୍ଧାର କରି ଟାଙ୍କି ଭର୍ତ୍ତି କରିଥିବା ଲୋକେ ଏବେ ମୁଣ୍ଡରେ ହାତ ମାରୁଛନ୍ତି। ତେଜେରାତି ସାମଗ୍ରୀ ସହିତ ପେଟ୍ରୋଲ, ଡିଜେଲ ଖାଲି କରିଦେଇଥିବା ସହରବାସୀ ହାଟରୁ କଞ୍ଚା ପରିବା ମଧ୍ୟ ବୋହି ନେଇଛନ୍ତି। ଜଣେ ଜଣେ ବ୍ୟକ୍ତି ସପ୍ତାହେ ପାଇଁ କଞ୍ଚାପରିବା କିଣିବା ଯୋଗୁଁ ପନି ପରିବା ଦର ହୁ ହୁ ହୋଇ ବଢ଼ିଯାଇଥିଲା। ଚଢ଼ା ଦର ସତ୍ତ୍ୱେ ବି ଲୋକେ ପରିବା ହାଟ ଖାଲି କରିଦେଇଥିଲେ। ବ୍ୟବସାୟୀମାନେ ବି ଭଲ ଦୁଇ ପଇସା ପାଇଥିଲେ। (ତଥ୍ୟ)

SANCHAR
ସଂଚାର
୪
ଶୁକ୍ରବାର ୨୫ ଅକ୍ଟୋବର ୨୦୨୪, ଭୁବନେଶ୍ୱର
Friday 25 October 2024 Bhubaneswar

# କ୍ଷୁଧା ତାଲିକାରେ ଭାରତ

ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ବିଶ୍ୱ କ୍ଷୁଧା ତାଲିକାରେ ଭାରତର ସ୍ଥାନ ବହୁ ଆଗରେ ରହିଛି। ଅର୍ଥାତ ଭାରତରେ କ୍ଷୁଧାର୍ତ୍ତଙ୍କ ସଂଖ୍ୟା ଢେର ଅଧିକ। ଅଳ୍ପ କିଛଇ ଗରିବ ଦେଶ ଯଥା ପାକିସ୍ତାନ, ଆଫଗାନିସ୍ତାନ ଏବଂ ଶ୍ରୀଲଙ୍କା ଭଳି ଦେଶ ଭାରତଠାରୁ ତାଲିକାର ଆଗରେ ଅଛନ୍ତି। କୃଷି ବା ଖାଦ୍ୟ ଉତ୍ପାଦନରେ ଭାରତ ଯଥେଷ୍ଟ ଆଗୁଆ। ଏହା ସତ୍ତ୍ୱେ ଏଠାରେ ଅନେକ ପେଟପୁରା କାଇବାକୁ ପାଉ ନାହାଁନ୍ତି। ତାହାର କାରଣ ହେଲା ଖାଦ୍ୟର ସୁଷମ ବଣ୍ଟନ ହୋଇପାରୁନି। ଭାରତରେ ଦାରୀଦ୍ର୍ୟର ସୀମାରେଖା ତଳେ ଯେତିକି ଲୋକ ଅଛନ୍ତି ସେମାନଙ୍କ ସଂଖ୍ୟା ଅନେକ ଦେଶର ମୋଟ ଜନସଂଖ୍ୟାଠାରୁ ଅଧିକ। ଯଦି ଏହି କ୍ଷୁଧାର୍ତ୍ତଙ୍କୁ ନେଇ ଗୋଟିଏ ଦେଶ ହୁଏ ତେବେ ଏହା ବିଶ୍ୱର ସପ୍ତମ ଜନବହୁଳ ଦେଶ ହେବ। ଗରିବଙ୍କ କ୍ରୟ ଶକ୍ତି କମ ହେତୁ ସେମାନେ ବଜାରରୁ ଖାଦ୍ୟ କିଣିବାକୁ ଅସମର୍ଥ ହେଉଛନ୍ତି। ଦେଶରେ ବିପୁଳ ପରିମାଣର ଖାଦ୍ୟ ନଷ୍ଟ ହେଉଛି, କିନ୍ତୁ ତାହାର ସୁଷମ ଅବଣ୍ଟନ ହୋଇପାରୁନି। ସରକାରୀ ଗୋଦାମରେ ଟନ ଟନ ଖାଦ୍ୟ ନଷ୍ଟ ହେଉଛି, କିନ୍ତୁ ତାହାର ବଣ୍ଟନ ପାଇଁ ବ୍ୟବସ୍ଥା ନାହିଁ। ଏହା ବ୍ୟତିତ ଭାରତର ଜନସଂଖ୍ୟା ଯେଉଁ ହାରରେ ବୃଦ୍ଧି ପାଉଛି ସେହି ହାରରେ କୃଷି ଉତ୍ପାଦନ ମଧ୍ୟ ବଢୁନି। ଅନେକ ଜମି ପଡ଼ିଆ ପଡୁଛି। କାରଣ ହେଲା ଜଳସେଚନର ଅଭାବ ଏବଂ କୃଷି ଏକ ଲାଭଜନକ ପେଷା ହୋଇପାରୁନଥିବାରୁ ଅନେକ ଏଥିପ୍ରତି ଆଗ୍ରହ ପ୍ରକାଶ କରୁ ନାହାଁନ୍ତି। ନୀତି ଆୟୋଗଙ୍କ ଦ୍ୱାରା ପ୍ରକାଶିତ ପରିସଂଖ୍ୟାନ ଅନୁଯାୟି ଗତ ୧୦ ବର୍ଷ ଭିତରେ ଦେଶର ପାଖାପାଖି ୨୫ କୋଟି ଲୋକ ଦାରୀଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି। ଏହା ଏକ ବଡ଼ ସଫଳତା। ଏଥିରେ ବଡ଼ ଭୂମିକା ରହିଛି ମନରେଗା ଭଳି ଯୋଜନା ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ୮୦ କୋଟି ଲୋକଙ୍କୁ ମାଗଣା ରାସନ। ଦୁଇ ଦଶନ୍ଧି ତଳେ କେବଳ ଓଡ଼ିଶା ନୁହେଁ, ଅନେକ ରାଜ୍ୟରେ ଅନାହାର ମୃତ୍ୟୁ ହେଉଥିଲା। ଏବେ ଅନ୍ତତଃପକ୍ଷେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟୁନି। ସମସ୍ତଙ୍କୁ ଦୁଇବେଳା ଖାଇବାକୁ ମିଳୁଛି। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଦ୍ୱାରା ଏହା ସମ୍ଭବ ହୋଇପାରିଛି। କେବଳ ଗରୀବ କଲ୍ୟାଣ ଯୋଜନା ଦ୍ୱାରା ଦେଶର ବିକାଶ ହୋଇପାରିବନି। ଦେଶର ଅର୍ଥନୈତିକ ସମୃଦ୍ଧି ମଧ୍ୟ ଆବଶ୍ୟକ। ସୁଖର କଥା, ଭାରତ ବିଶ୍ୱର ଦ୍ରୁତତମ ଅର୍ଥନୀତି ଭାବେ ବିବେଚିତ ହେଉଛି। ଏହା ଆମ ପାଇଁ ଏକ ଗୌରବର ବିଷୟ। ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ ଚଳିତ ବର୍ଷ ଚୀନର ଜିଡିପି ୨.୭ ପ୍ରତିଶତ ଏବଂ ଭାରତର ଅଭିବୃଦ୍ଧି ୬.୫ ପ୍ରତିଶତ ରହିପାରେ। ୱାର୍ଲଡ ଇକନମିକ ଫୋରମ ପକ୍ଷରୁ ମଧ୍ୟ ସମାନ ଆକଳନ କରାଯାଇଛି। ଏହା ଏକ ଉପରଠାଉରିଆ ଆକଳନ ନୁହେଁ। ବୈଜ୍ଞାନିକ ପଦ୍ଧତିରେ ଏହାର ଆକଳନ କରାଯାଇଛି। ବିଶ୍ୱର ପ୍ରମୁଖ ଦେଶର ଗୁଡ଼ିକର ଅଭିବୃଦ୍ଧି ହାର ୩ ପ୍ରତିଶତରୁ କମ ଥିବା ବେଳେ ଭାରତର ଅଭିବୃଦ୍ଧି ହାର ୬ ପ୍ରତିଶତ ଉପରେ ରହିବା କିଛି କମ କଥା ନୁହେଁ। ଆରବିଆଇ ଆକଳନ ଅନୁଯାୟୀ ପୁରା ଆର୍ôଥକ ବର୍ଷରେ ଜିଡିପି ୭% ରହିବ। ଏହା ୬.୫ ପ୍ରତିଶତକୁ ହ୍ରାସ ପାଇଲେ ମଧ୍ୟ କିଛି ଖରାପ ନୁହେଁ। ସେହିପରି ମୁଦ୍ରାସ୍ଫୀତି ହାର ଏବେ ୫.୪ ପ୍ରତିଶତ ରହିଛି। ପଡ଼ୋଶୀ ପାକିସ୍ତାନରେ ମୁଦ୍ରାସ୍ଫୀତି ହାର ୩୭ ପ୍ରତିଶତ ରହିଥିବା ବେଳେ ଭାରତର ସ୍ଥିତି ଯଥେଷ୍ଟ ଭଲ ବୋଲି କୁହାଯାଇପାରେ। ତେବେ ଏହି ପରିସଂଖ୍ୟାନରେ ଆତ୍ମସନ୍ତୋଷ ଲାଭ କରିବା ଅନୁଚିତ। କାରଣ ବେକାରୀ ଓ ଦାରିଦ୍ର୍ୟ ହାର ଏବେ ବି ଉଦବେଗଜନକ ସ୍ଥିତିରେ ରହିଛି। ଏଥିରେ ସୁଧାର ଆଣିବାକୁ ହେଲେ ଦୀର୍ଘକାଳୀନ ଯୋଜନାର ଆବଶ୍ୟକତା ରହିଛି। ଗତ ସେପ୍ଟେମ୍ବର ମାସରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଏହା ଖୋଦ୍ ଆଇଏମଏଫ ରିପୋର୍ଟରୁ ପ୍ରକାଶ। ଦଶବର୍ଷ ତଳେ ଭାରତ ତାଲିକାର ଏକାଦଶ ସ୍ଥାନରେ ଥିବା ବେଳେ ଏହା ୬ଟି ସ୍ଥାନ ଉପରକୁ ଉଠିଛି। ଏହା କିଛି କମ ସଫଳତା ନୁହେଁ। ଯେଉଁ ଦେଶ ଆମକୁ ୨୦୦ ବର୍ଷ କାଳ ଶାସନ କରୁଥିଲା ଏବଂ ଦେଶକୁ ଲୁଟ କରୁଥିଲା, ସେହି ଦେଶ ଆଜି ଭାରତଠାରୁ ପଛରେ ପଡ଼ିଯାଇଛି। ଏବେ କେବଳ ଆମେରିକା, ଚୀନ, ଜାପାନ ଓ ଜର୍ମାନୀ ଆର୍ôଥକ ଦୃଷ୍ଟିରୁ ଭାରତ ଉପରେ ରହିଛି। ଆମେରିକା ଓ ଚୀନଠାରୁ ଭାରତର ବ୍ୟବଧାନ ମଧ୍ୟ ହ୍ରାସ ପାଇଛି। ଯଦି କ୍ରମାଗତ ଭାବେ ଏହି ଧାରା ଜାରି ରହେ. ତେବେ ଭାରତ ୨୦୨୯ ସୁଦ୍ଧା ବିଶ୍ୱର ପ୍ରମୁଖ ଆର୍ôଥକ ଶକ୍ତିଙ୍କ ତାଲିକାର ତୃତୀୟ ସ୍ଥାନକୁ ଚାଲିଆସିବ। ଜାପାନ ଓ ଜର୍ମାନୀ ପଛରେ ପଡ଼ିଯିବେ। ଦିନ ଆସିବ ହୁଏତ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତୀ ବେଳେ ୨୦୪୭ରେ ଭାରତ ଚୀନକୁ ମଧ୍ୟ ଆର୍ôଥକ ଦୃଷ୍ଟିରୁ ପଛରେ ପକାଇଦେବ। ଏସବିଆଇ ଇକନମିକ ରିସର୍ଚ୍ଚ ୱିଙ୍ଗ ପକ୍ଷରୁ ଏହି ତଥ୍ୟ ପ୍ରକାଶ କରାଯାଇଛି। ଏସବିଆଇର ରିପୋର୍ଟ ଅନୁଯାୟୀ ଯଦି ଭାରତର ଜିଡିପି କ୍ରମାଗତ ଭାବେ ୭ ପ୍ରତିଶତ ବା ଏହାଠାରୁ ଅଧିକ ରହିବ ତେବେ ଏହା ମାତ୍ର ୭ ବର୍ଷରେ ଆମେରିକା ଓ ଚୀନର ନିକଟତର ହୋଇଯିବ। କରୋନା ମହାମାରୀ ଏବଂ ପରେ ପରେ ୟୁକ୍ରେନ-ଋଷିଆ ଯୁଦ୍ଧ ଯୋଗୁଁ ବିଶ୍ୱ ଅର୍ଥନୀତିରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଭାରତ ମଧ୍ୟ ଏଥିରେ ଅନେକାଂଶରେ ପ୍ରଭାବିତ ହୋଇଛି। କରୋନାରେ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ହରାଇଲେ, ଅନେକ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନ କ୍ରମାଗତ କ୍ଷତି ଯୋଗୁଁ ବନ୍ଦ ହୋଇଗଲା। କିନ୍ତୁ ଧନ୍ୟବାଦ ଦେବାକୁ ପଡ଼ିବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ। ଠିକ ସମୟରେ ସଠିକ ପଦକ୍ଷେପ ନେଇ ସେ କେବଳ ଅନେକ ଜୀବନହାନୀକୁ ରୋକି ନାହାଁନ୍ତି, ଦେଶର ଅର୍ଥନୀତିକୁ ମଧ୍ୟ ବିପର୍ଯ୍ୟୟରୁ ଉର୍ଦ୍ଧାର କରିଛନ୍ତି। ୧୪୦ କୋଟି ଭାରତୀୟ ନାଗରିକଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଟିକା (ବୁଷ୍ଟର ଡୋଜ ସହିତ) ଏବଂ ଚିକିତ୍ସା ସୁବିଧା ଯୋଗାଇ ଦେବା କିଛି ସହଜ କଥା ନୁହେଁ। ଅନେକ ବିକଶିତ ଦେଶ ଯାହା କରିପାରିନାହାଁନ୍ତି ତାହାକୁ ଭାରତ କରି ଦେଖାଇଛି। କରୋନ ସମୟରେ ଦୁଇ ବର୍ଷ କାଳ ଗରିବ ଲୋକଙ୍କୁ ମାଗଣାରେ ରାସନ ପ୍ରଦାନ କରି ପ୍ରଧାନମନ୍ତ୍ରୀ ମୋଦି ଅନେକ ଲୋକଙ୍କ ଜୀବନ ରକ୍ଷା କରିଛନ୍ତି। ବିଦେଶରେ ରହୁଥିବା ଲୋକଙ୍କୁ ମାଗଣାରେ ବିମାନ ବା ଜାହାଜ ଯୋଗେ ସ୍ୱଦେଶ ଫେରାଇ ଆଣିଛନ୍ତି। ଶ୍ରମିକ ଓ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଦେଶ ଭିତରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନ ବା ଘରକୁ ଟ୍ରେନରେ ଫେରିବାକୁ ବ୍ୟବସ୍ଥା କରିଥିଲେ। କରୋନା କଟକଣା ହଟିବା ପରେ ଦେଶର ଆର୍ôଥକ ସ୍ଥିତି ସ୍ୱାଭାବିକ ହେଉଛି। ଏହା ସହିତ ଅର୍ଥନୈତିକ ବିକାଶ ବା ଅଭିବୃଦ୍ଧି ମଧ୍ୟ ତ୍ୱରାନ୍ୱିତ ହୋଇଛି। ଏକଥା ସତ୍ୟ ଯେ, ଭାରତର ମୁଣ୍ଡପିଛା ଜିଡିପି ଚୀନ, ବ୍ରିଟେନ ତୁଳନାରେ ଯଥେଷ୍ଟ କମ ରହିଛି। ଭାରତ ତୁଳନାରେ ଚୀନର ମୁଣ୍ଡ ପିଛା ଆୟ ୬ଗୁଣ ଅଧିକ ରହିଛି। ଭାରତର ଜନସଂଖ୍ୟା ଅଧିକ ହୋଇଥିବାରୁ ମୁଣ୍ଡପିଛା ଆୟ ବା ଜିଡିପି କମ ରହୁଛି। ଯଦି ଭାରତର ଜନସଂଖ୍ୟା ଆମେରିକା ସହ ସମାନ ହୋଇଥାନ୍ତା ତେବେ ଭାରତ ବିଶ୍ୱର ସବୁଠାରୁ ଧନୀ ରାଷ୍ଟ୍ରଭାବେ ଆଜି ପରିଗଣିତ ହେଉଥାନ୍ତା। ୧୪୦ କୋଟି ଜନସଂଖ୍ୟା ସତ୍ତ୍ୱେ ଭାରତ କୃଷି ଓ ଶିଳ୍ପ ଉତ୍ପାଦନରେ ଅନେକାଂଶରେ ଆତ୍ମନିର୍ଭରଶୀଳ ହୋଇ ବିଦେଶକୁ ରପ୍ତାନୀ କରିପାରୁଛି। ଏବେ ଦେଶର ଆର୍ôଥକ ପ୍ରଗତି ନିମନ୍ତେ ପ୍ରାଥମିକ ଆବଶ୍ୟକତା ହେଲା ଜନସଂଖ୍ୟା ନିୟନ୍ତ୍ରଣ। ଏହା ବାଦ ଗରିବ ଓ ନିମ୍ନମଧ୍ୟବିତ୍ତ ବର୍ଗର ଆର୍ôଥକ ପରିସ୍ଥିତିରେ ଉନ୍ନତି, ନିଯୁକ୍ତି ସୁଯୋଗ ସୃଷ୍ଟି ଜରୁରୀ।

## ସମ୍ପାଦକଙ୍କୁ ପତ୍ର

### ଇସ୍ରାଏଲଠାରୁ ଭାରତ ଶିଖୁ

*ମହାଶୟ,*

ଗତ କିଛି ମାସ ହେବ ରାଜ୍ୟରେ ପନିପରିବା ଦର ଆକାଶ ଛୁଆଁ ହୋଇଛି। ଆଳୁ, ପିଆଜଠାରୁ ଆରମ୍ଭ କରି ଲଙ୍କା ପର୍ଯ୍ୟନ୍ତ ସବୁ ବର୍ଷକ ଭିତରେ ଦୁଇଗୁଣା ହୋଇଛି। ଏହାର କାରଣ ହେଲା ଏଠାରେ ଆବଶ୍ୟକତା ଅନୁଯାୟୀ ଉତ୍ପାଦନ ହେଉନି। ଓଡ଼ିଶାରେ ଉର୍ବର ଜମି ଏବଂ ପ୍ରଚୁର ଜଳ ରହିଛି। କିନ୍ତୁ ଏହାର ସଦୁପଯୋଗ ହେଉନି। ଜଳସେଚନର ଅଭାବରୁ ଅନେକ ଜମି ପଡ଼ିଆ ପଡୁଛି। ଉନ୍ନତ କୃଷି ପ୍ରଣାଳୀ ଦ୍ୱାରା ଉତ୍ପାଦନ ବୃଦ୍ଧି ପାଇପାରନ୍ତା। କିନ୍ତୁ ସରକାରଙ୍କ ପ୍ରୋତ୍ସାହନର ଅଭାବ ରହୁଛି। ଏଥିରେ ଓନି ଇସ୍ରାଏଲଠାରୁ ଶିକ୍ଷା ଗ୍ରହଣ କରିବା ଉଚିତ। ସ୍ୱଳ୍ପ ଜମି ଏବଂ ପର୍ଯ୍ୟାପ୍ତ ବର୍ଷା ହେଉନଥିଲେ ମଧ୍ୟ ଇସ୍ରାଏଲ ପନିପରିବା ଚାଷରେ ସ୍ୱାବଲମ୍ବୀ। ତେଣୁ ଓଡ଼ିଶା ସରକାର ଇସ୍ରାଏଲଠାରୁ ଶିକ୍ଷା ଗ୍ରହଣ କରି ରାଜ୍ୟରେ ପନିପରିବା ଉତ୍ପାଦନ ବୃଦ୍ଧି ଲାଗି ପଦକ୍ଷେପ ନିଅନ୍ତୁ।

ଗୁରୁପ୍ରସାଦ ସେଠୀ, ବଲାଙ୍ଗୀ।

# ଜଳବାୟୁ ପରିବର୍ତ୍ତନର ମୁକାବିଲା

ଆଜି ଅଧିକାଂଶ ବୁଦ୍ଧିଜୀବୀ, ଅନୁଷ୍ଠାନ ଓ ନେତା ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ପାଇଁ କିଛି କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ସମାଧାନ ଖୋଜିବାର ପାରମ୍ପରିକ ପଦ୍ଧତି ଆମକୁ ଆଶାନୁରୂପ ଫଳାଫଳ ଦେଉନାହିଁ । ୧୯୯୭ ମସିହାରୁ ଆମେ କିୟୋଟୋ ପ୍ରୋଟୋକଲ୍ ଏବଂ ପ୍ୟାରିସ୍ ଚୁକ୍ତି ଭଳି ନୀତିରେ ଏହି ଭୟାନକ ସମସ୍ୟାର ସମାଧାନ ଖୋଜୁଛୁ। ସୌର ଏବଂ ପବନ ଭଳି ଅକ୍ଷୟ ଶକ୍ତି ଯଥେଷ୍ଟ ବୃଦ୍ଧି ପାଇଛି, ଖର୍ଚ୍ଚ ହ୍ରାସ ପାଇଛି ଏବଂ କ୍ଷମତା ବୃଦ୍ଧି ପାଇଛି। ଇତି ମଧ୍ୟରେ ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ଜାରି ରହିଛି। ଏହାସତ୍ତ୍ୱେ ବିଶ୍ୱର ତାପମାତ୍ରା କେବଳ ବୃଦ୍ଧି ପାଉନାହିଁ ବରଂ ଏହା ମଧ୍ୟ ତ୍ୱରାନ୍ୱିତ ହେବାରେ ଲାଗିଛି। ଏପରିକି ଅକ୍ଷୟ ଶକ୍ତିର ବ୍ୟବହାର ଭଳି ସମାଧାନ ବିଷୟରେ କହିବାକୁ ଗଲେ, ଆମର ଧ୍ୟାନ ଶକ୍ତି ବ୍ୟବହାର ହ୍ରାସ କରିବା ଉପରେ ନୁହେଁ ବରଂ ଅଧିକ ଅକ୍ଷୟ ଶକ୍ତି ଉତ୍ପାଦନ ଉପରେ ରହିଛି । ଏହି ମାନସିକତା ଯୋଗୁଁ ସୋଲାର ପ୍ୟାନେଲ, ଇଲେକ୍ଟ୍ରିକ୍ ଯାନ ଓ ବ୍ୟାଟେରୀ ଇତ୍ୟାଦିର ଉତ୍ପାଦନ ବୃଦ୍ଧି ପାଉଛି ଏବଂ ସେହି ଅନୁପାତରେ ଆବଶ୍ୟକ ସମ୍ବଳ, ସାମଗ୍ରୀ ଏବଂ ବିଦ୍ୟୁତ୍ ବ୍ୟବହାର ବୃଦ୍ଧି ପାଉଛି। ଏହିସବୁ ସାମଗ୍ରୀ ଓ ଉତ୍ପାଦର ରିସାଇକ୍ଲିଂରେ ସମସ୍ୟା ରହିଛି। ଅକ୍ଷୟ ଶକ୍ତି ଜ୍ଞାନକୌଶଳର ପରିବେଶ ପ୍ରଭାବ ଜୀବାଶ୍ମ ଇନ୍ଧନ ତୁଳନାରେ କମ୍, କିନ୍ତୁ ଏହା ଶୂନ ନୁହେଁ। ଆଜି ବାୟୁମଣ୍ଡଳରେ କାର୍ବନ ଡାଇଅକ୍ସାଇଡ୍ ସ୍ତର ବୃଦ୍ଧି ପାଉଛି, ବିଶ୍ୱର ତାପମାତ୍ରା ବୃଦ୍ଧି ପାଉଛି ଏବଂ ଗମ୍ଭୀର ପାଣିପାଗ ଘଟଣା ବୃଦ୍ଧି ପାଉଛି । ଆଇନଷ୍ଟାଇନ କହିଛନ୍ତି, ଆମେ ଯେଉଁ ଚିନ୍ତାଧାରାରେ ଆମର ସମସ୍ୟା ସୃଷ୍ଟି କରୁଥିଲୁ, ଆମେ ତାହାଦ୍ୱାରା ସମାଧାନ କରିପାରିବା ନାହିଁ। ଆମର ଅତ୍ୟଧିକ ବ୍ୟବହାର ଏବଂ ଅର୍ଥନୈତିକ ଅଭିବୃଦ୍ଧି ମାନସିକତା ଆଜି ପୃଥିବୀରେ ପରିବେଶ ଗତ ଚାପ ସୃଷ୍ଟି କରିଛି। ଏହାର ପରିଣାମ ହେଉଛି ପ୍ରାକୃତିକ ସମ୍ପଦର ଅବକ୍ଷୟ, ଗ୍ଲୋବାଲ ୱାର୍ମିଂ ଏବଂ ଜଳବାୟୁ ପରିବର୍ତ୍ତନ। ଜନସାଧାରଣଙ୍କ ଧାରଣା ବିପରୀତ, ଏହି ସମସ୍ୟାର ମୁକାବିଲା ପାଇଁ ମୋର ପ୍ରସ୍ତାବ ହେଉଛି 'କିଛି କରନ୍ତୁ ନାହିଁ'। ଏହି ଧାରଣା ପଛର ଯୁକ୍ତି ହେଉଛି ଯେ କିଛି କରିବାର ଅର୍ଥ ହେଉଛି ଅଧିକ ଶକ୍ତି ବ୍ୟବହାର କରିବା ଅର୍ଥ ଅଧିକ କାର୍ବନ ନିର୍ଗମନ ଅର୍ଥ ଅଧିକ ଜଳବାୟୁ ପରିବର୍ତ୍ତନ। ଆମ ଦେଶରେ ଆମେ ମନ ଓ ଶରୀରର ସ୍ୱଚ୍ଛତା ପାଇଁ ବ୍ରତ ପାଳନ କରିଥାଉ। ଠିକ୍ ସେହିପରି ଆମେ କାହିଁକି 'ଦ୍ରୁତ ଶକ୍ତି' କରି ନିଜ ଘର, ପୃଥିବୀକୁ ରକ୍ଷା କରୁନାହୁଁ। ବର୍ଷେ ପର୍ଯ୍ୟନ୍ତ ନୂଆ ପୋଷାକ ନ କିଣିବା ନିଷ୍ପତ୍ତି 'ପୋଷାକ ଉପବାସ' ହୋଇପାରେ। ଦୂର ଦୂରାନ୍ତର ପର୍ଯ୍ୟଟନସ୍ଥଳୀକୁ ଯାତ୍ରା ନ କରିବା ଏକ 'ଭ୍ରମଣ ଦ୍ରୁତ' ପାଳଟିଯାଏ। ପ୍ୟାକେଜ୍ ହୋଇଥିବା ଖାଦ୍ୟଠାରୁ ଦୂରେଇ ରହିବା ହେଉଛି 'ପ୍ୟାକେଜ୍ ଫୁଡ୍ ଫାଷ୍ଟିଂ' ଏବଂ ଗାଧୋଇବା ପାଇଁ ଗରମ ପାଣି ବ୍ୟବହାର ନ କରିବା ହେଉଛି 'ଗରମ ଜଳ ଶକ୍ତି ଉପବାସ', ବିନା ଚାପରେ ପୋଷାକ ପିନ୍ଧିବା ହେଉଛି 'ଇଲେକ୍ଟ୍ରିକ୍ ଏନର୍ଜି ଫାଷ୍ଟିଂ'। ଯେକୌଣସି ପରିବେଶ, ଦେଶ, ଶିକ୍ଷାସ୍ତର ଓ ଅର୍ଥନୈତିକ ସ୍ଥିତିର ବ୍ୟକ୍ତି ନିଜର 'ଶକ୍ତି ଦ୍ରୁତ' ନିର୍ଦ୍ଧାରଣ କରିପାରିବେ। ବୃହତ ସ୍ତରରେ ଶକ୍ତି ଉପବାସର ଅର୍ଥ ହେଉଛି କମ୍ ଶକ୍ତି ବ୍ୟବହାର, ଅର୍ଥାତ୍ କମ୍ କାର୍ବନ ନିର୍ଗମନ, ଅର୍ଥାତ୍ ଜଳବାୟୁ ପୁନରୁଦ୍ଧାର। ଏହି ଆଭିମୁଖ୍ୟ ଆମର ସଚେତନ ଜୀବନ ଶୈଳୀ ଏବଂ ସ୍ଥିରତାର ମାନସିକତାକୁ ମଧ୍ୟ ପ୍ରୋତ୍ସାହିତ କରେ। ଶକ୍ତି ଉପବାସ ପାଇଁ ଅତିରିକ୍ତ ଆର୍ଥିକ ସମ୍ବଳର ଆବଶ୍ୟକତା ନାହିଁ। ବାସ୍ତବରେ ଏହା ଅନେକ ସମୟରେ ଦ୍ରବ୍ୟ ଓ ସେବାର ବ୍ୟବହାର ହ୍ରାସ କରି ଅର୍ଥ ସଞ୍ଚୟ କରିଥାଏ। ଉଦାହରଣସ୍ୱରୂପ, ଏକ ନୂତନ କାର୍ କିମ୍ବା ଇଲେକ୍ଟ୍ରୋନିକ୍ ଡିଭାଇସ୍ ନ କିଣିବାଦ୍ୱାରା ଉତ୍ପାଦନ ପାଇଁ ଆବଶ୍ୟକ ଅର୍ଥ ଏବଂ ସମ୍ବଳ ସଞ୍ଚୟ ହୁଏ। ଅନାବଶ୍ୟକ କାର୍ଯ୍ୟକୁ ଏଡ଼ାଇ ଆମେ ପ୍ରାକୃତିକ ସମ୍ପଦର ସଂରକ୍ଷଣ କରିଥାଉ। ଏହା ପରିବେଶ ଉପରେ ଚାପ ହ୍ରାସ କରିବା ସହ ପରିବେଶସନ୍ତୁଳନ ବଜାୟ ରଖିବାରେ ସହାୟକ ହୋଇଥାଏ। ଏହା ବୈଷୟିକ ସମାଧାନର ବିପରୀତ, ଯାହାର ବିକାଶ, କାର୍ଯ୍ୟକାରିତା ଏବଂ ସ୍କେଲିଂ ପାଇଁ ପ୍ରାୟତଃ ସମୟ ଆବଶ୍ୟକ ହୁଏ। ସଚେତନତାର ସହ ଶକ୍ତି ବ୍ୟବହାର ହ୍ରାସ କରି, ବର୍ଜ୍ୟବସ୍ତୁ ହ୍ରାସ କରି ଏବଂ ଅଧିକ ସରଳ ଭାବରେ ବଞ୍ଚିବା ପାଇଁ ନିଷ୍ପତ୍ତି ନେଇ, ଆମେ ଆମର କାର୍ବନ ଫୁଟପ୍ରିଣ୍ଟକୁ ଯଥେଷ୍ଟ ପରିମାଣରେ ହ୍ରାସ କରିପାରିବା ଏବଂ ଏକ ଅଧିକ ସ୍ଥାୟୀ ଭବିଷ୍ୟତକୁ ପ୍ରୋତ୍ସାହିତ କରିପାରିବା। ତେବେ ଆପଣ ଦ୍ରୁତ ଗତିରେ ନିଜର ଶକ୍ତି ଆରମ୍ଭ କରିବେ କି? ଆପଣଙ୍କ ଶକ୍ତି ଫାଷ୍ଟ ତାଲିକା ତିଆରି କରନ୍ତୁ ଏବଂ ଅଂଶୀଦାର କରନ୍ତୁ! ଯେକୌଣସି ପରିବେଶ, ଦେଶ, ଶିକ୍ଷାସ୍ତର ଓ ଅର୍ଥନୈତିକ ସ୍ତରର ବ୍ୟକ୍ତି 'ଶକ୍ତି ଉପବାସ' କରିପାରିବେ। ଅର୍ଥାତ୍ କମ୍ ଶକ୍ତି ବ୍ୟବହାର ଅର୍ଥାତ୍ କମ୍ କାର୍ବନ ନିର୍ଗମନ ଅର୍ଥାତ୍ ଜଳବାୟୁ ଉନ୍ନତି। ଏହା ମାନସିକ ସ୍ଥିରତାକୁ ପ୍ରୋତ୍ସାହିତ କରିଥାଏ।



ଆଜି ବାୟୁମଣ୍ଡଳରେ କାର୍ବନ ଡାଇଅକ୍ସାଇଡ୍ ସ୍ତର ବୃଦ୍ଧି ପାଉଛି, ବିଶ୍ୱର ତାପମାତ୍ରା ବୃଦ୍ଧି ପାଉଛି ଏବଂ ଗମ୍ଭୀର ପାଣିପାଗ ଘଟଣା ବୃଦ୍ଧି ପାଉଛି । ଆଇନଷ୍ଟାଇନ କହିଛନ୍ତି, ଆମେ ଯେଉଁ ଚିନ୍ତାଧାରାରେ ଆମର ସମସ୍ୟା ସୃଷ୍ଟି କରୁଥିଲୁ, ଆମେ ତାହାଦ୍ୱାରା ସମାଧାନ କରିପାରିବା ନାହିଁ। ଆମର ଅତ୍ୟଧିକ ବ୍ୟବହାର ଏବଂ ଅର୍ଥନୈତିକ ଅଭିବୃଦ୍ଧି ମାନସିକତା ଆଜି ପୃଥିବୀରେ ପରିବେଶ ଗତ ଚାପ ସୃଷ୍ଟି କରିଛି।

# ବେରୋଜଗାରିଆ ପୁଅକୁ ସମ୍ମାନ ମିଳେନି



ଦିପ୍ତିମୟୀ ନାୟକ

ଆମ ସମାଜରେ ଏମିତି କିଛି ପରିବାର ଅଛି ଯେଉଁ ପରିବାର ଭିତରେ ରହି ଗୋଟେ ଭେଣ୍ଡା ପୁଅ କର୍ମକୁଢ଼ିଆର ଆଖ୍ୟା ପାଇଛି। ଆଖିର ଲୁହକୁ ସମସ୍ତଙ୍କ ଆଗରେ ଲୁଚେଇ ହସିବାର ଅଭିନୟ କରିଚାଲିଛି। କେବେ ସେ କାନ୍ଦେ ନିରୋଳା ସ୍ଥାନରେ। କେବେ ସେ କାନ୍ଦେ ମା'ର ପଣତ କାନିତଳେ ଆଉ କେବେ କାନ୍ଦେ ତା ବିଛଣା ଉପରେ। ଲୁହ ଭିଜା ଆଖିରେ ଯେବେ ସେ ନିଜକୁ ଖୋଜେ ସମସ୍ୟା ଠାରୁ ତା ଆପଣାର ଲୋକଙ୍କ କଥା ବେଶି ବାଧେ। ମା' ସିନା ଜନ୍ମ ଦିଏ କର୍ମ ଦିଏନି। କର୍ମ କରିବାକୁ ହେଲେ ନିଜର ପରିଶ୍ରମ ଜାରି ରଖିବାକୁ ପଡିଥାଏ। ପରିଶ୍ରମ ଫଳ ଯେତେବେଳେ ମିଳେନି ପୁଅଟି କରିବ ତ କଣ କରିପାରିବ। ଆଖିରୁ ଲୁହ ଝରିଲେ ଲୋକେ କହିବେ ପ୍ରେମରେ ଅସଫଳ। ମନକୁ ନୀରବ ରଖିଲେ କାହା ଭାବନାରେ ଏ ଏତେ ସ୍ଥିର। ଦୂରେଇ ରହିଲେ କାହା ଚକରରେ ପଡିଛି ଏତେ ଦୂରେଇ ଦୂରେଇ ରହୁଛି। ହେଲେ ପ୍ରକୃତ ସତ ଆଉ କିଛି ଥାଏ। ତା ଜୀବନରେ ଯେତିକି ସମସ୍ୟା ଥାଏ ବୋଧହୁଏ ତା ଛଡା ଅନ୍ୟକେହି ହୃଦୟଙ୍ଗମ କରିପାରେନି। ପିଲାର ମନ କଥା ବାପା-ମା' ବୁଝନ୍ତି ଆଉ ଯେତେବେଳେ ସେହି ବାପା-ମା' ପିଲାକୁ ଯାଉ ସିଆଉ କିଛି କହିଦିଅନ୍ତି ସେତେବେଳେ ପିଲାଟି ସତରେ ଭାଙ୍ଗିପଡେ କାରଣ ପିଲାଟି ଜାଣିଥାଏ ଏ ଦୁନିଆରେ ତାକୁ କିଏ ବୁଝୁ କି ନବୁଝୁ ତା ବାପା-ମା' ତାକୁ ନିଶ୍ଚିନ୍ତ ବୁଝିବେ ହେଲେ ସେମିତି କିଛି ପରିବାରରେ ହୁଏନି କି ସବୁ ବାପା-ମା' ସମାନ ନୁହଁନ୍ତି। ଆଜିର ଦୁନିଆରେ ଏମିତି କିଛି ବାପା-ମା' ଅଛନ୍ତି ଯେଉଁମାନେ କେବଳ ଗୋଟେ ରୋଜଗାରିଆ ପୁଅ ଚାହାଁନ୍ତି ଆଉ ବେରୋଜଗାରିଆ ପୁଅକୁ ଗୁଞ୍ଜଣା ଦିଅନ୍ତି। ଯେତେବେଳେ ଯାହା ପାଆନ୍ତି ସେୟା ଶୁଣେଇଦିଅନ୍ତି ଶେଷରେ କର୍ମକୁଢ଼ିଆ କହିଦିଅନ୍ତି। ସେହି ବାପା-ମା' ଥରେ ଭାବିବା ଉଚିତ ଯେ କର୍ମକୁଢ଼ିଆ କାହାକୁ କୁହନ୍ତି। କେହି ଜାଣି ଜାଣି କର୍ମକୁଢ଼ିଆ ହୋଇନଥାଏ କିଛି ପରିସ୍ଥିତି ବାଧ୍ୟ କରିଥାଏ ଘରେ ରହିବାକୁ। ଭେଣ୍ଡା ପୁଅକୁ ଏମିତି କଟୁ କଥା କହିବା ଉଚିତ ନୁହେଁ କାରଣ ଚାକିରୀ ମିଳିଲେ ପିଲା ନିଶ୍ଚିନ୍ତ ଚାକିରୀ କରିବ କିନ୍ତୁ ଯଦି କେଉଁଠି ଚାକିରୀ ନମିଳେ ସେ ଅବା କଣ କରିପାରିବ। ଆପଣମାନେ ଯେମିତି ଅସ୍ଥିର ହେଉଛନ୍ତି ଆପଣଙ୍କ ପିଲା କେଉଁଠି ଚାକିରୀ କରୁ। ଆପଣଙ୍କ ପିଲା ମଧ୍ୟ ସେତିକି ଅସ୍ଥିର ହେଉଛି ଚାକିରୀ ଖଣ୍ଡେ କରିବାପାଇଁ କିନ୍ତୁ ଚାକିରୀ ନମିଳିଲେ କର୍ମକୁଢ଼ିଆ କିଏ କେମିତି ହୋଇପାରିବ। ଅନୁଭୂତିରୁ ଚେନାଏ କଥା ଥରେ ମୁଁ ଅଫିସରୁ ଆସୁଥାଏ ଆଉ ବାଟରେ ଗୋଟେ ଭେଣ୍ଡା ପୁଅକୁ ତା ବାପା-ମା' କର୍ମକୁଢ଼ିଆ କହୁଥିବାର ଶୁଣିଲି ତାପରେ ମୁଁ ସେହି ବାଟ ଦେଇ ଘରକୁ ଚାଲି ଆସିଲି। ପୁଣି କିଛି ଦିନ ପରେ ସେହି ବାଟଦେଇ ଅଫିସ ଗଲାବେଳେ ସେହି ପରିବାରରେ ପାଟି ତୁଣ୍ଡ ଶୁଣିଲି ତାପରେ ସେହି ଭେଣ୍ଡିଆ ପୁଅର ଆଖିର ଲୁହକୁ ଦେଖିଲି ଶେଷରେ ଏହାର ପ୍ରକୃତ କାରଣ କଣ ବୋଲି ସେହି ପାଖ ପଡୋଶୀଙ୍କୁ ପଚାରିବାକୁ ଲାଗିଲି ଆଉ ଜାଣିବାକୁ ପାଇଲି ପୁଅଟିର ଗ୍ରାଜୁଏସନ ସରିବାପରେ ମଧ୍ୟ ସେ କୌଣସି ସ୍ଥାନରେ ଚାକିରୀ ପାଉନି ଯାହାଫଳରେ ତା ବାପା-ମା' ତାକୁ କର୍ମକୁଢ଼ିଆ କହୁଛନ୍ତି। ମୁଁ ଟିକେ ଆଶ୍ଚର୍ଯ୍ୟ ହୋଇଗଲି ଆଉ ଭାବିଲି ମୁଁ ଯେଉଁ ପରିବେଶ ଭିତରେ ରହୁଛି ସେଠି କଣ ଏମିତି ସବୁ ହେଉଛି। ମୁଁ ତ ଶୁଣିଥିଲି ଅନ୍ୟକେହି ଯଦି ନିଜ ପିଲାକୁ କର୍ମକୁଢ଼ିଆ କୁହେ ସେତେବେଳେ ବାପା-ମା' ମାନେ ଚିହିଁକି ଉଠନ୍ତି ଆମ ପିଲାଙ୍କୁ କାହିଁକି ଏମିତି କହିଲ ଆମ ପିଲାର ବୟସ ହେଉ ସେ ଚାକିରୀ କରିବ କିନ୍ତୁ ପରିବାର ଭିତରେ ଯଦି କିଛି ଆର୍ଥିକ ସମସ୍ୟା ନଥାଏ ତାହେଲେ କାହିଁକି ଗୋଟେ ପୁଅକୁ ଆଜିର କିଛି ବାପା-ମା' ଏମିତି କଥା କୁହନ୍ତି।




ତେବେ ସବୁବେଳେ ପିଲାଙ୍କ ଚାକିରୀକୁ ନେଇ ପିଲାଙ୍କ ଉପରେ ବିରକ୍ତ ହୁଅନ୍ତୁନି କାରଣ ପିଲା ମନ କେତେବେଳେ କଣ ଭୁଲ ନିଷ୍ପତି ନେଇଯିବ ତାହା କେହି କହିପାରିବେନି। ଯଦି ଆପଣଙ୍କ ପିଲାର ପରିଶ୍ରମ ବୃଥା ନୁହେଁ ତେବେ କାହିଁକି ଆପଣ ଆପଣଙ୍କ ପିଲାକୁ ଏତେ ଅବିଶ୍ୱାସ କରୁଛନ୍ତି। କାହିଁକି ନିଜ ପିଲାଙ୍କୁ ଏମିତି କଟୁ କଥା କହୁଛନ୍ତି। ବାପା-ମା' ଆକଟ ଶାସନ କରନ୍ତି ପିଲାର ଖରାପ ସମୟରେ ପିଲାର ପାଖେ ପାଖେ ରୁହନ୍ତି ହେଲେ ଆଜିର କିଛି ବାପା-ମା' ପିଲାର ଅର୍ଥ ଚାହାଁନ୍ତି ପିଲାକୁ ନୁହେଁ। ଆମ ସମାଜରେ ଅନେକ ପରିବାର ବାହାରିବ ଯେଉଁଠି ଗୋଟେ ପୁଅଟିଏ ବାରମ୍ବାର କର୍ମକୁଢ଼ିଆର ଆଖ୍ୟା ପାଇ ନିଜ ଜୀବନକୁ ହୀନ ମନେକରୁଥିବ। ଜୀବନ ହୀନ ନୁହେଁ ହୀନ ଭାବନା ମଣିଷକୁ ଛୋଟ କରିଦିଏ। ତେଣୁ ଯଦି ଆପଣ ଆପଣଙ୍କ ପିଲାଙ୍କ ଚାକିରୀକୁ ନେଇ ଚିନ୍ତିତ ତେବେ ଆପଣ ଆପଣଙ୍କ ପିଲାକୁ ସର୍ବପ୍ରଥମେ ସାନ୍ତ୍ୱନା ଦିଅନ୍ତୁ। ଚାକିରୀଆ ପୁଅ ପରିବର୍ତ୍ତେ ବେରୋଜଗାରିଆ ପୁଅକୁ ବି ସେହି ସମ୍ମାନ ଦିଅନ୍ତୁ ଯେଉଁ ସମ୍ମାନ ଆପଣ ଅନ୍ୟମାନଙ୍କୁ ଦେଉଛନ୍ତି।

ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍: ୯୦୯୦୬୬୧୫୮୬

# ଭାରତର ଅର୍ଥନୀତିରେ ସୁଧାର ଆବଶ୍ୟକ

ଆମେରିକା ସମେତ ସମଗ୍ର ବିଶ୍ୱର ଷ୍ଟକ ବଜାରରେ ହ୍ରାସର ପ୍ରଭାବ ଭାରତୀୟ ବଜାରରେ ମଧ୍ୟ ଦେଖିବାକୁ ମିଳିଥିଲା। ଅର୍ଥନୀତି ମାନ୍ଦାବସ୍ଥାରେ ଫସିଯିବା ଭୟରେ ଆମେରିକାରେ କାରବାର ଆରମ୍ଭ ହୋଇଥିଲା। ସେପଟେ ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧର ଆଶଙ୍କା ମଧ୍ୟ ବିଶ୍ୱର ଭାବନାକୁ ଖରାପ କରିଛି।

ପୂର୍ବରୁ ଆମେରିକୀୟ ବଜାରରେ ଯେଉଁ ଉନ୍ନତି ଚାଲିଥିଲା ତାହା ମୁଖ୍ୟତଃ ଟେକ୍ନୋଲୋଜି କମ୍ପାନୀମାନଙ୍କ ମଧ୍ୟରେ ସୀମିତ ଥିଲା । କାରଣ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କାରଣରୁ ସେମାନଙ୍କ ଅଭିବୃଦ୍ଧି ଦ୍ରୁତ ରହିବ ବୋଲି ପୂର୍ବାନୁମାନ କରାଯାଉଥିଲା, କିନ୍ତୁ ଜୁନ୍ ତ୍ରୈମାସରେ ଏହି କମ୍ପାନୀଗୁଡ଼ିକର ଫଳାଫଳ ଆସିବା ପରେ ବଜାର ନିରାଶ ହୋଇଥିଲା।

> **ବିଶ୍ୱବ୍ୟାପୀ ବିକ୍ରି ଯୋଗୁଁ ଭାରତୀୟ ବଜାର ଉପରେ ଚାପ ବୃଦ୍ଧି ପାଇଛି, ତଥାପି ଏହାକୁ ଆମେରିକୀୟ ଟେକ୍ନୋଲୋଜି ଷ୍ଟକଗୁଡ଼ିକରେ ଉତ୍ସାହଜନକ ବଜାର ସହିତ ତୁଳନା କରାଯାଇପାରିବ ନାହିଁ। ପ୍ରଥମତଃ, ଭାରତୀୟ ଅର୍ଥନୀତି ବହୁତ ଶକ୍ତିଶାଳୀ।**

ଆମେରିକାରେ ମାନ୍ଦାବସ୍ଥାର ଭୟ ବଢୁଥିବାରୁ ସେଠାରେ କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ ରିଜର୍ଭର ନୀତିକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ପ୍ରଶ୍ନ ଉଠୁଛି, ଏହା ସୁଧ ହାର ହ୍ରାସ କରିବା ଆରମ୍ଭ କରିବା ଉଚିତ କି? ତେବେ ମାନ୍ଦାବସ୍ଥାର ଭୟ ବଢ଼ିବା ପରେ ଫେଡେରାଲ ରିଜର୍ଭ ଖୁବଶୀଘ୍ର ସୁଧ ହାର ହ୍ରାସ କରିବା ଆରମ୍ଭ କରିବ ବୋଲି କହିଛି।

ଜାପାନୀ ମୁଦ୍ରା ୟେନ୍ ହ୍ରାସ ଯୋଗୁଁ ବଜାର ମଧ୍ୟ ପ୍ରଭାବିତ ହେଉଛି। ବ୍ୟାଙ୍କ ଅଫ୍ ଜାପାନ (ଭାରତୀୟ ରିଜର୍ଭ ବ୍ୟାଙ୍କ ପରି) ନିକଟରେ ସୁଧ ହାର ବୃଦ୍ଧି କରିଛି। ବାସ୍ତବରେ ବଡ଼ ବଡ଼ ବିଦେଶୀ ନିବେଶକମାନେ ଅତ୍ୟନ୍ତ କମ୍ ସୁଧହାରରେ ଋଣ ନେଇ ଭାରତ ସମେତ ବିଶ୍ୱର ଅନ୍ୟ ବଜାରରେ ନିବେଶ କରିଥାନ୍ତି। ଏହାକୁ ୟେନ୍ କ୍ୟାରି ଟ୍ରେଡ୍ କୁହାଯାଏ। ସୁଧ ହାର ବୃଦ୍ଧି ଓ ୟେନ୍ ହ୍ରାସ ଯୋଗୁଁ ଏବେ ଏଭଳି ଡିଲ୍ ହ୍ରାସ ପାଇବାରେ ଲାଗିଛି। ଫଳରେ ବଜାର ଉପରେ ଚାପ ମଧ୍ୟ ବଢ଼ିଯାଇଛି।



ଯଦିଓ ବିଶ୍ୱବ୍ୟାପୀ ବିକ୍ରି ଯୋଗୁଁ ଭାରତୀୟ ବଜାର ଉପରେ ଚାପ ବୃଦ୍ଧି ପାଇଛି, ତଥାପି ଏହାକୁ ଆମେରିକୀୟ ଟେକ୍ନୋଲୋଜି ଷ୍ଟକଗୁଡ଼ିକରେ ଉତ୍ସାହଜନକ ବଜାର ସହିତ ତୁଳନା କରାଯାଇପାରିବ ନାହିଁ। ପ୍ରଥମତଃ, ଭାରତୀୟ ଅର୍ଥନୀତି ବହୁତ ଶକ୍ତିଶାଳୀ। ଗତ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୮.୨% ଥିଲା, ଯାହା ବିଶ୍ୱର ବୃହତ ଅର୍ଥନୀତି ମଧ୍ୟରେ ଦ୍ରୁତତମ ଥିଲା। ଚଳିତ ଆର୍ଥିକ ବର୍ଷରେ ମଧ୍ୟ ଏହା ନିଜର ସ୍ଥିତି ବଜାୟ ରଖିବାର ସମ୍ଭାବନା ରହିଛି। ବଡ଼ କଥା ହେଉଛି ବିଦେଶୀ ନିବେଶକଙ୍କ ଉପରେ ଭାରତୀୟ ବଜାରର ନିର୍ଭରଶୀଳତା ବହୁ ମାତ୍ରାରେ ହ୍ରାସ ପାଇଛି ଏବଂ ଘରୋଇ ନିବେଶକମାନେ ଏହାର ଶକ୍ତି ବଜାୟ ରଖିଛନ୍ତି। ଯଦିଓ ଏହା ସତ ଯେ ଭାରତୀୟ ବଜାରର ମୂଲ୍ୟ କିଛି ମାତ୍ରାରେ ଅଧିକ ଥିଲା, କିନ୍ତୁ ଯେକୌଣସି ଉଚ୍ଚ ଅଭିବୃଦ୍ଧି ବଜାରକୁ ଅନେକ ସମୟରେ ଉଚ୍ଚ ମୂଲ୍ୟ ମିଳିଥାଏ। ଏବଂ ଭାରତୀୟ କଂପାନିଗୁଡ଼ିକର ଲାଭ ଅଭିବୃଦ୍ଧିର ଗତିକୁ ଦେଖିଲେ ଏହି ମୂଲ୍ୟାଙ୍କନ ଅଧିକ ମନେ ହେଉନାହିଁ। ତେଣୁ ଭାରତୀୟ ନିବେଶକମାନେ ଏହି ହ୍ରାସକୁ ନେଇ ଆତଙ୍କିତ ହେବା ଉଚିତ ନୁହେଁ। ଯଦି ସେମାନେ ଦୀର୍ଘମିଆଦୀ ସମୟ ପାଇଁ ଗୁଣାତ୍ମକ ଷ୍ଟକରେ ନିବେଶ କରିଛନ୍ତି, ତେବେ ସେମାନେ ଟଙ୍କା ରୋଜଗାର କରିବାର ସମ୍ଭାବନା ରହିବ। କିନ୍ତୁ ଏହା ମଧ୍ୟ ସତ ଯେ ଭାରତୀୟ ବଜାରକୁ ସାରା ବିଶ୍ୱର ବଜାରରେ ବିକ୍ରିର ପ୍ରଭାବରୁ ରକ୍ଷା କରାଯାଇପାରିବ ନାହିଁ।

# କାନାଡା ପ୍ରଧାନମନ୍ତ୍ରୀଙ୍କ ଅଡୁଆ ବଢ଼ିଲା

## ୨୮ ସୁଦ୍ଧା ଇସ୍ତଫା ଦେବାକୁ ଦାବି

**ଓଟାୱା, ୨୪।୧୦:** କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ଅଡୁଆ ବଢ଼ିଛି। ନିଜ ଦଳର ସାଂସଦମାନେ ଟ୍ରୁଡୋଙ୍କ ଇସ୍ତଫା ଦାବି କରିଛନ୍ତି। ଅକ୍ଟୋବର ୨୮ ସୁଦ୍ଧା ଇସ୍ତଫା ଦେବାକୁ ଡେଡଲାଇନ୍ ଦେଇଛନ୍ତି ବିଦ୍ରୋହୀ ସାଂସଦ। ଭାରତ ସହ ବିବାଦ ମଧ୍ୟରେ ଟ୍ରୁଡୋଙ୍କୁ ଏପରି ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିଛି। ଦଳର ଅସନ୍ତୁଷ୍ଟ ସାଂସଦମାନେ ଅକ୍ଟୋବର ୨୮ ସୁଦ୍ଧା ଇସ୍ତଫା ନ ଦେଲେ ବିଦ୍ରୋହର ସାମ୍ନା କରିବାକୁ ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି।



ସୂଚନା ଅନୁସାରେ, ଗତକାଲି ଟ୍ରୁଡୋ ଏବଂ ତାଙ୍କ ଲିବେରାଲ ପାର୍ଟିର ସାଂସଦମାନଙ୍କ ସହ ଏକ ରୁଦ୍ଧ ଦ୍ୱାର ବୈଠକ ବସିଥିଲା। ଏଥିରେ କ୍ୟାବିନେଟର ସଦସ୍ୟ ନଥିବା ୨୦ ଜଣ ସାଂସଦ ତାଙ୍କୁ ଇସ୍ତଫା ଦେବାକୁ କହିଥିଲେ। ଆସନ୍ତା ନିର୍ବାଚନରେ ଦଳର ପରାଜୟ ଆଶଙ୍କା କରି ସେମାନେ ଟ୍ରୁଡୋଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ ବୋଲି କହିଛନ୍ତି। ଏହି ବୈଠକ ତିନି ଘଣ୍ଟା ଧରି ଚାଲିଥିଲା। ଟ୍ରୁଡୋ ଏଥିରେ ତାଙ୍କ ନିଷ୍ପତ୍ତି ଶୁଣାଇନଥିଲେ ମଧ୍ୟ ହସୁଥିବା ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ବୈଠକ ପରେ ସେ କହିଛନ୍ତି ଯେ, ଲିବେରାଲମାନେ ଏକତ୍ରିତ ଏବଂ ଶକ୍ତିଶାଳୀ। ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଲିବେରାଲ ପାର୍ଟିର ୧୫୩ ଜଣ ସାଂସଦଙ୍କ ମଧ୍ୟରୁ ୨୪ ଜଣ ଏକ ଚିଠିରେ ଦସ୍ତଖତ କରି ଟ୍ରୁଡୋଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ଆହ୍ୱାନ କରିବା ସହ ଆସନ୍ତା ନିର୍ବାଚନ ନ ଲଢ଼ିବାକୁ କହିଛନ୍ତି। ଟ୍ରୁଡୋ ଗତ ୧୦ ବର୍ଷ ଧରି କାନାଡାର ପ୍ରଧାନମନ୍ତ୍ରୀ ରହି ଆସିଛନ୍ତି। ଗତ ବର୍ଷଠାରୁ ଭାରତ ସହ ତିକ୍ତତା ମଧ୍ୟରେ ତାଙ୍କୁ ଅନେକ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିଛି। ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜାର ହତ୍ୟା ମାମଲାକୁ ନେଇ ସେ ବାରମ୍ବାର ଭାରତକୁ ଦାୟୀ କରି ଆସିଥିଲେ। କିନ୍ତୁ ନିକଟରେ ସେ ଏହି ଅଭିଯୋଗ କୌଣସି ଠୋସ୍ ପ୍ରମାଣରେ ନୁହେଁ, ବରଂ ସାମାନ୍ୟ ଗୁଇନ୍ଦା ସୂତ୍ର ଆଧାରରେ କରିଥିବା କହିଥିଲେ। ଏହାର କିଛି ଦିନ ପରେ ତାଙ୍କ ବିରୁଦ୍ଧରେ ଦଳୀୟ ସାଂସଦମାନେ ବିଦ୍ରୋହ ଆରମ୍ଭ କରି ଦେଇଛନ୍ତି।

# ସାଙ୍ଗକୁ ମାରି କାର୍ ସହ ଜାଳିଦେଲେ

**ଗାଜିଆବାଦ, ୨୪।୧୦:** ଏକ ଟୟୋଟା ଫର୍ଚୁନର୍ କାରରୁ ଜଣେ ଜମି ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର ହେବା ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଦୁର୍ଘଟଣା କିମ୍ବା କାରରେ ନିଆଁ ଲାଗି ତାଙ୍କର ମୃତ୍ୟୁ ହୋଇନାହିଁ, ବରଂ ତାଙ୍କୁ କେହି ହତ୍ୟା କରିବା ପରେ କାର୍ ଭିତରେ ଜାଳି ଦେଇଛନ୍ତି। ହତ୍ୟା କରିଥିବା ଅଭିଯୁକ୍ତ ଆଉ କେହି ନୁହନ୍ତି, ଜମି ବ୍ୟବସାୟୀଙ୍କ ବନ୍ଧୁମାନେ ହିଁ ଏପରି ଜଘନ୍ୟ କାଣ୍ଡ ଘଟାଇଥିବା ପୁଲିସ କହିଛି।

ସୂଚନା ଅନୁସାରେ, ସୋମବାର ରାତିରେ ଦାଦ୍ରିର ଏକ ଜଙ୍ଗଲ ଅଞ୍ଚଳରୁ ଟୟୋଟା ଫର୍ଚୁନର କାରରୁ ଏକ ମୃତଦେହ ଉଦ୍ଧାର ହୋଇଥିଲା। ପରେ ମୃତକ ଜଣକ ଉତ୍ତରପ୍ରଦେଶ ଗାଜିଆବାଦର ଜଣେ ଜମି ବ୍ୟବସାୟୀ ସଞ୍ଜୟ ଯାଦବ ବୋଲି ଜଣା ପଡ଼ିଥିଲା। ଏହାପରେ ପରିବାର ଲୋକେ ସଞ୍ଜୟଙ୍କ ଦୁଇ ବନ୍ଧୁ ବିଶାଳ ରାଜପୁତ ଏବଂ ଜିତ ଚୌଧୁରୀଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଥିଲେ।

ତିନି ଜଣ ବାହାରକୁ ବୁଲିବାକୁ ଯାଇଥିବାରୁ ଉଭୟ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଥିଲେ ପରିବାର ଲୋକ। ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଥିଲା ପୁଲିସ। ଉଭୟଙ୍କୁ ଅଟକ ରଖି ପଚରା ଉଚରା କରୁଥିଲା। ପଚରା ଉଚରା ସମୟରେ ସେମାନେ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ମୃତକ ସଞ୍ଜୟ ଏବଂ ଦୁଇ ଅଭିଯୁକ୍ତ ସାଙ୍ଗ ହୋଇ ବିଅର୍ ପାର୍ଟି କରିଥିଲେ। ଏହାପରେ ତାଙ୍କଠାରୁ ଟଙ୍କା ଏବଂ ସୁନା ଲୁଟ୍ କରିବା ଉଦ୍ଦେଶ୍ୟରେ ହତ୍ୟା କରିଥିବା ପୁଲିସ କହିଛି। ସେମାନେ କହିଛନ୍ତି ଯେ, ସଞ୍ଜୟ ଯାଦବ ସେମାନଙ୍କ ସହ ଦେଖା କରିଥିଲେ। ପରେ ତିନି ଜଣ ସାଙ୍ଗ ହୋଇ ବିଅର୍ ପାର୍ଟି କରିଥିଲେ। ଏହାପରେ କୁକୁର ବେଲ୍ଟରେ ତାଙ୍କ ତଣ୍ଟି ଚିପି ହତ୍ୟା କରିବା ପରେ କାର୍ ଭିତରେ ପୂରାଇ ନିଆଁ ଲଗାଇ ଦେଇଥିଲେ। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ନଗଦ ଟଙ୍କା, ଦୁଇଟି ସୁନା ମୁଦି, ବ୍ରେସଲେଟ୍ ଏବଂ ସୁନା ଚେନ୍ ଜବତ କରିଛି। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ କୁକୁର ବେଲ୍ଟ ମଧ୍ୟ ଜବତ କରିଛନ୍ତି। ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅଧିକ ତଦନ୍ତ ଜାରି ରଖିଛି।

# ଡ୍ରଗ୍ସ କାରବାରରେ ପୂର୍ବତନ ବିଧାୟିକା ଗିରଫ

**ଚଣ୍ଡିଗଡ଼, ୨୪।୧୦:** ଡ୍ରଗ୍ସ କାରବାର ଅଭିଯୋଗରେ ବନ୍ଧା ହେଲେ ପୂର୍ବତନ ବିଧାୟିକା। ପଞ୍ଜାବ ପୁଲିସ କଂଗ୍ରେସର ପୂର୍ବତନ ବିଧାୟିକା ତଥା ବିଜେପି ନେତା ସତ୍କାର କୌର ସିଂହଙ୍କୁ ଗିରଫ କରିଛି। ତାଙ୍କ ସହ ତାଙ୍କ ପୁତୁରାଙ୍କୁ ମଧ୍ୟ ସ୍ପେଶାଲ ଟାସ୍କ ଫୋର୍ସ ଗିରଫ କରିଛି। ତାଙ୍କ ନିକଟରୁ ୧୦୦ ଗ୍ରାମ ହେରୋଇନ୍ ଜବତ ହୋଇଛି। ପୂର୍ବତନ ବିଧାୟକ ସତ୍କାର କୌରଙ୍କୁ ଗିରଫ କରିବା ପରେ ତାଙ୍କ ଘରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ତାଙ୍କ ଘରୁ ୨୮ ଗ୍ରାମ ହେରୋଇନ୍ ଏବଂ ୧.୫୬ ଲକ୍ଷ ନଗଦ ଟଙ୍କା ଜବତ କରାଯାଇଛି। ୧୦୦ ଗ୍ରାମ ହେରୋଇନ୍ ଚୋରା କାରବାର କରୁଥିବା ବେଳେ ପୁଲିସ ଏହି ବିଜେପି ନେତା ଓ ତାଙ୍କ ପୁତୁରାଙ୍କୁ ଧରିଛି। କେବଳ ସେତିକି ନୁହେଁ ଡ୍ରଗ୍ସ ଚୋରା କାରବାରେ ବ୍ୟବହୃତ ହେଉଥିବା ୪ ଲଗ୍‌ଜୁରୀ ଗାଡ଼ି, ବିଏମ୍‌ଡବ୍ଲ୍ୟୁ, ଫର୍ଚୁନର, ଭରନା ଓ ସେବରୋଲେଟ୍‌କୁ ମଧ୍ୟ ଜବତ କରିଛି। ଆଇଜିପି ସୁଖଚୈନ୍ ସିଂହ ଗିଲ୍ ଏନେଇ ସୂଚନା ଦେଇଛନ୍ତି। ସତ୍କାର କୌର ଓ ତାଙ୍କ ପୁତୁରାଙ୍କ ବିରୋଧରେ ମୋହାଲିର ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ ପୁଲିସ ଷ୍ଟେସନରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ସତ୍କାର କୌର କଂଗ୍ରେସ ଛାଡି ୨୦୨୨ ମସିହାରେ ବିଜେପିରେ ଯୋଗ ଦେଇଥିଲେ।

# ପ୍ରବାସୀ ଶ୍ରମିକଙ୍କୁ ଟାର୍ଗେଟ୍ କିଲିଂ

**ଶ୍ରୀନଗର, ୨୪।୧୦:** ଜମ୍ମୁ କଶ୍ମୀରରେ ଥମୁନି ଟାର୍ଗେଟ୍ କିଲିଂ ମାମଲା। ନିକଟରେ ୭ ଜଣଙ୍କୁ ଆତଙ୍କବାଦୀମାନେ ଟାର୍ଗେଟ୍ କରି ହତ୍ୟା କରିଥିବା ବେଳେ ଏବେ ପୁଣି ଥରେ ଆଉ ଏକ ମାମଲା ସାମ୍ନାକୁ ଆସିଛି। ଜଣେ ପ୍ରବାସୀ ଶ୍ରମିକଙ୍କ ଉପରକୁ ଟାର୍ଗେଟ୍ କରି ଆତଙ୍କବାଦୀମାନେ ଗୁଳିମାଡ଼ କରିଛନ୍ତି। ପୁଲୱାମାର ତ୍ରାଲ ଅଞ୍ଚଳରେ ଏହି ଗୁଳିମାଡ଼ ହୋଇଛି। ଏଥିରେ ଜଣେ ପ୍ରବାସୀ ଶ୍ରମିକ ଆହତ ହୋଇଛନ୍ତି। ଶ୍ରମିକ ଜଣଙ୍କ ହେଉଛନ୍ତି ଉତ୍ତର ପ୍ରଦେଶର ଶୁଭମ କୁମାର। ତାଙ୍କ ବୟସ ୧୯ ବର୍ଷ। ସେ ବିଜନୌରର ବାସିନ୍ଦା। ତାଙ୍କ ହାତରେ ଗୁଳି ବାଜିଛି। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶୁଭମଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି। ଗତ କିଛି ଦିନ ହେଲା କଶ୍ମୀରରେ ପ୍ରବାସୀ ଶ୍ରମିକଙ୍କୁ ଟାର୍ଗେଟ୍ କରାଯାଉଛି। ସପ୍ତାହେ ଭିତରେ ଏହା ତୃତୀୟ ଘଟଣା। ଆତଙ୍କବାଦୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ବାହାର ରାଜ୍ୟର ପ୍ରବାସୀ ଶ୍ରମିକ। ଗାନ୍ଦରବାଲ ଜିଲ୍ଲାରେ ଏକ ନିର୍ମାଣସ୍ଥଳରେ ଆତଙ୍କବାଦୀମାନେ ୬ ଜଣ ପ୍ରବାସୀ ଶ୍ରମିକ ଏବଂ ଜଣେ ସ୍ଥାନୀୟ ଡାକ୍ତରଙ୍କୁ ହତ୍ୟା କରିଥିଲେ। ଏହା ପୂର୍ବରୁ ୧୮ ଅକ୍ଟୋବରରେ ସୋପିଆନ୍ ଜିଲ୍ଲାରେ ଆତଙ୍କବାଦୀମାନେ ବିହାର ଜଣେ ଶ୍ରମିକଙ୍କୁ ଗୁଳି କରି ହତ୍ୟା କରିଥିଲେ। ଜାମ୍ମୁ କାଶ୍ମୀରରେ ସଂଗଠିତ ଆତଙ୍କବାଦ ହ୍ରାସ ପାଇବା ପରେ ଟାର୍ଗେଟ କିଲିଂ ଘଟଣା ଲଗାତାର ଭାବେ ସାମ୍ନାକୁ ଆସୁଛି। ଗତ ବର୍ଷ ମଧ୍ୟ ଆତଙ୍କବାଦୀମାନେ ବିଭିନ୍ନ ଅଞ୍ଚଳରେ ଅଣ-କାଶ୍ମୀରବାସୀଙ୍କୁ ଟାର୍ଗେଟ୍ କରି ହତ୍ୟା କରିଥିଲେ। ଅନନ୍ତନାଗ, ପୁଲୱାମା ଏବଂ ପୁଞ୍ଚରେ ଟାର୍ଗେଟ କିଲିଂର ଅନେକ ଘଟଣା ସାମ୍ନାକୁ ଆସିଥିଲା।

# ବାବା ସିଦ୍ଦିକି ହତ୍ୟା ମାମଲାରେ ଆଉ ୩ ଗିରଫ

**ମୁମ୍ବାଇ, ୨୪।୧୦:** ଏନ୍‌ସିପି ନେତା ବାବା ସିଦ୍ଦିକିଙ୍କ ହତ୍ୟାକୁ ନେଇ ଦିନକୁ ଦିନ ଗିରଫଦାରୀ ସଂଖ୍ୟା ବଢ଼ି ଚାଲଇଛି। ଏହି ହତ୍ୟାକାଣ୍ଡ ପଛରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଦାୟୀ କରିଛି। ଏହି ମାମଲାରେ ପୁଲିସ ପୂର୍ବରୁ ୧୧ ଜଣଙ୍କୁ ଗିରଫ କରିଥିବା ବେଳେ ଏବେ ଆଉ ତିନି ଜଣଙ୍କୁ ବାନ୍ଧିଛି। ବୁଧବାର ସନ୍ଧ୍ୟାରେ ମୁମ୍ବାଇ ପୁଲିସ ପୁଣେରୁ ତିନି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଜେନ୍ଦ୍ର ମୋହୋଲ (୨୨), କରଣ ରାହୁଲ ସାଲଭେ (୧୯) ଏବଂ ଶିବମ ଅରବିନ୍ଦ କୋହାଡ (୨୦)। ଏମାନେ ସମସ୍ତେ ପୁଣେର ବାସିନ୍ଦା। ଏମାନଙ୍କୁ ଗିରଫ କରାଯାଇ ପଚରାଉଚରା ଚାଲିଥିବା ଜଣେ ପୁଲିସ ଅଧିକାରୀ କହିଛନ୍ତି। ଏହି ଗିରଫଦାରୀକୁ ମିଶାଇ ବାବା ସିଦ୍ଦିକି ହତ୍ୟାମାମଲରେ ମୋଟ ୧୪ ଜଣଙ୍କୁ ପୁଲିସ ଗିରଫ କରିସାରିଲାଣି। ଅକ୍ଟୋବର ୧୨ରେ ମୁମ୍ବାଇର ବାନ୍ଦ୍ରା ଅଞ୍ଚଳରେ ସିଦ୍ଦିକିଙ୍କୁ ପୁଅ ତଥା ବିଧାୟକ ଜିଶାନ ସିଦ୍ଦିକିଙ୍କ କାର୍ଯ୍ୟାଳୟ ବାହାରେ ଗୁଳି ମାଡ଼ କରି ହତ୍ୟା କରାଯାଇଥିଲା। ତେବେ କାହିଁକି ତାଙ୍କୁ ହତ୍ୟା କରାଗଲା? ଅନୁସନ୍ଧାନକାରୀମାନେ ହତ୍ୟାକାଣ୍ଡର କାରଣ ଏପର୍ଯ୍ୟନ୍ତ ଜାଣି ନାହାଁନ୍ତି। ସେମାନେ ଭିନ୍ନ ଭିନ୍ନ ଏଙ୍ଗେଲକୁ ନେଇ ମାମଲାର ଯାଞ୍ଚ କରୁଛନ୍ତି। ପୁଲିସ ବର୍ତ୍ତମାନ ସୁଦ୍ଧା ଦୁଇ ଜଣ ସନ୍ଦିଗ୍ଧ ଶୁଟର୍ ଧର୍ମରାଜ କଶ୍ୟପ ଓ ଗୁରମେଲ ସିଂହ ସମେତ ୧୧ ଜଣଙ୍କୁ ଗିରଫ କରିଛି। ତେବେ ମୁଖ୍ୟ ଶୁଟର୍ ଶିବକୁମାର ଗୌତମ ଓ ଦୁଇ ଜଣ ଷଡ଼ଯନ୍ତ୍ରକାରୀ ଏବେ ବି ଫେରାର ଅଛନ୍ତି। ସମ୍ବେଦନଶୀଳ ହତ୍ୟା ମାମଲାରେ ଏପର୍ଯ୍ୟନ୍ତ ଅନୁସନ୍ଧାନରୁ ଜଣାପଡିଛି ଯେ ଥାଣେରେ ସୁପାରୀ ନେଇ ହତ୍ୟା କରୁଥିବା ପାଞ୍ଚ ଜଣିଆ ଏକ ଗୋଷ୍ଠୀକୁ ପ୍ରଥମେ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ସିଦ୍ଦିକିଙ୍କୁ ହତ୍ୟା କରିବା ପାଇଁ ଠିକା ଦିଆଯାଇଥିଲା। ତେବେ ଏଥିପାଇଁ ସେମାନେ ୫୦ ଲକ୍ଷ ଟଙ୍କା ମାଗିଥିଲେ। ତେବେ ଏତେ ଟଙ୍କା ଦେବାକୁ ନେଇ ଡିଲ୍ ଫାଇନାଲ ହୋଇନଥିଲା। ପରେ ଏହି ଟିମ୍ ପଛକୁ ହଟି ଯାଇଥିଲା।

## ତୁର୍କୀରେ ଆତଙ୍କୀ ହମଲା

# ୫ ନାଗରିକ, ୨ ଆତଙ୍କୀ ନିହତ

**ଇସ୍ତାନବୁଲ, ୨୪।୧୦:** ତୁର୍କୀର ଏରୋସ୍ପେସ୍ ଏବଂ ପ୍ରତିରକ୍ଷା କମ୍ପାନୀ ତୁସାସ୍‌ର ମୁଖ୍ୟ କାର୍ଯ୍ୟାଳୟ ଉପରେ ହମଲା କରିଛନ୍ତି ଆତଙ୍କବାଦୀ। ଏଥିରେ ଅତି କମରେ ପାଞ୍ଚ ଜଣଙ୍କ ମୃତ୍ୟୁ ହୋଇ ଥିବାବେଳେ ୧୪ ଜଣ ଆହତ ହୋଇଛନ୍ତି। ଆତଙ୍କୀ ହମଲା ଏବଂ ମୃତ୍ୟୁସଂଖ୍ୟାକୁ ନେଇ ତୁର୍କୀ ରାଷ୍ଟ୍ରପତି ରିସେପ୍ ତାଇପ ଏରଦୋଗାନ୍ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, ଆତଙ୍କବାଦୀମାନେ ତୁସାସ୍ କମ୍ପାନୀ ଉପରେ ହମଲା କରିଛନ୍ତି। ପ୍ରଥମେ ବୋମା ବିସ୍ଫୋରଣ କରିବା ପରେ କମ୍ପାନୀ ମଧ୍ୟକୁ ପ୍ରବେଶ କରି ଆଖିବୁଜା ଗୁଳିମାଡ଼ କରିଛନ୍ତି। ଏଥିରେ ପାଞ୍ଚ ଜଣଙ୍କ ମୃତ୍ୟୁ ହୋଇଛି। ଆତଙ୍କବାଦୀଙ୍କ ଏପରି କାର୍ଯ୍ୟକଳାପ ଅତ୍ୟନ୍ତ ଘୃଣ୍ୟ। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ପ୍ରଥମେ ରାଜଧାନୀ ଅଙ୍କାରାଠାରୁ ପ୍ରାୟ ୪୦ କିଲୋମିଟର ଦୂରରେ ଥିବା ଏକ ଛୋଟ ସହର କହରାମଙ୍କାଜାନରେ ବ୍ୟାପକ ଧୂଆଁ ଏବଂ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା। ଏହାପରେ ସେଠାରେ ଆତଙ୍କବାଦୀ ହମଲା କରିଥିବା ଜଣାପଡିଥିଲା। ଏହି ହମଲାରେ ଦୁଇ ଜଣ ଆତଙ୍କବାଦୀ ସାମିଲ ଅଛନ୍ତି। ଜଣେ କମ୍ପାନୀର ଫାଟକ ନିକଟରେ ବୋମା ବିସ୍ଫୋରଣ କରିଥିଲେ। ଏହାପରେ ଅନ୍ୟଜଣେ କମ୍ପାନୀ ଭିତରକୁ ପଶି ଆଖିବୁଜା ଗୁଳିମାଡ଼ କରିଥିଲେ। ଏହି ଆକ୍ରମଣ ପଛରେ କାହାର ହାତ ଅଛି, ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।ଏପର୍ଯ୍ୟନ୍ତ କୌଣସି ଆତଙ୍କବାଦୀ ସଂଗଠନ ମଧ୍ୟ ଏଥିପାଇଁ ନିଜକୁ ଦାୟୀ କରିନାହାନ୍ତି। ବିସ୍ଫୋରଣ ଘଟିଥିବା ଏହି ସ୍ଥାନ ଇସ୍ତାନବୁଲରେ ପ୍ରତିରକ୍ଷା ଏବଂ ଏରୋସ୍ପେସ୍ ଶିଳ୍ପର ପ୍ରମୁଖ ବାଣିଜ୍ୟ କେନ୍ଦ୍ର। ଗତ ସପ୍ତାହରେ ୟୁକ୍ରେନର ବରିଷ୍ଠ କୂଟନୀତିଜ୍ଞ ଏଠାକୁ ପରିଦର୍ଶନରେ ଆସିଥିଲେ। ତୁସାସ୍ କମ୍ପାନୀ ତୁର୍କୀର ପ୍ରତିରକ୍ଷା ଏବଂ ବିମାନ ଚଳାଚଳ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। ଏହି କମ୍ପାନୀ ବିଭିନ୍ନ ପ୍ରୋଜେକ୍ଟରେ କାମ କରିବା ସହ ଦେଶର ପ୍ରଥମ ଜାତୀୟ ଯୁଦ୍ଧ ବିମାନ କାନ୍ ଉତ୍ପାଦନ ଏହିଠାରେ ହୋଇଥାଏ। ଏଠାରେ ପ୍ରାୟ ୧୦,୦୦୦ରୁ ଅଧିକ କର୍ମଚାରୀ କାମ କରୁଛନ୍ତି।

# ବେଙ୍ଗାଲୁରୁରେ ଅଢେଇ ଘଣ୍ଟା ଟ୍ରାଫିକ୍ ଜାମ୍

**ବେଙ୍ଗାଲୁରୁ, ୨୪।୧୦:** ଅନୁକୂଳ ଜଳବାୟୁ ଏବଂ ସୁହାଇବା ଭଳି ରହଣୀକୁ ନେଇ ଅନେକ ସୁନାମ ଅର୍ଜନ କରିଥିବା ସିଲିକନ ସିଟି ବେଙ୍ଗାଲୁରୁ ଟ୍ରାଫିକ୍ ସମସ୍ୟାକୁ ନେଇ ବି ଦୁର୍ନାମ ମୁଣ୍ଡାଇଛି। ଏହି ଦୁର୍ନାମ ଏବେ ଚରମ ହେବାକୁ ବସିଲାଣି। ସହରରେ ଟ୍ରାଫିକ୍ ସମସ୍ୟା ଏପରି ଅତିଷ୍ଠ କରିଛି ଯେ, ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁ ମଧ୍ୟରେ ସୋଶାଲ ମଡିଆରେ ଏକାଧିକ ଭିଡିଓ ଭାଇରାଲ୍ ହେଉଛି, ଯେଉଁଠାରେ ଓଭର ବ୍ରିଜ୍ ଏବଂ ରାସ୍ତାର ଦୁଇ ପଟେ ଘଣ୍ଟା ଘଣ୍ଟା ଧରି ଶହ ଶହ ଗାଡ଼ି ମୋଟର ଅଟକି ରହିଥିବା ଦେଖିବାକୁ ମିଳୁଛି। ଟ୍ରାଫିକ୍ ଜାମ୍ ଏପରି ଥିଲା ଯେ, ଦୀର୍ଘ ଦୁଇ ଘଣ୍ଟା ଧରି ଗାଡ଼ି ଇଞ୍ଚେ ବି ଗଡ଼ି ନଥିଲା। ଫଳରେ ଯାତ୍ରୀମାନେ ସେମାନଙ୍କ ଗାଡ଼ିକୁ ରାସ୍ତା ଉପରେ ଥୋଇ ଚାଲି ଚାଲି ଘରକୁ ଯାଇଥିବା ଦେଖିବାକୁ ମିଳିଛି। ପ୍ରବଳ ବର୍ଷା ପରେ ଏପରି ସମସ୍ୟା ସୃଷ୍ଟି ହୋଇଥିବା କୁହାଯାଉଛି। ଜଣେ ବେଙ୍ଗାଲୁରୁ ବାସିନ୍ଦା ଏହି ସମୟର ଭିଡିଓ ସୋଶାଲ ମିଡିଆରେ ପୋଷ୍ଟ କରି କହିଛନ୍ତି, "ମାଡ଼ିୱାଲଠାରୁ ବେଙ୍ଗାଲୁରୁ ରାସ୍ତା ସମ୍ପୂର୍ଣ୍ଣ ଜାମ୍। ଦୁଇ କିଲୋମିଟର ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ି ମୋଟର ଅଟକି ରହିଛି। ଦୀର୍ଘ ଅଢେଇ ଘଣ୍ଟା ହେବ ସମାନ ଅବସ୍ଥା। ଯଦି ଏପରି ସ୍ଥିତିରେ କିଛି ଜରୁରୀ ସମସ୍ୟା ହୁଏ, କିମ୍ବା କାହାକୁ ଡାକ୍ତରଖାନା ଯିବାକୁ ପଡ଼େ, ତେବେ ତାଙ୍କର ବଞ୍ଚିବାର ଆଶା କ୍ଷୀଣ।"



# ପ୍ରିୟଙ୍କାଙ୍କ ସମ୍ପତ୍ତିକୁ ନେଇ ବିଜେପିର ପ୍ରଶ୍ନ

**ନୂଆଦିଲ୍ଲୀ, ୨୪।୧୦:** କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧିଙ୍କ ସମ୍ପତ୍ତି କେତେ? ଏହାକୁ ନେଇ ଏବେ ବଡ଼ ପ୍ରଶ୍ନ ଉଠାଇଛି ବିଜେପି। ପ୍ରିୟଙ୍କାଙ୍କ ପାଖକୁ କେଉଁଠୁ ଆସୁଛି ଟଙ୍କା। ତାଙ୍କ ସମ୍ପତ୍ତି ଆୟର ମାଧ୍ୟମ କ'ଣ। ପ୍ରିୟଙ୍କାଙ୍କ ସମ୍ପତ୍ତିକୁ ନେଇ ଭାରତୀୟ ଜନତା ପାର୍ଟି ଗୁରୁବାର କଂଗ୍ରେସ ଉପରେ ଆକ୍ରମଣକୁ ଜୋରଦାର କରିଛି। ବିଜେପି ନେତା ଗୌରବ ଭାଟିଆ ଗାନ୍ଧୀ ପରିବାରକୁ ତୀବ୍ର ସମାଲୋଚନା କରି ସେମାନଙ୍କ 'ବେଆଇନ ସମ୍ପତ୍ତି'ର ସତ୍ୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଗତକାଲି କେରଳର ୱାୟନାଡ ଉପନିର୍ବାଚନ ପାଇଁ ପ୍ରିୟଙ୍କା ଗାନ୍ଧି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । କଂଗ୍ରେସ ନେତା ନିର୍ବାଚନୀ ସତ୍ୟପାଠରେ ନିଜର ଆୟ ଓ ସମ୍ପତ୍ତି ବିଷୟରେ ଜଣାଇଛନ୍ତି। ତାଙ୍କ ନିର୍ବାଚନୀ ସତ୍ୟପାଠ ଅନୁଯାୟୀ, ତାଙ୍କ ସ୍ଥାବର ସମ୍ପତ୍ତିର ମୂଲ୍ୟ ୪ କୋଟି ୨୪ ଲକ୍ଷ ୭୮ ହଜାର ୬୮୯ ଟଙ୍କା ରହିଛି। ତାଙ୍କ ପାଖରେ ୧୩୮,୯୯୨,୫୧୫ ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ଏହାପରେ ବିଜେପି ପ୍ରେସମିଟ୍ କରି ଗାନ୍ଧି ପରିବାର ଉପରେ ପ୍ରଶ୍ନ ଉଠାଇଛି। ସାମ୍ବାଦିକ ସମ୍ମିଳନୀ କରି ବିଜେପି ନେତା ଗୌରବ ଭାଟିଆ କଂଗ୍ରେସକୁ କଡ଼ା ସମାଲୋଚନା କରି କହିଛନ୍ତି, 'କଂଗ୍ରେସ ମହବତ କି ଦୁକାନ୍ ନୁହଁ ବରଂ ଦଲାଲି କି ଦୁକାନ୍।' ତୁଷ୍ଟିକରଣ ରାଜନୀତି ଓ ଦୁର୍ନୀତିରେ ଏମାନେ ଏକ ନମ୍ବର। ରାଫେଲ ଚୁକ୍ତିକୁ ନେଇ ୨୦୧୮ରେ ରାହୁଲ ଗାନ୍ଧି ଦେଇଥିବା ପୁରୁଣା ମନ୍ତବ୍ୟକୁ ନେଇ ତୀବ୍ର ସମାଲୋଚନା କରି ଗୌରବ ଭାଟିଆ କହିଛନ୍ତି, ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଗରିବଙ୍କ ଠାରୁ ଟଙ୍କା ନେଇ ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ହସ୍ତାନ୍ତର କରିଛନ୍ତି। ଗରିବଙ୍କଠାରୁ ଟଙ୍କା ନେଇ ଅମ୍ବାନୀଙ୍କୁ ଦିଆଯାଇଥିବା ରାହୁଲ କହିଥିଲେ



ବୋଲି ବିଜେପି ନେତା ଜଣଙ୍କ କହିଛନ୍ତି। କିନ୍ତୁ ସତ କ'ଣ ସମସ୍ତେ ଜାଣନ୍ତି। ଏହା ହେଉଛି ବିଜେପି ସରକାରର ୧୧ ବର୍ଷ। ଆମ ଉପରକୁ କେହି ଆଙ୍ଗୁଠି ଦେଖାଇପାରିବେ ନାହିଁ ବୋଲି ସେ କହିଛନ୍ତି। ନାମାଙ୍କନ ପ୍ରକ୍ରିୟା ସମୟରେ ଘୋଷିତ ସମ୍ପତ୍ତିର ଅନିୟମିତତା ଉପରେ ପ୍ରଶ୍ନ ଉଠାଇ ବିଜେପି ମୁଖପାତ୍ର ଗୌରବ ଭାଟିଆ କହିଛନ୍ତି ଯେ ପ୍ରିୟଙ୍କା ଗାନ୍ଧିଙ୍କ ସମ୍ପତ୍ତିର ଆୟ କ'ଣ? ସ୍ୱାମୀ ରବର୍ଟ ଭାଡ୍ରାଙ୍କ ଦ୍ୱାରା ଘୋଷିତ ସମ୍ପତ୍ତି ତାଙ୍କ ପ୍ରକୃତ ସମ୍ପତ୍ତି ତୁଳନାରେ ବହୁତ କମ୍। ସେ ରବର୍ଟ ଭଦ୍ରାଙ୍କ ଭଳି ଜମିଜମା ସନ୍ଦିଗ୍ଧ ଡିଲ୍‌ରେ ସାମିଲ ଅଛନ୍ତି କି? ଆୟକର କର୍ତ୍ତୃପକ୍ଷଙ୍କ ନିକଟରେ ତାଙ୍କର ୮୦ କୋଟିରୁ ଅଧିକ ଟଙ୍କା ବକେୟା ରହିଛି ବୋଲି ଭାଟିଆ କହିଛନ୍ତି। ପ୍ରିୟଙ୍କାଙ୍କ ନାମାଙ୍କନ ପତ୍ର ଅନୁଯାୟୀ ତାଙ୍କ ପାଖରେ ଏକ ହୋଣ୍ଡା ସିଆରଭି କାର୍ ରହିଛି। ସେହିପରି ତାଙ୍କ ସ୍ୱାମୀ ରବର୍ଟ ଭାଡ୍ରାଙ୍କ ପାଖରେ ୩୭ କୋଟି ୯୧ ଲକ୍ଷ ୪୭ ହଜାର ୪୩୨ ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ଏହାବ୍ୟତୀତ ପ୍ରିୟଙ୍କା ଗାନ୍ଧିଙ୍କ ଉପରେ ୧୫ ଲକ୍ଷ ୭୫ ହଜାର ଟଙ୍କାର ଋଣ ରହିଛି। ନିର୍ବାଚନୀ ସତ୍ୟପାଠରେ ଦିଆଯାଇଥିବା ସୂଚନା ଅନୁଯାୟୀ ପ୍ରିୟଙ୍କା ମ୍ୟୁଚୁଆଲ ଫଣ୍ଡରେ ମଧ୍ୟ ନିବେଶ କରିଛନ୍ତି। ସେ ମ୍ୟୁଚୁଆଲ ଫଣ୍ଡରେ ୨.୨୪ କୋଟି ଓ ୯୩,୦୦୦ ଟଙ୍କା ନିବେଶ କରିଛନ୍ତି। କଂଗ୍ରେସ ନେତାଙ୍କର ୩ଟି ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହାବ୍ୟତୀତ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ତାଙ୍କ ହାତରେ ନଗଦ ୫୨ ହଜାର ଟଙ୍କା ଥିଲା। ତାଙ୍କ ପିପିଏଫ୍ ଆକାଉଣ୍ଟରେ ୧୭ ଲକ୍ଷ ୩୮ ହଜାର ୨୬୫ ଟଙ୍କା ରହିଛି। ପ୍ରିୟଙ୍କା ଗାନ୍ଧିଙ୍କ ପାଖରେ ୪.୪୧ କେଜି ଅଳଙ୍କାର ରହିଛି। ତାଙ୍କ ପାଖରେ ଅଢ଼େଇ କେଜି ସୁନା ରହିଛି, ଯାହାର ମୂଲ୍ୟ ୧ କୋଟି ୧୫ ଲକ୍ଷ ୭୯ ହଜାର ଟଙ୍କା। ସେହିପରି ତାଙ୍କ ପାଖରେ ୫୯.୮୩ କେଜି ରୁପା ସାମଗ୍ରୀ ରହିଛି, ଯାହାର ମୂଲ୍ୟ ୨୯,୫୫,୫୮୧ ଟଙ୍କା ରହିଛି। ପ୍ରିୟଙ୍କା ଗାନ୍ଧୀଙ୍କ ସମ୍ପତ୍ତି ବିଷୟରେ କହିବାକୁ ଗଲେ ତାଙ୍କ ପାଖରେ ୨ କୋଟି ୧୦ ଲକ୍ଷରୁ ଅଧିକ ଟଙ୍କାର ଚାଷ ଜମି ରହିଛି। ଏହି ଘରଟି ୪୮,୯୯୭ ବର୍ଗଫୁଟ ଅଞ୍ଚଳରେ ରହିଛି, ଯାହାର ମୂଲ୍ୟ ୧ କୋଟି ଟଙ୍କା। ପ୍ରିୟଙ୍କାଙ୍କ ବାସଭବନ ଅଞ୍ଚଳ ମଧ୍ୟ ୭.୭୭୪ କୋଟି ରହିଛି। ସେହିପରି ତାଙ୍କ ସ୍ୱାମୀଙ୍କର ୨୭.୬୪ କୋଟି ଟଙ୍କାର ବାଣିଜ୍ୟିକ କୋଠା ରହିଛି। ନୂଆଦିଲ୍ଲୀର ମେହରୌଲି ଅଞ୍ଚଳରେ ଚାଷ ଜମି ଏବଂ ସେଠାରେ ଏକ ଫାର୍ମହାଉସ୍ ବିଲ୍ଡିଂ ମଧ୍ୟ ରହିଛି।

## ସଲମାନ ଖାନଙ୍କୁ ଧମକ ଦେଇଥିବା ଅଭିଯୁକ୍ତ ଗିରଫ

**ଝାରଖଣ୍ଡ, ୨୪।୧୦:** ଲରେନ୍ସ ବିଷ୍ଣୋଇ ନାଁରେ ସଲମାନ ଖାନଙ୍କୁ ଧମକ ଦେଇଥିବା ବ୍ୟକ୍ତିଙ୍କୁ ଗିରଫ କରିଛି ପୁଲିସ। ମୁମ୍ବାଇ ପୁଲିସ ଝାରଖଣ୍ଡର ଜାମଶେଦପୁରର ଅଭିଯୁକ୍ତଙ୍କୁ ଗିରଫ କରିଛି। ମୁମ୍ବାଇ ପୁଲିସର ସୂଚନାନୁସାରେ, ଗତ ସପ୍ତାହରେ ସଲମାନଙ୍କୁ ଧମକପୂର୍ଣ୍ଣ ମେସେଜ ଆସିଥିଲା। ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ସହ ବୁଝାମଣା କରିବା ପାଇଁ ୫ କୋଟି ଟଙ୍କା ମଗିଥିଲା ଅଭିଯୁକ୍ତ। ନଚେତ୍ ପରିଣାମ ଭୟଙ୍କର ହେବ ବୋଲି ଧମକ ମିଳିଥିଲା। ମୁମ୍ବାଇ ଟ୍ରାଫିକ୍ ପୁଲିସ ଏହି ଧମକପୂର୍ଣ୍ଣ ମେସେଜ୍ ପାଇବା ପରେ ତଦନ୍ତ ଆରମ୍ଭ କରିଥିଲା। ଜାମଶେଦପୁରର ସ୍ଥାନୀୟ ପୁଲିସ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା ମୁମ୍ବାଇ ଟ୍ରାଫିକ୍ ପୁଲିସ। ଏବେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜାମଶେଦପୁରରୁ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଏହାପରେ ତାଙ୍କୁ ମୁମ୍ବାଇ ଅଣାଯିବ। ପ୍ରକାଶ ଥାଉକି, ଅକ୍ଟୋବର ୨୧ରେ ଅଭିଯୁକ୍ତ ଏନେଇ କ୍ଷମା ମାଗିଥିଲା। ମୁମ୍ବାଇ ଟ୍ରାଫିକ ପୁଲିସର କଣ୍ଟ୍ରୋଲ ରୁମ୍ ହ୍ୱାଟସଆପ ନମ୍ବରକୁ ମେସେଜ କରି କ୍ଷମା ମାଗିଥିଲା। ସେ ଏହି ମେସେଜ୍ ଭୁଲରେ ପଠାଇଥିବା ସଫେଇ ଦେଇଥିଲେ। ଏହାପରେ ଝାରଖଣ୍ଡରୁ ଏହି ମେସେଜ୍ ପଠା ଯାଇଥିବା ଜାଣିଥିଲା ପୁଲିସ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ଏବଂ ଭଉଣୀ ଶର୍ମିଳାଙ୍କ ମଧ୍ୟରେ କଳି

**ଅମରାବତୀ, ୨୪।୧୦:** ପୈତୃତକ ସମ୍ପତ୍ତି ଲୋଭ। ଏହାକୁ ନେଇ ତେଜିଲା ଭାଇ ଭଉଣୀ କଳି। ଏହା କୌଣସି ଗାଁର ସାଧାରଣ ପରିବାରର ନୁହେଁ ବରଂ ଆନ୍ଧ୍ର ପ୍ରଦେଶର ରେଡ୍ଡୀ ପରିବାରର ଭାଇ ଉଭଣୀଙ୍କ କଳି। ଯୁବଜନ ଶ୍ରମିକ ରାଇତୁ କଂଗ୍ରେସ ପାର୍ଟି (ୱାଇଏସଆରସିପି) ମୁଖ୍ୟ ୱାଇଏସ୍ ଜଗନ ମୋହନ ରେଡ୍ଡୀ ଏବେ ତାଙ୍କ ଭଉଣୀ ତଥା ଆନ୍ଧ୍ରପ୍ରଦେଶ କଂଗ୍ରେସ ସଭାପତି ୱାଇଏସ୍ ଶର୍ମିଳାଙ୍କ ବିରୋଧରେ ଏକ ବଡ଼ ଅଭିଯୋଗ ଆଣିଛନ୍ତି।



ଜଗନ ଏବଂ ଶର୍ମିଳାଙ୍କ ମଧ୍ୟରେ ବିବାଦ ଏକ ଆଇନଗତ ଲଢ଼େଇ ଆକାରରେ ଏବେ ଏକ ନୂଆ ମୋଡ଼ ନେଇଛି। ଏଥିପାଇଁ ସେ ଏନସିଏଲଟିର ଦ୍ୱାରସ୍ଥ ହୋଇଛନ୍ତି। ସେ ଏକ ପିଟିସନ ଦାଖଲ କରିଛନ୍ତି। ତାଙ୍କର ଏବଂ ତାଙ୍କ ପତ୍ନୀ ଭାରତୀଙ୍କ ମାଲିକାନାରେ ଥିବା ସରସ୍ୱତୀ ପାୱାର ଏବଂ ଇଣ୍ଡଷ୍ଟ୍ରିଜ୍‌ର ଅଂଶଧନ ତାଙ୍କ ଭଉଣୀ ଶର୍ମିଳା ନିଜ ନାମରେ ଏବଂ ମା' ବିଜୟମ୍ମାଙ୍କ ନାମରେ ବେଆଇନ ଭାବେ ଅଂଶଧନ ହସ୍ତାନ୍ତର କରିଥିବା ଅଭିଯୋଗ ହୋଇଛି। ଗତ ମାସରେ ଏନେଇ ଦାଖଲ ହୋଇଥିବା ଆବେଦନକୁ ଏନସିଏଲଟିର ହାଇଦ୍ରାବାଦ ବେଞ୍ଚ ଶୁଣାଣି କରିଥିଲା ଏବଂ ପରବର୍ତ୍ତୀ ଶୁଣାଣି ନଭେମ୍ବର ପାଇଁ ସ୍ଥିର କରାଯାଇଥିଲା। ନିଜ ପିଟିସନରେ ଜଗନ କହିଥିଲେ ଯେ ସେ ଶର୍ମିଳାଙ୍କ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି ଯେଉଁଥିରେ କୁହାଯାଇଛି ଯେ ସାନ ଉଭଣୀ ଶର୍ମିଳାଙ୍କୁ ସେ ସରସ୍ୱତୀ ପାୱାର ଆଣ୍ଡ ଇଣ୍ଡଷ୍ଟ୍ରିଜରେ ଥିବା ତାଙ୍କର ଏବଂ ତାଙ୍କ ପତ୍ନୀଙ୍କ ଅଂଶକୁ ଉପହାର ମାଧ୍ୟମରେ ତାଙ୍କ ଭଉଣୀକୁ ହସ୍ତାନ୍ତର କରିବେ। ଯଦିଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଜବରଦଖଲ ସମେତ କେତେକ ସମ୍ପତ୍ତି ସମ୍ବନ୍ଧରେ ବିଚାରାଧୀନ ମାମଲା ରହିଛି।

ପୂର୍ବତନ ମୁଖ୍ୟମନ୍ତ୍ରୀ ତାଙ୍କ ଭଉଣୀଙ୍କୁ ଲେଖିଥିବା ଚିଠିରେ କହିଛନ୍ତି ଯେ ଆଇନଗତ ଦାୟିତ୍ୱ ପୂରଣ ନ କରି ଏବଂ ଅଦାଲତଙ୍କ ଅନୁମୋଦନ ବିନା ସେୟାର ହସ୍ତାନ୍ତର କରିବା ଠିକ୍ ହେବ ନାହିଁ। ଚୁକ୍ତିକୁ ବାତିଲ କରିବାକୁ ଇଚ୍ଛା ପ୍ରକାଶ କରି ସେ କହିଛନ୍ତି, ଆମ ମଧ୍ୟରେ ସମ୍ପର୍କ ଭଲ ନାହିଁ, ଏହା ଆଉ ଗୋପନ ନୁହେଁ। ଏହି ପରିବର୍ତ୍ତିତ ସ୍ଥିତିକୁ ଦୃଷ୍ଟିରେ ରଖି ମୁଁ ଆପଣଙ୍କୁ ଆନୁଷ୍ଠାନିକ ଭାବେ ଜଣାଇବାକୁ ଚାହୁଁଛି ଯେ ବୁଝାମଣାପତ୍ରରେ ପ୍ରକାଶିତ ମୂଳ ଉଦ୍ଦେଶ୍ୟ ଉପରେ ଆଗକୁ ବଢ଼ିବାର ମୋର କୌଣସି ଇଚ୍ଛା ନାହିଁ।' ଜଗନ କହିଛନ୍ତି ଯେ ତାଙ୍କ ବାପା, ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ ରାଜଶେଖର ରେଡ୍ଡୀ ଏବଂ ପୈତୃକ ଲୋକଙ୍କ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ସମ୍ପତ୍ତିକୁ ପରିବାର ସଦସ୍ୟଙ୍କ ମଧ୍ୟରେ ବଣ୍ଟାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ସେୟାର (ଜଗନଙ୍କ ନିଜର ସମ୍ପତ୍ତି) ହସ୍ତାନ୍ତର କରିବାକୁ ଚାହୁଁଥିଲେ। ଏହାବ୍ୟତୀତ ସେ ୨୦୦ କୋଟି ଟଙ୍କା ମଧ୍ୟ ଟ୍ରାନ୍ସଫର କରିଥିଲେ, ଯାହାକୁ ସେ ସିଧାସଳଖ କିମ୍ବା ତାଙ୍କ ମା'ଙ୍କ ଜରିଆରେ ତାଙ୍କ ଭଉଣୀକୁ ଦେଇଥିଲେ।

ପୂର୍ବତନ ମୁଖ୍ୟମନ୍ତ୍ରୀ ତାଙ୍କ ଆବେଦନରେ କହିଛନ୍ତି ଯେ ସେ ଏବଂ ଶର୍ମିଳା ୨୦୧୯ ଅଗଷ୍ଟ ୩୧ରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ, ଯେଉଁଥିରେ ସେ ଉପଯୁକ୍ତ ପ୍ରକ୍ରିୟା ଶେଷ କରିବା ପରେ ତାଙ୍କର ଏବଂ ଭାରତୀଙ୍କ ଅଂଶଧନ ତାଙ୍କ ଭାଇଙ୍କୁ ହସ୍ତାନ୍ତର କରିବେ। ଯାହା କୌଣସି ନିୟମ ସହିତ ଚୁକ୍ତି ନୁହେଁ ବରଂ ପରିବାର ପାଇଁ ଏକ ଦାୟିତ୍ୱ ବୋଲି ଚିନ୍ତା କରି ଏପରି ଏକ ପଦକ୍ଷେପ ନେଇଛନ୍ତି ବୋଲି ଉଲ୍ଲେଖ କରିଛନ୍ତି।

ୱାଇଏସ୍ ଶର୍ମିଳା ହେଉଛନ୍ତି ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ୍ ରାଜଶେଖର ରେଡ୍ଡୀଙ୍କ ଝିଅ। ୱାଇଏସଆରସିପି ମୁଖ୍ୟ ୱାଇଏସ୍ ଜଗନ ମୋହନ ରେଡ୍ଡୀଙ୍କ ସାନ ଭଉଣୀ। ଶର୍ମିଳା ତାଙ୍କ ଭାଇ ଜଗନଙ୍କଠାରୁ ବର୍ଷକରେ ସାନ। ଆନ୍ଧ୍ରପ୍ରଦେଶର ଅନୀଲ କୁମାରଙ୍କୁ ଶର୍ମିଳା ବିବାହ କରିଛନ୍ତି। ଭାଇ ଜଗନଙ୍କ ସହ ଶର୍ମିଳାଙ୍କ ରାଜନୈତିକ ତିକ୍ତତା ରହିଛି। ନିଜ ଭାଇଙ୍କ ସହ ୱାଇଏସଆର କଂଗ୍ରେସ ପାର୍ଟିରେ ସାମିଲ ଥିବା ଶର୍ମିଳା ଜୁଲାଇ ୨୦୨୧ରେ ଅଲଗା ହୋଇଯାଇଥିଲେ।

# ୧୧ ବର୍ଷ ପରେ ଏସିଆରେ ଟେଷ୍ଟ ଜିତିଲା ଦକ୍ଷିଣ ଆଫ୍ରିକା




**ନୂଆଦିଲ୍ଲୀ, ୨୪।୧୦:** ଦୀର୍ଘ ୧୧ ବର୍ଷ ହେଲା ଦକ୍ଷିଣ ଆଫ୍ରିକା କରିଥିବା ଅପେକ୍ଷାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଶେଷରେ ଏସିଆ ମହାଦେଶରେ କୌଣସି ଟେଷ୍ଟ ମ୍ୟାଚ୍ ଜିତି ପାରିଛି ଦଳ। ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟକୁ ଭ୍ରମଣକାରୀ ଦଳ ୭ ୱିକେଟରେ ଜିତି ନେଇଛି। ଏଥିସହ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ଫାଇନାଲ ପଏଣ୍ଟ ଟେବୁଲରେ ଦଳ ୪ର୍ଥ ସ୍ଥାନକୁ ଉଠିଛି। ଦକ୍ଷିଣ ଆଫ୍ରିକା ୧୧ ବର୍ଷ ପରେ ଏସିଆରେ କୌଣସି ଟେଷ୍ଟ ଜିତିଥିବା ବେଳେ ବାଂଲାଦେଶ ବିପକ୍ଷରେ ଶତ ପ୍ରତିଶତ ବିଜୟ ରେକର୍ଡ କାଏମ ରଖିଛି। ଦଳ ୨୦୧୪ ଜୁଲାଇରେ ଶେଷ ଥର ପାଇଁ ଏସିଆ ମହାଦେଶରେ ବିଜୟ ପାଇଥିଲା। ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ପ୍ରତିପକ୍ଷ ଶ୍ରୀଲଙ୍କାକୁ ହରାଇଥିଲା। ଆଜି ବାଂଲାଦେଶକୁ ହରାଇବା ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନସିପରେ ଦକ୍ଷିଣ ଆଫ୍ରିକାର ବିଜୟ ପ୍ରତିଶତ ୪୭.୬୨କୁ ବୃଦ୍ଧି ପାଇଛି। ଦଳ ନ୍ୟୁଜିଲ୍ୟାଣ୍ଡ ଓ ଇଂଲଣ୍ଡକୁ ପଛରେ ପକାଇ ଦେଇଛି। ସେହିପରି ଦକ୍ଷିଣ ଆଫ୍ରିକା ଠାରୁ ହାରିବା ପରେ ବାଂଲାଦେଶର ବିଜୟ ପ୍ରତିଶତ ୩୦.୫୬କୁ ଖସି ଯାଇଛି। ଦଳ ଏବେ ୭ମ ସ୍ଥାନରେ ରହିଛି। ଭାରତ ପୂର୍ବଭଳି ୧ନଂ ଓ ଅଷ୍ଟ୍ରେଲିଆ ୨ନଂ ସ୍ଥାନରେ ଅଛି। ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ମ୍ୟାଚକୁ ବିଚାରକୁ ନେଲେ ଟସ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଘରୋଇ ଟିମ ପ୍ରଥମ ଇନିଂସରେ କେବଳ ୧୦୬ ରନ କରିପାରି ଥିଲା। ଏହାର ଜବାବରେ କାୟେଲ ଭେରେୟେନଙ୍କ ୧୧୪ ରନ ବଳରେ ଦକ୍ଷିଣ ଆଫ୍ରିକା ୩୦୮ ରନ କରିଥିଲା। ଏଥିସହ ୨୦୨ ରନର ଗୁରୁତ୍ୱପୂର୍ଣ୍ଣ ଲିଡ ପାଇଥିଲା।

ଦ୍ୱିତୀୟ ଇନିଂସରେ ମେହିଦ ହାସନ ମିରାଜ ୯୭ ରନର କରିଥିଲେ ହେଁ ବାଂଲାଦେଶ ୩୦୭ ରନ କରିପାରି ଥିଲା। ଫଳରେ ଦକ୍ଷିଣ ଆଫ୍ରିକାକୁ ଜିତିବା ପାଇଁ ୧୦୬ ରନ ଟାର୍ଗେଟ ମିଳିଥିଲା। ଏହାକୁ ଦଳ ବେଶ ସହଜରେ ୩ ୱିକେଟ ହରାଇ ହାସଲ କରି ନେଇଥିଲା।

## ଟି-୨୦ରେ ବିଶ୍ୱ ରେକର୍ଡ

# ସବୁଠୁ ବଡ଼ ସ୍କୋର କଲା ଜିମ୍ବାୱେ




**ନୂଆଦିଲ୍ଲୀ, ୨୪।୧୦:** ଟି-୨୦ କ୍ରିକେଟରେ ଇତିହାସ ରଚିଲା ଜିମ୍ବାୱେ। ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ସବୁଠୁ ବଡ଼ ସ୍କୋର କରିବାର ରେକର୍ଡ କରିଛି ଜିମ୍ବାୱେ କ୍ରିକେଟ ଦଳ। ଜାମ୍ବିଆ ବିପକ୍ଷରେ ଖେଳାଯାଇଥିବା ଏକ ମ୍ୟାଚରେ ଜିମ୍ବାୱେ ୨୦ ଓଭରରେ ମାତ୍ର ଚାରି ୱିକେଟ୍ ହରାଇ ୩୪୪ ରନର ବିଶାଳ ସ୍କୋର କରିଛି, ଯାହା ଟି-୨୦ କ୍ରିକେଟ ଇତିହାସରେ ପୂର୍ବରୁ କେବେ ହୋଇନଥିଲା। କରାଯାଉଥିଲା ଯେ ଏହି ରେକର୍ଡ ହୁଏତ ଆଉ କେବେ ଭାଙ୍ଗି ନପାରେ, କିନ୍ତୁ ବର୍ତ୍ତମାନ ଏହା ମଧ୍ୟ ଅତୀତ ହୋଇଯାଇଛି। ଜିମ୍ବାୱେ ୩୪୪ ସ୍କୋର କରି ନେପାଳକୁ ପଛରେ ପକାଇଛି। ଯଦି ଆମେ ପ୍ରତିଷ୍ଠିତ ଟେଷ୍ଟ ଖେଳୁଥିବା ଦେଶ ବିଷୟରେ କଥା ହେବା, ତେବେ ଏହି ତାଲିକାରେ ପ୍ରଥମେ ଭାରତର ନାଁ ଆସିବ। କିଛିଦିନ ପୂର୍ବରୁ ବାଂଲାଦେଶ ବିପକ୍ଷରେ 6 ୱିକେଟ୍ ହରାଇ ୨୯୭ ରନ୍ ସ୍କୋର କରିଥିଲା ଟିମ୍ ଇଣ୍ଡିଆ।

### ନେପାଳକୁ ପଛରେ ପକାଇଲା ଜିମ୍ବାୱେ

ଜିମ୍ବାୱେ ଏବଂ ଜାମ୍ବିଆ ମଧ୍ୟରେ ହୋଇଥିବା ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୩୪୪ ରନ୍ ସଂଗ୍ରହ କରିଥିଲା। ଏହା ପୂର୍ବରୁ, ଟି-୨୦ ଇତିହାସରେ ୩୦୦ରୁ ଅଧିକ ସ୍କୋର କେବଳ ଥରେ ହୋଇଥିଲା। ୨୦୨୩ ମସିହାରେ ମଙ୍ଗୋଲିଆ ବିପକ୍ଷରେ ନେପାଳ କ୍ରିକେଟ ଦଳ ୩୧୪ ରନ୍ ସଂଗ୍ରହ କରିଥିଲା। ସେତେବେଳେ ବିଶ୍ୱାସ

### ସିକନ୍ଦର ରାଜାଙ୍କ ବିସ୍ଫୋରକ ଶତକ

ଜିମ୍ବାୱେର ଏହି ଅବିଶ୍ୱସନୀୟ ରେକର୍ଡ ପଛରେ ଅଧିନାୟକ ସିକନ୍ଦର ରାଜାଙ୍କ ବିସ୍ଫୋରକ ଶତକୀୟ ପାଳି ସାମିଲ ରହିଛି। କେବଳ ୩୩ ବଲରୁ ଶତକ ହାସଲ କରିଥିବା ରାଜା ମାତ୍ର ୪୩ ବଲରେ ୧୩୩ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଏହି ପାଳିରେ ସେ ୧୫ ଛକା ଓ ୭ ଚୌକା ମାରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ।

# ଡବ୍ଲ୍ୟୁଟିସିରେ ଅଶ୍ୱିନୀ ଏକ ନମ୍ବର

**ନୂଆଦିଲ୍ଲୀ, ୨୪।୧୦:** ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ଆରମ୍ଭରୁ ଚମକିଲେ ରବିଚନ୍ଦ୍ରନ ଅଶ୍ୱିନ। ପ୍ରଥମରୁ ଭାରତକୁ ଦୁଇଟି ଶୀଘ୍ର ୱିକେଟ ଦେଇ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପରେ ନୂଆ ରେକର୍ଡ କରିଛନ୍ତି ଅଶ୍ୱିନ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପରେ ସର୍ବାଧିକ (୧୮୮) ୱିକେଟ ନେବାର ରେକର୍ଡ କରିଛନ୍ତି ଅଶ୍ୱିନ। ମ୍ୟାଚ୍ ଆରମ୍ଭରୁ ଟସ୍ ଜିତି ପ୍ରଥମେ ଭାରତ ବିପକ୍ଷରେ ବ୍ୟାଟିଂ କରୁଛି ନ୍ୟୁଜିଲ୍ୟାଣ୍ଡ। ତେବେ ଆରମ୍ଭରୁ ଅଧିନାୟକ ଟମ ଲାଥମଙ୍କ ୱିକେଟ ଭ୍ରମଣକାରୀ ଦଳକୁ ପ୍ରଥମ ଝଟକା ଦେଇଥିଲା। ନିଜର ପ୍ରଥମ ଓଭରରେ ହିଁ ଭାରତକୁ ଏହି ସଫଳତା ଦେଇଥିଲେ ଅଭିଜ୍ଞ ସ୍ପିନର ଅଶ୍ୱିନ। କେବଳ ୧୫ ରନ୍ କରି ନ୍ୟୁଜିଲ୍ୟାଣ୍ଡ ଅଧିନାୟକ ଲାଥମ ପାଭିଲିୟନ ଫେରିଥିଲେ। ଏହି ୱିକେଟ୍ ସହ ଅଶ୍ୱିନ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପରେ ୧୮୭ ୱିକେଟ ଦଖଲ କରି ଅଷ୍ଟ୍ରେଲିଆର ଷ୍ଟାର୍ ସ୍ପିନର ନାଥନ ଲିଅନଙ୍କ ସମକକ୍ଷ ହୋଇଛନ୍ତି। ଏହା ପରେ, ନ୍ୟୁଜିଲ୍ୟାଣ୍ଡ ବ୍ୟାଟର ୱିଲ ୟଙ୍ଗ ୧୮ ରନ୍ କରି ଥିବାବେଳେ ତାଙ୍କୁ ପାଭିଲିୟନ ରାସ୍ତା ଦେଖାଇ ନାଥନ୍ ଲିଅନଙ୍କ ସର୍ବାଧିକ WTC ୱିକେଟ ରେକର୍ଡକୁ ଭାଙ୍ଗିଛନ୍ତି ଅଶ୍ୱିନ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଇତିହାସରେ ବର୍ତ୍ତମାନ ଅଶ୍ୱିନ ସର୍ବାଧିକ ୧୮୮ ୱିକେଟ ନେବାରେ ପ୍ରଥମ ସ୍ଥାନରେ ଅଛନ୍ତି।

ପ୍ରକାଶ ଥାଉକି, ଦ୍ୱିତୀୟ ଟେଷ୍ଟରେ ନ୍ୟୁଜିଲ୍ୟାଣ୍ଡ ଏହାର ଚୂଡ଼ାନ୍ତ ଏକାଦଶରେ ଗୋଟିଏ ପରିବର୍ତ୍ତନ କରିଛି। ଆହତ ଦ୍ରୁତ ବୋଲର ମ୍ୟାଟ ହେନେରୀଙ୍କ ସ୍ଥାନରେ ବାମହାତୀ ସ୍ପିନର ମିଚେଲ ସାଣ୍ଟନରଙ୍କୁ ଟିମରେ ଅନ୍ତର୍ଭୁକ୍ତ କରିଛି ଦଳ। ଅନ୍ୟପଟ ଭାରତୀଯ ଦଳରେ ତିନୋଟି ପରିବର୍ତ୍ତନ ହୋଇଛି।

# ଭାରତ ପାଇଁ 'ପୁଣେ' ପରୀକ୍ଷା: ରୋହିତ ବାହିନୀର ଲକ୍ଷ୍ୟ ପ୍ରତ୍ୟାବର୍ତ୍ତନ

**ପୁଣେ, ୨୪।୧୦:** କୌଣସି ଘରୋଇ ଶୃଙ୍ଖଳାରେ ଭାରତୀୟ କ୍ରିକେଟ୍ ଦଳ ତିନି ବର୍ଷ ତଳେ ଅର୍ଥାତ୍ ୨୦୨୧ ମସିହାରେ ଅଷ୍ଟ୍ରେଲିଆ ବିପକ୍ଷରେ ପଛୁଆ ରହିଥିଲା। ଏହା ପୂର୍ବରୁ ୨୦୧୭ ମସିହାରେ ଇଂଲଣ୍ଡ ବିପକ୍ଷରେ ଏଭଳି ସ୍ଥିତିରେ ଥିଲା। ଉଭୟ ଥର କିନ୍ତୁ ସଫଳ ପ୍ରତ୍ୟାବର୍ତ୍ତନ କରି ଶୃଙ୍ଖଳା ବିଜୟର ସ୍ୱାଦ ଚାଖିଥିଲା। ଏଥର ନ୍ୟୁଜିଲାଣ୍ଡ ବିପକ୍ଷରେ ଠିକ୍ ଏମିତି ପରିସ୍ଥିତିରେ ଅଛି ଟିମ୍ ଇଣ୍ଡିଆ। ଫରକ ଏତିକି ଯେ ଏଥରର ପଥ କିନ୍ତୁ ପୂର୍ବାପେକ୍ଷା ବନ୍ଧୁର ରହିଛି। କାରଣ ଉପରୋକ୍ତ ଦୁଇ ଶୃଙ୍ଖଳା ଚାରିଟିକିଆ ହୋଇଥିଲା ବେଳେ ଏଥରର ଶୃଙ୍ଖଳାରେ ରହିଛି କେବଳ ତିନିଟି ଟେଷ୍ଟ। ପୁଣି ଏବେକାର ଦଳ ମାତ୍ର ଦୁଇଟି ଟେଷ୍ଟ ବାକି ଥାଇ ପୂର୍ବରୁ କେବେବି ଏମିତି ସ୍ଥିତିରେ ରହିନାହିଁ। ସେଥିପାଇଁ ଗୁରୁବାରଠାରୁ ଆରମ୍ଭ ହେଉଥିବା ପୁଣେ ଟେଷ୍ଟ ଭାରତ ପାଇଁ ଏକପ୍ରକାର କଠିନ ପରୀକ୍ଷା ସଦୃଶ ହୋଇଛି। ସେପଟେ ୩୬ବର୍ଷର ବ୍ୟବଧାନ ପରେ ଭାରତକୁ ଭାରତରେ ହରାଇ ନ୍ୟୁଜିଲାଣ୍ଡ ପୂରା ଆତ୍ମବିଶ୍ୱାସରେ ଥିଲା ବେଳେ ପୁଣେରେ ବେଙ୍ଗାଲୁରୁର ସଫଳତା ଦୋହରାଇବା ଲକ୍ଷ୍ୟରେ ରହିଛି। ଏହା ହେଲେ ଅବିଶ୍ୱସନୀୟ ଶୃଙ୍ଖଳା ବିଜୟ ହାସଲ କରି ନ୍ୟୁଜିଲାଣ୍ଡ ଟେଷ୍ଟ କ୍ରିକେଟ୍‌ରେ ଭାରତର ସ୍ୱଳ୍ପ ଦିନର ଦାଦାଗିରିକୁ ଏକପ୍ରକାର ଶେଷ କରିବ। ନିଜ ଇତିହାସରେ ନୂଆ ଅଧ୍ୟାୟ ବି ଯୋଡ଼ିବ। ପୁଣେରେ ସ୍ପିନର୍‌ଙ୍କୁ ସୁହାଉଥିବା ପିଚ୍ ମିଳିବ ବୋଲି ପୂର୍ବାନୁମାନ ଲଗାଇ କିୱି ବାହିନୀ ମଧ୍ୟ ନିଜ ଦଳରେ ଚାରିଜଣ ସ୍ପିନରଙ୍କୁ ସାମିଲ କରିବାର ସଙ୍କେତ ଦେଇଛି। ଭାରତ ବି ପୂରା ପ୍ରସ୍ତୁତ ରହିଛି। ତେବେ ପୁଣେ ପ୍ରତ୍ୟାବର୍ତ୍ତନର ଚାବିକାଠି ଯେ ଦଳର ଅଲରାଉଣ୍ଡ୍ ପ୍ରଦର୍ଶନ ଉପରେ ନିର୍ଭରଶୀଳ ରହିବ, ସେକଥା ଉଭୟ ଅଧିନାୟକ ରୋହିତ ଶର୍ମା ଓ ପ୍ରଶିକ୍ଷକ ଗୌତମ ଗମ୍ଭୀର ସ୍ୱୀକାର କରିଛନ୍ତି।



### ଗିଲ୍ ଫେରିବେ

ଶୁବମନ୍ ଗିଲ୍ ଏହି ମ୍ୟାଚ୍‌ରେ ଫେରିବା ନିଶ୍ଚିତ ହେବା ଭାରତ ପାଇଁ ବହୁତ ବଡ଼ ଖୁସି ଖବର ହୋଇଛି। ଦଳର ଆତ୍ମବିଶ୍ୱାସ ବି ବଢ଼ିଛି। ସେହିଭଳି ଋଷଭ ପନ୍ତ ପୂରା ଫିଟ୍ ଅଛନ୍ତି ବୋଲି ଗମ୍ଭୀର ସୂଚନା ଦେବା ମଧ୍ୟ ଦଳୀୟ ସନ୍ତୁଳନ ଦୃଷ୍ଟିରୁ ବେଶ୍ ଭଲ ଖବର ହୋଇଛି। ଗିଲ୍ ଫେରିବା ସହ ଅଲରାଉଣ୍ଡର୍ ୱାସିଂଟନ୍ ସୁନ୍ଦର ଦଳରେ ସାମିଲ ହେବା ପରେ ରୋହିତଙ୍କ ପାଇଁ ବିକଳ୍ପ ସଂଖ୍ୟା ବଢ଼ିଛି। ଗିଲ୍ ଫେରିଲେ ସେ ତିନି ନମ୍ବର ସ୍ଥାନରେ ବ୍ୟାଟିଂ କରିବେ। ଫଳରେ କୋହଲି ଚତୁର୍ଥ ସ୍ଥାନରେ ଖେଳିବାକୁ ଆସିବେ। ନ୍ୟୁଜିଲାଣ୍ଡର ବାମହାତୀ ବ୍ୟାଟର୍‌ଙ୍କୁ ଦେଖି ସୁନ୍ଦରଙ୍କୁ ସାମିଲ କରାଯାଇଥିଲେ ବି ସେ ପୁଣେରେ ସୁଯୋଗ ପାଇବାର ସମ୍ଭାବନା ଆପାତତଃ ନାହିଁ। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଖେଳାଳିଙ୍କ ମଧ୍ୟରେ ଗ୍ଲେନ୍ ଫିଲିପ୍ସଙ୍କ ଉପରେ ସମସ୍ତଙ୍କ ନଜର ରହିବ। ୨୦୨୩ ଡିସେମ୍ବରରେ ନ୍ୟୁଜିଲାଣ୍ଡ ଦଳକୁ ଫେରିବା ପରେ ଫିଲିପ୍ସ ୯ ଟେଷ୍ଟ ଖେଳି ୨୩ ୱିକେଟ୍ କରାୟତ୍ତ କରିଥିଲା ବେଳେ ପୁଣେର ମହାରାଷ୍ଟ୍ର କ୍ରିକେଟ୍ ସଂଘ ଷ୍ଟାଡିୟମ୍‌ରେ ତାଙ୍କ ପ୍ରଦର୍ଶନ ମ୍ୟାଚ୍‌ର ଫଳାଫଳ ଉପରେ ନିଶ୍ଚିତ ପ୍ରଭାବ ପକାଇବ ବୋଲି ଆକଳନ କରାଯାଉଛି।

### ସର୍ଫରାଜ ନା ରାହୁଲ

ବେଙ୍ଗାଲୁରୁ ଟେଷ୍ଟରେ ସର୍ଫରାଜ ୧୫୦ ରନ୍‌ର ଲଢ଼ୁଆ ପାଳି ଖେଳି ସମସ୍ତଙ୍କ ହୃଦୟ ଜିତିଥିଲେ। ପୁଣେରେ କିନ୍ତୁ ଭାରତୀୟ ଚୂଡ଼ାନ୍ତ ଦଳରେ ତାଙ୍କ ସ୍ଥାନ ସନ୍ଦେହ ଘେରରେ ରହିଛି। କାରଣ ଶୁବମନ୍ ଗିଲ୍ ଫେରିବା ପରେ ଭାରତୀୟ ମଧ୍ୟକ୍ରମରେ ସ୍ଥାନ ପାଇବା ଲାଗି ତାଙ୍କୁ କେଏଲ୍ ରାହୁଲଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିବ। ବେଙ୍ଗାଲୁରୁରେ ପୂରା ବିଫଳ ହୋଇଥିଲେ ମଧ୍ୟ ଗତବର୍ଷ ମଧ୍ୟକ୍ରମରେ ଖେଳିବା ଆରମ୍ଭ କରିବା ପରଠାରୁ ରାହୁଲ ୬ ଟେଷ୍ଟ ଖେଳି ଗୋଟିଏ ଶତକ ଓ ଦୁଇଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ ଗତ ସୋମବାର ବାପା ହୋଇଥିବା ସର୍ଫରାଜ ଚାରିଟି ଟେଷ୍ଟ ଖେଳି ୫୮.୩୩ ହାରରେ ଗୋଟିଏ ଶତକ ଓ ତିନିଟି ଅର୍ଦ୍ଧଶତକ ବଳରେ ୩୫୦ ରନ୍ କରିଛନ୍ତି। ସେହିଭଳି ବେଙ୍ଗାଲୁରୁ ଟେଷ୍ଟରେ ସେତେଟା ଭଲ ବୋଲିଂ କରି ନଥିବା ମହମ୍ମଦ ସିରାଜଙ୍କ ସ୍ଥାନରେ ଆକାଶଦୀପଙ୍କୁ ଖେଳାଇବା ମଧ୍ୟ ଭାରତ ପାଇଁ ଆଉ ଏକ ବିକଳ୍ପ ହୋଇପାରେ। ୱାସିଂଟନ୍ ସୁନ୍ଦର ଶେଷ ଦୁଇ ଟେଷ୍ଟ ଲାଗି ଦଳରେ ସାମିଲ ହୋଇଥିଲେ ମଧ୍ୟ ଆର ଅଶ୍ୱିନ, କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡ଼େଜା ନିଜ ନିଜ ସ୍ଥାନ ବଜାୟ ରଖିପାରନ୍ତି। ନ୍ୟୁଜିଲାଣ୍ଡ ପାଇଁ ମଧ୍ୟ ଅଭିଜ୍ଞ ଟିମ୍ ସାଉଦି ଓ ୱିଲ୍ ଓ' ରୁର୍କିଙ୍କ ମଧ୍ୟରୁ ଜଣକୁ ନେବାର ସୁଖଦ ସମସ୍ୟା ରହିଛି। ନ୍ୟୁଜିଲାଣ୍ଡ ପାଖରେ ଇଶ୍ ସୋଢ଼ୀ, ମିଚେଲ ସାଣ୍ଟନର୍, ଏଜାଜ ପଟେଲଙ୍କ ଭଳି ବିଶେଷଜ୍ଞ ସ୍ପିନରଙ୍କ ସହ ରାଚିନ ରବୀନ୍ଦ୍ର ଓ ଗ୍ଲେନ୍ ଫିଲିପ୍ସଙ୍କ ଭଳି କାମଚଳା ସ୍ପିନର୍ ରହିବା ଭାରତକୁ ଅଡୁଆ ହୋଇପାରେ।

### ବେଙ୍ଗାଲୁରୁଠୁ ଅଲଗା ପିଚ୍

ପୁଣେ ପିଚ୍ ସ୍ପିନରଙ୍କୁ ସୁହାଇବ ବୋଲି ଏଠାକାର କ୍ୟୁରେଟର୍ ସ୍ପଷ୍ଟ ସଙ୍କେତ ଦେଇଛନ୍ତି। ଏହାର ସ୍ୱଭାବ ମଧ୍ୟ ଭିନ୍ନ ରହିବ ବୋଲି ସେ କହିଛନ୍ତି। କାରଣ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ପିଚ୍ ଲାଲ୍ ମାଟିରେ ପ୍ରସ୍ତୁତ ହୋଇଥିଲା ବେଳେ ପୁଣେର ମହାରାଷ୍ଟ୍ର କ୍ରିକେଟ୍ ସଂଘ ଷ୍ଟାଡିୟମ୍ ପିଚ୍ କଳା ମାଟିରେ ପ୍ରସ୍ତୁତ ହୋଇଛି। ସେଥିପାଇଁ ଏଠାକାର ପିଚ୍‌ରେ ବେଙ୍ଗାଲୁରୁଠାରୁ କମ୍ ବାଉନ୍ସ ରହିବ ବୋଲି ଆକଳନ କରାଯାଉଛି। **ସମ୍ଭାବ୍ୟ ଭାରତ:** ଯଶସ୍ୱୀ ଜୟସ୍ୱାଲ, ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ବିରାଟ କୋହଲି, ଋଷଭ ପନ୍ତ, କେଏଲ୍ ରାହୁଲ/ସର୍ଫରାଜ ଖାନ୍, ରବୀନ୍ଦ୍ର ଜାଡ଼େଜା, ଆର୍ ଅଶ୍ୱିନ, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍ରା, ମହମ୍ମଦ ସିରାଜ/ଆକାଶ ଦୀପ। **ସମ୍ଭାବ୍ୟ ନ୍ୟୁଜିଲାଣ୍ଡ:** ଟମ୍ ଲାଥାମ (ଅଧିନାୟକ), ଡେଭନ୍ କନୱେ, ୱିଲ୍ ୟଙ୍ଗ, ରାଚିନ ରବୀନ୍ଦ୍ର, ଡାରେଲ ମିଚେଲ, ଟମ୍ ବ୍ଲଣ୍ଡେଲ୍, ଗ୍ଲେନ୍ ଫିଲିପ୍ସ, ମିଚେଲ ସାଣ୍ଟନର୍, ଟିମ୍ ସାଉଦି/ୱିଲ ଓ'ରୁର୍କି, ମ୍ୟାଟ୍ ହେନ୍‌ରି, ଏଜାଜ ପଟେଲ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମଧ୍ୟରାତ୍ରରେ...

ଖୁବ ଜୋରରେ ପବନ ବହୁଛି। କେଣାର୍କ, ଅସ୍ତରଙ୍ଗ, ଭିତରକନିକା ଆଦି ଅଞ୍ଚଳରେ ଗଛ ଭାଙ୍ଗିଥିବା ଖବର ମିଳିଛି। ଭଦ୍ରକ, କେନ୍ଦ୍ରାପଡ଼ା, ବାଲେଶ୍ୱର, ପୁରୀ ନିକଟରେ ସମୁଦ୍ର ଅଶାନ୍ତ ହୋଇଉଠିଛି। ସ୍ୱାଭାବିକ ଠାରୁ ୧ରୁ ୨ ମିଟର ଉଚ୍ଚର ଜୁଆର ଉଠୁଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ୧ ମିଟର ଉଚ୍ଚର ଜୁଆର ଉଠିଥିବା ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି। ଆଇଏମ୍‌ଡି ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଆଇଏମ୍‌ଡି ପୂର୍ବାନୁମାନ କରିଥିବା ସ୍ଥାନରେ ହିଁ ସ୍ଥଳଭାଗ ଛୁଇଁବ। ଲ୍ୟାଣ୍ଡଫଲ୍ ବେଳେ ୧୦୦-୧୨୦ କିମି ବେଗରେ ପବନ ବହିବ। ଗୁରୁବାର ମଧ୍ୟରାତ୍ରିରୁ ଶୁକ୍ରବାର ସକାଳ ଭିତରେ ଭିତରକନିକା-ଧାମରା ନିକଟରେ ଲ୍ୟାଣ୍ଡଫଲ୍ କରିପାରେ। ଲ୍ୟାଣ୍ଡଫଲ୍ ପରେ ଏହା ସାମାନ୍ୟ ରିକର୍ଭ କରିବ। ସ୍ଥଳଭଳଗ ଛୁଇଁବା ସମୟରେ ଏହାର ପ୍ରଭାବ ୫/୬ ଘଣ୍ଟା ରହିବ। ଏହାଦ୍ୱାରା କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ଭଦ୍ରକ ଅଧିକ ପ୍ରଭାବିତ ହେବେ। ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, ବାଲେଶ୍ୱର, ଭଦ୍ରକ, କଟକ, ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର ଆଦି ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବ। ହାଓଡ଼ା, ହୁଗୁଳି କଲିକତାରେ ବି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ପବନ ବେଗ ବଢ଼ିଲେ ବିଭିନ୍ନ ସ୍ଥାନରେ ଗଛ ଡାଳ ଭାଙ୍ଗିପାରେ। ବିଦ୍ୟୁତ୍ ଖୁଣ୍ଟ, ଟେଲିଫୋନ ଖୁଣ୍ଟି ବଙ୍କା ହେବା ସହ ଭାଙ୍ଗିପାରେ। ଚାଳ ଘର, ଟିଣ ଛପର ଘର ବି କ୍ଷତିଗ୍ରସ୍ତ ହୋଇପାରେ ବୋଲି କହିଛନ୍ତି ଆଇଏମ୍‌ଡି ଡିଜି।

ଅଧିକ କ୍ଷୟକ୍ଷତି ଆଶଙ୍କା ଭିତରେ ଆଶ୍ୱସ୍ତ କରିଛନ୍ତି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର। ସେ କହିଛନ୍ତି, ଦାନା ଅଧିକ ଶକ୍ତିଶାଳୀ ଝଡ଼ବାତ୍ୟା ନୁହେଁ। ପବନର ବେଗ ସର୍ବାଧିକ ୧୨୦ କିଲୋମିଟର ମଧ୍ୟରେ ହିଁ ରହିବ। ସ୍ଥଳଭାଗ ଛୁଇଁବା ପରେ ଭୀଷଣ ବାତ୍ୟା 'ଦାନା' ଦୁର୍ବଳ ହେବା ସହ ପଶ୍ଚିମ-ଦକ୍ଷିଣପଶ୍ଚିମ ଦିଗକୁ ରିକର୍ଭ ହୋଇପାରେ ବୋଲି ଆକଳନ କରାଯାଇଛି । ଆସନ୍ତାକାଲି ପୂର୍ବାହ୍ନ ସାଢ଼େ ୧୧ଟା ସୁଦ୍ଧା ଏହା ଦୁର୍ବଳ ହୋଇ ଭୀଷଣ ବାତ୍ୟାରୁ ବାତ୍ୟା ଏବଂ କାଲି ରାତି ସାଢ଼େ ୧୧ଟା ସୁଦ୍ଧା ଗଭୀର ଅବପାତରେ ପରିଣତ ହୋଇପାରେ

ଭୁବନେଶ୍ୱର ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ସିଭିୟର ସାଇକ୍ଲୋନିକ୍ ଷ୍ଟର୍ମ 'ଦାନା' ଏବେ ପାରାଦ୍ୱୀପ ଓ ଧାମରା ନିକଟରେ ରହିଛି। ବାତ୍ୟା 'ଦାନା' ଅତି ଭୀଷଣ ରୂପ ନେଇ ଗୁରୁବାର ରାତି ୧ଟାରୁ ଶୁକ୍ରବାର ସକାଳ ମଧ୍ୟରେ ଭିତରକନିଆ ଓ ଧାମରା ପାଖାପାଖି ଅତିକ୍ରମ କରିବ। ଲ୍ୟାଣ୍ଡଫଲ୍ ପରେ ସାମାନ୍ୟ ପଶ୍ଚିମ ପଶ୍ଚିମ ଦକ୍ଷିଣ ଦିଗକୁ ରିକର୍ଭ କରିପାରେ। ଲ୍ୟାଣ୍ଡଫଲ୍ ବେଳେ ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୨୦ କିଲୋମିଟର ରହିପାରେ ବୋଲି ଆକଳନ କରାଯାଇଛି। ସମୁଦ୍ରରେ ଉଚ୍ଚ ଜୁଆର ଆସିବା ସହ ଗଛ, ବିଦ୍ୟୁତ୍ ଖୁଣ୍ଟ ଓ କଚା ଘରକୁ ବିପଦ ପହଞ୍ଚାଇବାର ଆଶଙ୍କା ରହିଛି। ଏହା ପ୍ରଭାବରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନର ପ୍ରବଳ ବର୍ଷା ହେବ। ଶୁକ୍ରବାର ପାଇଁ ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ବାଲେଶ୍ୱର ଜିଲ୍ଲାକୁ ରେଡ ଆଲର୍ଟ ଜାରି କରାଯାଇଛି। ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଢେଙ୍କାନାଳ, ଅନୁଗୁଳ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ପୁରୀ, ଖୋର୍ଦ୍ଧା, ଦେଓଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ନୟାଗଡ଼ ଓ ବୌଦ୍ଧ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ୨୬ ତାରିଖରେ ମାଲକାନଗିରି, କୋରାପୁଟ, କଳାହାଣ୍ଡି, ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ...

ନଜର ରଖିଛନ୍ତି । ବାତ୍ୟା ମୁକାବିଲା ପାଇଁ ଆବଶ୍ୟକୀୟ ସମସ୍ତ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କ୍ଷତିଗ୍ରସ୍ତ ସମ୍ଭାବନେ ଥିବା ୧୧ଟି ଜିଲ୍ଲାକୁ ଅଭିଜ୍ଞତାସଂପନ୍ନ ବରିଷ୍ଠ ଆଇଏସ ଅଧିକାରୀଙ୍କୁ ପଠାଯାଇଛି। ସେମାନେ ପଞ୍ଚାୟତ ଓ ଗାଁ ସ୍ତର ପର୍ଯ୍ୟନ୍ତ ଯାଇ ସ୍ଥାନାନ୍ତର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ରାଜ୍ୟ ମନ୍ତ୍ରୀ ମଣ୍ଡଳର ୯ ଜଣ ମନ୍ତ୍ରୀ ମଧ୍ୟ ପ୍ରଭାବିତ ଜିଲ୍ଲା ଗୁଡିକରେ ଉପସ୍ଥିତ ରହି ଏହି କାର୍ଯ୍ୟକୁ ତଦାରଖ କରି ସରକାରଙ୍କୁ ତଥ୍ୟ ପ୍ରଦାନ କରୁଛନ୍ତି।

ଅଶ୍ରୟସ୍ଥଳରେ ଥିବା ଲୋକଙ୍କୁ ନିୟମିତ ଭାବେ ରନ୍ଧାଖାଦ୍ୟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ପୋଲିସ ମୁତୟନ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ମାନଙ୍କ ସହିତ ଆଲୋଚନାରେ ମୁଖ୍ୟମନ୍ତ୍ରୀ ଶତ ପ୍ରତିଶତ ସ୍ଥାନାନ୍ତରଣ, ଜିରୋ କାଜୁଆଲ୍‌ଟି, ଡାକ୍ତରଖାନା ଗୁଡ଼ିକରେ ନିରବଛିନ୍ନ ବିଦ୍ୟୁତ୍ ସେବା, ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର କିରୋସିନ, ପେଟ୍ରୋଲ, ଡିଜେଲ ମହଜୁଦ ରଖିବା, ଆଶ୍ରୟସ୍ଥଳୀ ଗୁଡ଼ିକୁ ରନ୍ଧା ଖାଦ୍ୟ ଯୋଗାଣ ସହିତ ଶୌଚାଳୟକୁ ସଫା ସୁତାର ରଖିବା ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା କ୍ଷତିଗ୍ରସ୍ତ ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନସଫର୍ମର ଗୁଡ଼ିକର ତୁରନ୍ତ ମରାମତି କରି ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ପୁନଃକ୍ଷମକରିବା ପାଇଁ ଅତିରିକ୍ତ ଟିମ୍ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ଏସବୁ ଜିଲ୍ଲାରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ନିମନ୍ତେ ଏନ୍‌ଡିଆର୍‌ଏଫ୍‌ର ୧୯ଟି ଟିମ୍, ଓଡିଆର୍‌ଏଫର ୫୧ଟି ଟିମ୍ ଏବଂ ଅଗ୍ନିଶମ ବାହିନୀର ୨୨୦ଟି ଟିମ୍ ମୁତୟନ ଅଛନ୍ତି । ଏଥି ସହିତ ୧୫୭ ପ୍ଲାଟୁନ ପୋଲିସ ଫୋର୍ସ ମଧ୍ୟ ନିୟୋଜିତ ଅଛନ୍ତି। ପ୍ରଭାବିତ ଅଞ୍ଚଳରେ ମନୁଷ୍ୟ ଓ ଗୃହପାଳିତ ପଶୁମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ୯୨ଟି ଡାକ୍ତରୀ ଟିମ୍ ଓ ୫୮ଟି ପ୍ରାଣୀ ସମ୍ପଦ ଚିକିତ୍ସା ଟିମ୍ ମୁତୟନ ଅଛନ୍ତି। ଗୃହପାଳିତ ପଶୁମାନଙ୍କୁ ନ ବାନ୍ଧି ଖୋଲା ରଖିବା ପାଇଁ ଲୋକମାନଙ୍କୁ ପରାମର୍ଶ ଦେବାପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ଗୃହପାଳିତ ପଶୁ ମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ପଶୁ ଖାଦ୍ୟ ଯୋଗାଇଦେବା ପାଇଁ ସେ କହିଥିଲେ।

ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ସ୍ୱତନ୍ତ୍ର ରିଲିଫ କମିଶନର ଡିକେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବନିକୁଞ୍ଜ ବିହାରୀ ଧଳ, ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନୀଆ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବମାନେ ଉପସ୍ଥିତ ଥିଲେ। ବାତ୍ୟା ସମ୍ଭାବନା ଥିବା ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତୁତିର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ।

### ବାତ୍ୟାବେଳେ ବ୍ୟାଘାତ...

ନେଟୱାର୍କ ବ୍ୟବହାର କରିପାରୁଛନ୍ତି। ଗୋଟିଏ ଟେଲିକମ କମ୍ପାନୀର ନେଟୱାର୍କ ଡାଉନ୍ ହୋଇଗଲେ ଅନ୍ୟ ଟେଲିକମ କମ୍ପାନୀର ନେଟୱାର୍କକୁ ଜନସାଧାରଣ ବ୍ୟବହାର କରିପାରୁଛନ୍ତି।

ରେଡ୍ ଜୋନର ୭ଟି ଜିଲ୍ଲାର ଜନସାଧାରଣ ଏହା ଦ୍ୱାରା ବିଶେଷ ଭାବରେ ଉପକୃତ ହୋଇପାରୁଛନ୍ତି। ସବୁ ଟାୱାରରେ ମୁଖ୍ୟତଃ ରେଡ ଜୋନରେ ଥିବା ଜିଲ୍ଲା ଗୁଡିକରେ ଡିଜି ସେଟ ପ୍ରସ୍ତୁତ ରଖାଯାଇଛି। ଟେଲିକମ ପ୍ରଦାନକାରୀ ସଂସ୍ଥା ମଧ୍ୟ ସେଲ ଓନ ହୁଇଲର ବ୍ୟବସ୍ଥା କରିଛନ୍ତି। କୌଣସି ସ୍ଥାନରେ ଟାୱାର ଖରାପ ହେଲେ ଟେଲିକମ କମ୍ପାନୀ ଗୁଡିକର ବୈଷୟିକ ଦଳ ତାହାର ତୁରନ୍ତ ମରାମତି କରିବା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି ବୋଲି ମନ୍ତ୍ରୀ ମହାଲିଙ୍ଗ ଭାରତ ସରକାରଙ୍କ ଦୂରସଂଚାର ବିଭାଗର ବରିଷ୍ଠ ଅଧିକାରୀ ଓ ଟେଲିକମ କମ୍ପାନୀ ଗୁଡିକର କର୍ମକର୍ତ୍ତାଙ୍କ ସହ ଲୋକ ସେବା ଭବନ ସ୍ଥିତ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଷଦ ଆଲୋଚନା ପରେ ପ୍ରକାଶ କରିଛନ୍ତି।

### ଦୁଇ ବିମାନକୁ...

ଏୟାରପୋର୍ଟରେ ରହିଥିବା ଏୟାର ଆକାଶ ବିମାନରେ ବୋମା ଥିବା ସୂଚନା ମିଳିବା ପରେ ଏସ୍‌ଓପି ଅନୁସାରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ କୌଣସି ଠାରେ ବୋମା ନଥିବା ଜଣାପଡ଼ିଛି। ବିମାନକୁ ଯାଞ୍ଚ କରି ଉଡ଼ାଣ ପାଇଁ କ୍ଲିୟରାନ୍ସ ଦିଆଯାଇଛି ବୋଲି ସେ କହିଛନ୍ତି। ସେହିପରି ବୋମା ଧମକ ପରେ ଝାରସୁଗୁଡ଼ା ବିମାନ ବନ୍ଦରରେ ମଧ୍ୟ ଖାନତଲାସି ହୋଇଛି। ଏଠାରେ ରହିଥିବା ବେଙ୍ଗାଲୁରୁ-ଝାରସୁଗୁଡ଼ା ଇଣ୍ଡିଗୋ ବିମାନକୁ ବୋମା ଧମକ ମିଳିଥିଲା। ବିମାନଟି ଝାରସୁଗୁଡ଼ାରେ ଓହ୍ଲାଇବା ପରେ ଡଗ୍ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ ହୋଇଥିଲା। ହେଲେ ବୋମା ମିଳିନାହିଁ। ଆଉ କିଛି ଏୟାରପୋର୍ଟରେ ମଧ୍ୟ ବୋମା ଗୁଜବ ପରେ ଯାଞ୍ଚ କରାଯାଇଛି। ଏହାକୁ ମିଶାଇ ଗତ ୧୦ ଦିନ ମଧ୍ୟରେ ୨୫୦ରୁ ଅଧିକ ବିମାନକୁ ଏପରି ବୋମା ଧମକ ମିଳି ସାରିଲାଣି।

### କିନ୍ତୁ ପରନ୍ତୁ...

ସେଣ୍ଟରରେ ମହିଳା ପୁଲିସ୍ ଅଛନ୍ତି। ଏପରି ସ୍ଥିତିରେ ନିଜ ଘରଦ୍ୱାରା, ଜିନିଷର ସୁରକ୍ଷା କଥା ନ ଭାବି ନିଜ ସୁରକ୍ଷା କଥା ଭାବନ୍ତୁ। ତେଣୁ ମନରେ କିନ୍ତୁ, ପରନ୍ତୁ ଛାଡ଼ି ଘରୁ ବାହାରି ରିଲିଫ୍ ସେଣ୍ଟରକୁ ଆସନ୍ତୁ। ବାତ୍ୟା ଛାଡ଼ିଗଲେ ଆମେ ଲୋକଙ୍କୁ ରିଲିଫ ସେଣ୍ଟରରୁ ନେଇ ଘରେ ଛାଡ଼ିବୁ। ଆଉ କ୍ଷୟକ୍ଷତିର ଆକଳନ କରି ପର୍ଯ୍ୟାପ୍ତ ପରିମାଣର କ୍ଷତିପୂରଣ ଦେବୁ। କାରଣ ସରକାର ଆପଣଙ୍କ ସୁରକ୍ଷା କବଚ ବୋଲି କହିଛନ୍ତି ମନ୍ତ୍ରୀ ପୂଜାରୀ। ଏଥିସହ ସେ କହିଛନ୍ତି, ବହୁ ସମୟରେ ବାତ୍ୟା ବେଳେ ସାପ କାମୁଡ଼ାରେ ଅକାଳରେ ଲୋକଙ୍କ ଜୀବନ ଚାଲି ଯାଇଥାଏ। ତେଣୁ ଏହାକୁ ଦୃଷ୍ଟିରେ ରଖି ପ୍ରତି ୨୦ କିମି ଦୂରରେ ଏହାର ମେଡିସିନ ଉପଲବ୍ଧ ରହିଛି। କୌଣସି ସ୍ଥାନରେ ଲୋକଙ୍କୁ ସାପ କାମୁଡ଼ିଲେ ଅଧ ଘଣ୍ଟାରେ ଆମେ ସେମାନଙ୍କ ନିକଟରେ ଇଞ୍ଜେକସନ୍‌କୁ ପହଞ୍ଚାଇବୁ। ଘର ଛାଡ଼ି ରିଲିଫ ସେଣ୍ଟର ଆସୁଥିବା ଲୋକଙ୍କୁ ଅପିଲ୍ କରି ମନ୍ତ୍ରୀ କହିଛନ୍ତି, ଘର ଗୁହାଳରେ ଗାଇ, ଛେଳିଙ୍କୁ ବାନ୍ଧନ୍ତୁ ନାହିଁ। ସେମାନଙ୍କୁ ଖୋଲା ଛାଡ଼ନ୍ତୁ। ସେମାନେ ବିପଦ ଆସିଲେ ଆପେ ଆପେ ସୁରକ୍ଷିତ ସ୍ଥାନକୁ ଯାଇପାରିବେ। ନଚେତ ସେମାନଙ୍କୁ ଉଚ୍ଚ ସ୍ଥାନରେ ଛାଡ଼ନ୍ତୁ। କିମ୍ବା ସରକାରଙ୍କ ଦ୍ୱାରା ବିଭିନ୍ନ ପଞ୍ଚାୟତରେ ସ୍ଥାପନ କରାଯାଇଥିବା ପଶୁ ସମ୍ପଦ ଆଶ୍ରୟ ସ୍ଥଳୀରେ ଛାଡ଼ନ୍ତୁ। ସେଠାରେ ଗୋଖାଦ୍ୟ, ପାଣି ଆଦି ମହଜୁଦ କରି ରଖାଯାଇଛି। ଅଧିକ ବେଗରେ ପବନ ହେଲେ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବ । ଏହାପରେ ପୁଣି ଥରେ ସେବାକୁ ନିରବଚ୍ଛିନ ଭାବେ ଚାଲୁ କରିବାକୁ ତ୍ୱରାନ୍ୱିତ ଭାବେ କାମ କରାଯିବ । ତ୍ରୁଟିଶୂନ୍ୟ ବ୍ୟବସ୍ଥା ହୋଇଛି। ଏହାବାଦ ବି ନୂଆ ପରାମର୍ଶ ଆସିଲେ ଆମେ ଗ୍ରହଣ କରିବୁ। ତେଣୁ ଭୟଭୀତ, ଚିନ୍ତିତ କି ବିଚଳିତ ହୁଅନ୍ତୁ ନାହିଁ। ଆମେ ଏହି ବାତ୍ୟାକୁ ସଫଳତାର ସହ ମୁକାବିଲା କରିବା ଓ ସଫଳ ହେବା ବୋଲି ଆହ୍ୱାନ ଦେଇଛନ୍ତି ମନ୍ତ୍ରୀ ସୁରେଶ ପୂଜାରୀ। ଗ୍ରାଉଣ୍ଡରେ ୧୯ଟି ଏନଡିଆରଏଫ୍, ୫୧ ଓଡ୍ରାଫ, ୧୭୮ ଅଗ୍ନିଶମ ଟିମ୍ ସଜାଗ ରହିଛନ୍ତି। ଗର୍ଭବତୀଙ୍କୁ ହସ୍ପିଟାଲରେ ପହଞ୍ଚା ଯାଇଛି। ଗାଁ ଛାଡୁଥିବା ଲୋକଙ୍କ ଘର ଜଗିବ ପୁଲିସ। ୧୦ ମିନିଟରେ ଗଛ କାଟି ରାସ୍ତା କ୍ଲିୟର୍ କରିବାକୁ ବ୍ୟବସ୍ଥା ହୋଇଛି। କେନ୍ଦ୍ରାପଡ଼ାରେ ୨୫ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଗଲାଣି। ସେହିପରି ବାଲେଶ୍ୱରରେ ୩୦ହଜାର, ଭଦ୍ରକରୁ ୨୩ ହଜାର ଓ ଜଗତସିଂହପୁର ଜିଲ୍ଲାରୁ ୫ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଗଲାଣି।

### ମୋଦୀ ଜଣାଇଲେ ...

ଅପରାହ୍ଣରେ ମଧ୍ୟ ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ମଧ୍ୟ ଏ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

### ୫ଟାରେ ଘୋଟି...

କିମି ଦୂରରେ ରହିଛି, ଧାମରାଠାରୁ ୧୮୦ କିମି, ସାଗରଦ୍ୱୀପଠାରୁ ୨୫୦ କିମି ଦୂରରେ ରହିଛି ବାତ୍ୟା ଦାନା । ପାରାଦୀପ ଡପଲର ରାଡାରରୁ ବାତ୍ୟା ଉପରେ ରହିଛି ନଜର ।

### ଶଙ୍ଖ ଭବନରେ...

ମୋବାଇଲ୍ ନମ୍ବର ଜାରି କରି ଶୀତତାପ ନିୟନ୍ତ୍ରିତ କୋଠରୀରେ ବସି ସାହେବ ଢାଞ୍ଚାରେ ବାତ୍ୟା ମୁକାବିଲା କରୁଛନ୍ତି ତାହା ଅନେକ ବିଜେଡି ନେତା ଓ କର୍ମୀଙ୍କୁ ଆଶ୍ଚର୍ଯ୍ୟ କରିଛି । ତେବେ ବିଜେଡିର ଗୋଟିଏ ଗୋଷ୍ଠି କହୁଛନ୍ତି ଯେ ଦଳର ଏଭଳି ଅଭିନବ ବାତ୍ୟା ମୁକାବିଲା ଯେଉଁଭଳି ତଳ ସ୍ତରର କର୍ମୀଙ୍କୁ ଲୋକହସା କରିଛି ତାହାର ପ୍ରଭାବ ଆଗାମୀ ଦିନରେ ଦଳ ଉପରେ ନିଶ୍ଚିତ ଭାବେ ପଡିବ । ଏପରିକି ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ଦଳ ବାତ୍ୟାପ୍ରଭାବିତ ଅଞ୍ଚଳରେ କ୍ଷତିଗ୍ରସ୍ତ ହେବ ବୋଲି ଦଳୀୟ ନେତା ଓ କର୍ମୀମାନେ ଏବେ ଠାରୁ କହୁଥିବାବେଳେ ମାମଲତକାରମାନେ କିନ୍ତୁ ଏଥିପ୍ରତି ଭ୍ରୁକ୍ଷେପ କରୁନଥିବା ଦେଖିବାକୁ ମିଳୁଛି ।

### ଯୋଗାଣ ମନ୍ତ୍ରୀଙ୍କ...

ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି । ଅନାବଶ୍ୟକ ଭାବେ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ବୃଦ୍ଧି ନକରି ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ସହଯୋଗ କରିବାକୁ ଗୋଦାମ ମାଲିକ ଓ ବ୍ୟବସାୟୀ ମାନଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ପରମର୍ଶ ଦେଇଛନ୍ତି। ଏଥିସହ ଗୋଦାମ ଓ ଦୋକାନରେ ସାମଗ୍ରୀର ମୂଲ୍ୟ ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଏହାର ଖିଲାପ କରିଥିବା ୫ଟି ଗୋଦାମକୁ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅଧୀନରେ ନୋଟିସ ଜାରି ହୋଇଛି। ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ପନିପରିବା ଭଳି ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧିକୁ ରୋକିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବା ସହ ବିଭିନ୍ନ ଅଭିଯୋଗକୁ ଭିତ୍ତିକରି ବିଭାଗୀୟ ଅଧିକାରୀ ମାନେ ଅନେକ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି। ମନ୍ତ୍ରୀଙ୍କ ଆଜିର ଗସ୍ତ ସମୟରେ ଯୋଗାଣ ଅଧିକାରୀ ମାନେ ସାମିଲ ଥିଲେ।

# ଯାଜପୁରରେ ବାତ୍ୟା 'ଦାନା'ର ପ୍ରଭାବ

**ଯାଜପୁର, ୨୪।୧୦ (ସଂଚାର ବ୍ୟୁରୋ) :** ବଙ୍ଗୋପସାଗରରେ ଘନୀଭୂତ ଲଘୁଚାପ ସାମୁଦ୍ରିକ ଝଡ଼ 'ଦାନା' ଭୀଷଣ ବାତ୍ୟାରେ ପରିଣତ ହୋଇଛି। ଏହାର ପ୍ରଭାବ ଯାଜପୁର ଜିଲ୍ଲାରେ ବୁଧବାର ଅପରାହ୍ନ ଠାରୁ ଦେଖିବାକୁ ମିଳିଛି। କେତେକ ସ୍ଥାନରେ ଝିପି ଝିପି ବର୍ଷା ଓ ପବନ ଆରମ୍ଭ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଶୂନ୍ୟ ମରଣ ନୀତିରେ ଲୋକମାନଙ୍କୁ ସ୍ଥାନାନ୍ତର କରାଯାଉଛି। ଜିଲ୍ଲା ପୋଲିସ ବାହିନୀ, ଅଗ୍ନିଶମ ବାହିନୀ, ଏନ୍.ଡି.ଆର.ଏଫ୍, ଓଡ୍ରାଫ ଟିମ୍ ସହ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ସ୍ଥାନାନ୍ତର ଓ ଆଶ୍ରୟସ୍ଥଳ ଗୁଡିକରେ ଥଇଥାନ ବ୍ୟବସ୍ଥାରେ ଲାଗିଛନ୍ତି। ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ବିଭିନ୍ନ ବ୍ଲକ୍ ଗସ୍ତ କରି ବାତ୍ୟା ଆଶ୍ରୟସ୍ଥଳୀ କୁ ସ୍ଥାନାନ୍ତରଣ ଆଶ୍ରୟ ସ୍ଥଳରେ ମୌଳିକ ସୁବିଧା ସୁଯୋଗ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଲଗାତାର ବାତ୍ୟା ସମ୍ପର୍କିତ ସତର୍କ ସୂଚନା ଦିଆଯାଉଛି। ଜିଲ୍ଲା ଜରୁରୀ ବିଭାଗରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ (୦୬୭୨୮-୨୨୨୬୪୮) ଖୋଲା ଯାଇଛି।

ଅକ୍ଟୋବର ୨୪ ତାରିଖ ଅପରାହ୍ନ ୧ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ବାତ୍ୟା ପ୍ରଭାବରେ ଜିଲ୍ଲାର ୧୦ ଟି ବ୍ଲକ୍ ୩୧୧ ଟି ପଞ୍ଚାୟତର ୧୨୧୧ ଟି ଗାଁ ପ୍ରଭାବିତ ହୋଇଛି। ୧୦,୩୦,୦୦୦ ଲୋକ ପ୍ରଭାବିତ ହୋଇଛନ୍ତି। ଅପରାହ୍ନ ସୁଦ୍ଧା ୨୨,୨୧୬ ଲୋକଙ୍କୁ ୬୧୪ ଟି ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ତନ୍ମଧ୍ୟରୁ ବରୀ ବ୍ଲକର ୨୪୮୮, ବିଂଝାରପୁର ବ୍ଲକର ୨୦୮୪, ଧର୍ମଶାଳା ବ୍ଲକର ୧୨୭୬, ଦାନଗଦି ବ୍ଲକର ୧୮୯୪, କୋରେଇ ବ୍ଲକର ୧୩୯୬, ରସୁଲପୁର



ବ୍ଲକର ୧୬୭୩, ଦଶରଥପୁର ବ୍ଲକର ୫୭୮୪, ସୁକିନ୍ଦା ବ୍ଲକର ୨୧୬୫, ଯାଜପୁର ବ୍ଲକର ୧୦୦୩, ବଡ଼ଚଣା ବ୍ଲକର ୧୧୨୩, ଯାଜପୁର ମ୍ୟୁନିସିପାଲଟିରୁ ୫୪୪, ବ୍ୟାସନଗର ମ୍ୟୁନିସପାଲିଟିରୁ ୭୮୬ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ବୟସ୍କ ୧୭,୭୭୩ ଜଣ ଏବଂ ଶିଶୁ ୪୪୪୩ ଜଣ। ଜିଲ୍ଲାରେ ୩୧୦ ଟି ରିଲିଫ୍ ସେଣ୍ଟର୍ ରେ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ୨ ଦିନ ପାଇଁ ମାଗଣା ରନ୍ଧା ଖାଦ୍ୟ ପ୍ରଦାନ କରିବାକୁ ଅନୁମୋଦନ ହୋଇଛି। କୌଣସି ଲୋକ ମୃତାହତ ହୋଇ ନାହାନ୍ତି। ୫୦୦ ଟି ଗୋରୁ ଗାଈ ପ୍ରଭାବିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୩୮୨ ବଡ଼ ପ୍ରାଣୀ ଓ ୧୧୮ ଟି କ୍ଷୁଦ୍ର ପ୍ରାଣୀ ଅଛନ୍ତି। ବାତ୍ୟା ପ୍ରଭାବରେ ୨ ଟି କଚ୍ଚା ଘର କ୍ଷତିଗ୍ରସ୍ତ ହୋଇଛି। ଗୁରୁବାର ଅପରାହ୍ନ ୧ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ୩୨ କୁଇଣ୍ଟାଲ୍ ଚୂଡ଼ା, ୬୦ କି.ଗ୍ରା. ଗୁଡ଼, ୩୫ ଟି ପଲିଥିନ ରୋଲ୍ ବଣ୍ଟନ କରାଯାଇଛି। ଜିଲ୍ଲାରେ ୨୦ ଟି ମେଡିକାଲ ଟିମ୍ ଓ ୧୦ ଟି ପ୍ରାଣୀ ସଂପଦ ଟିମ୍ ପ୍ରଭାବିତ ଅଞ୍ଚଳରେ ନିୟୋଜିତ ହୋଇଛନ୍ତି। ଜିଲ୍ଲାର ବରିଷ୍ଠ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶୁଭେନ୍ଦ୍ର କୁମାର ସାମଲ, ଶ୍ରୀ ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ ଶ୍ରୀ ଅଂଶୁମାନ ଶତପଥୀ ବିଭିନ୍ନ ବ୍ଲକ୍ ଅଞ୍ଚଳ ଗସ୍ତ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି। ସହରରେ ଥିବା ଉଚ୍ଚ ତୋରଣ, ବାଉଁଶ ଗେଟ ଭାଙ୍ଗି ଦେବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି।ସମ୍ଭାବ୍ୟ ବାତ୍ୟା "ଦାନା" ପାଇଁ ଯାଜପୁର ସ୍ୱାସ୍ଥ୍ୟ ବିଭାଗ ନିଜର ପ୍ରସ୍ତୁତି କରିଛି । ଜିଲ୍ଲାରେ ମୋଟ ୩୧୪ ଟି ମେଡିକାଲ ରିଲିଫ ସେଣ୍ଟର କରାଯାଇଛି । ଏହାସହିତ ୨୦ ଟି ରାପିଡ଼ ରେସପନ୍ସ ଟିମ କରାଯାଇଛି ।

ବାତ୍ୟା ସମୟରେ ସର୍ପ ଦଂଶନରେ ଅଧିକ ମୃତ୍ୟୁ ଘଟୁଥିବାରୁ ଜିଲ୍ଲାରେ ମୋଟ ୧୦୭୮୫ ଆଣ୍ଟିସ୍ନେକ ଭେନମ ରହିଛି । ଆସନ୍ନ ପ୍ରସବାକୁ ସୁରକ୍ଷା ଦେବା ପାଇଁ ଏଯାବତ ଜିଲ୍ଲାର ୨୭୯ ଜଣ ଆସନ୍ନ ପ୍ରସବାଙ୍କୁ ମେଡିକାଲକୁ ସ୍ଥାନନ୍ତର କରାଯାଇଛି ଏବଂ ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କଣ୍ଟ୍ରୋଲରୁମ ଖୋଲାଯାଇଛି। ଏହାସହିତ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ଡାକ୍ତରଙ୍କୁ ସତର୍କ କରାଯାଇଛି। ବାତ୍ୟା ପ୍ରଭାବରେ ଜିଲ୍ଲାରେ ବର୍ଷା ଜାରି ରହିଛି।

## କଚ୍ଚା ଘରେ ଥିବା ଆଦିବାସୀ ପରିବାର ଭୟଭୀତ



**ଯାଜପୁର, ୨୪।୧୦ (ସଂଚାର ବ୍ୟୁରୋ) :** ବାତ୍ୟା ଭୟରେ ସମସ୍ତେ ସୁରକ୍ଷିତ ଆଶ୍ରୟ ଖୋଜୁଥିବା ବେଳେ କିଛି ଲୋକ ଏବେ ବି କଚ୍ଚା ଘରେ ଅସୁରକ୍ଷିତ ଭାବେ ପଡି ରହିଛନ୍ତି। ଯାଜପୁର ବ୍ଲକ ପଣସା ପଞ୍ଚାୟତ ଆଙ୍କୁଲା ନିକଟ ଥାଟୋଇ ସାହି ବସ୍ତିରେ ୨୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ଭଙ୍ଗା ଦରଦରା କଚ୍ଚା ଘରେ ରହିଥିବା ବେଳେ ସେମାନଙ୍କୁ ବାତ୍ୟା ଭୟ ଘାରିଛି। ଚାରି ପଟେ ବଡବଡ ଗଛ ଥିବା ବେଳେ କେଉଁ ସମୟରେ ବି ଦୁର୍ଘଟଣା ଘଟିବାର ଭୟ ରହିଛି। ପ୍ରଶାସନ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରିଥିବା କହୁଥିବା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନାକ ତଳେ ଏହି ୨୦ ପରିବାର ପାଖରେ ପ୍ରଶାସନ ପହଞ୍ଚିନଥିବା ଅଭିଯୋଗ ହୋଇଛି। ତେଣୁ ଏହି ପରିବାରର ୫୦ରୁ ଉର୍ଦ୍ଧ ସଦସ୍ୟ କେଉଁ ଠାରେ ରହିବେ କଣ ଖାଇବେ ସେ ନେଇ ଚିନ୍ତାରେ ପଡିଛନ୍ତି। ପରିବାରରେ କୁନିକୁନି ଶିଶୁଙ୍କ ସମେତ ବୃଦ୍ଧବୃଦ୍ଧା ରହୁଥିବା ବେଳେ ପ୍ରଶାସନ ସେମାନଙ୍କ ପାଖରେ ପହଞ୍ଚି ସୁରକ୍ଷିତ ସ୍ଥାନାନ୍ତରିତ କରିବାକୁ ସେମାନେ ଅନୁରୋଧ କରିଛନ୍ତି।



## ବାତ୍ୟା ପାଇଁ ଖୋଲାହେଲା କାଳୀପୂଜା ତୋରଣ

**ଯାଜପୁର, ୨୪।୧୦ (ସଂଚାର ବ୍ୟୁରୋ) :** ଯାଜପୁରର ଗଣପର୍ବ କାଳୀପୂଜା ପାଇଁ ସସମ୍ତ ପୂଜା କମିଟି ପକ୍ଷରୁ ପୂଜା ପାଇଁ ପ୍ରସ୍ତୁତି କାର୍ଯ୍ୟ ଜୋର ଧରିଥିଲା। ପ୍ରତି ପୂଜା କମିଟିରେ ସୁଉଚ୍ଚ ତୋରଣ ସହ ସାଜସଜ୍ଜା ପାଇଁ ବ୍ୟାପକ ଭାବେ ବାଉଁଶ ବନ୍ଧା ସରିଥିଲା। କିନ୍ତୁ ବାତ୍ୟା ଦାନା ଭୟରେ ପ୍ରଶାସନର ନିର୍ଦ୍ଦେଶକୁ ମାନି ଅନେକ ପୂଜା କମିଟି ପକ୍ଷରୁ ତୋରଣକୁ ଖୋଲା ଯାଇଥିବା ଦେଖିବାକୁ ମିଳିଛି। ଯାହାକି ପବନ ଯୋଗୁ ଭାଙ୍ଗି ଯିବା ଭୟରେ ଖୋଲାଯାଇଥିବା ପୂଜା କମିଟି ପକ୍ଷରୁ କୁହାଯାଇଛି। ସହରରେ ଅକ୍ଟୋବର ୩୧ ତାରିଖରୁ ଗଣପର୍ବ କାଳୀପୂଜା ଧୁମଧାମରେ ପାଳନ ହେବାକୁ ଥିବା ବେଳେ ବାତ୍ୟା ପରେ ପୁନର୍ବାର ତୋର ନିର୍ମାଣ କରାଯିବ ବୋଲି ପ୍ରଶାସନ କହିଛି।

## 'ଦାନା'କୁ ଦୃଷ୍ଟିରେ ରଖି ଉପମୁଖ୍ୟମନ୍ତ୍ରୀଙ୍କ ବ୍ୟାପକ ତତ୍ପରତା

**କୋଣାର୍କ, ୨୪।୧୦ (ସଂଚାର ବ୍ୟୁରୋ) :** ବାତ୍ୟା 'ଦାନା'କୁ ନେଇ ବୁଧବାର ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ତଳିଆ ଅଞ୍ଚଳ ଲୋକ ଓ ଅଧିକାରୀ ମାନଙ୍କ ସହ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ତତ୍ପରତା ଦେଖାଇ ସମୀକ୍ଷା ଓ ଆଲୋଚନା କରିଥିଲେ। କାକଟପୁର ବ୍ଲକ ଓ ଅସ୍ତରଙ୍ଗ ବ୍ଲକ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ପ୍ରସ୍ତୁତି ସମ୍ପର୍କୀୟ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ବ୍ଲକ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଯୋଗେନ୍ଦ୍ର ମହାକୁଡ଼, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, କାକଟପୁର ବିଡ଼ିଓ ବିଷ୍ଣୁ ଗୋବିନ୍ଦ, ତହସିଲଦାର ଅଙ୍କିତା ଆନନ୍ଦିତା ଓ ବ୍ଲକ ଅଧକ୍ଷା ଆରତୀ ନାୟକଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଉପମୁଖମନ୍ତ୍ରୀ ଶ୍ରୀମତୀ



ପରିଡା ଉପକୂଳବର୍ତ୍ତୀ ଅଂଚଳରେ ଥିବା ସମସ୍ତ ବାତ୍ୟା ଆଶ୍ରୟ ସ୍ଥଳରେ ଆଶ୍ରୟ ନେଇଥିବା ଜନ ସାଧାରଣ ଓ ମହିଳା ମାନଙ୍କୁ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ଏଥି ସହିତ ସମସ୍ତ ବିଭାଗ ଯଥା ବିଦ୍ୟୁତ୍ ବିଭାଗ, ଅଗ୍ନିଶମ, ସ୍ୱାସ୍ଥ୍ୟ ବିଭାଗ, ଜଳ ଯୋଗାଣ ସମେତ ସମସ୍ତ ଅଧିକାରୀଙ୍କୁ ସଜାଗ ରହିବା ସଂଗେ ସଂଗେ ଶୂନ କାଜୁୟାଲିଟି ଉପରେ ଗୁରୁତ୍ୱ ଦେବା ସହ ସଜାଗ ରହିବା ପାଇଁ ପରାମର୍ଶ ଦେବା ସହ ସିଂହାରପାଳ, କେଉଟଜଙ୍ଗା, ତଣ୍ଡାଘର ଓ ନୂଆଗଡ ବାତ୍ୟା ଆଶ୍ରୟ ସ୍ଥଳ ପରିଦର୍ଶନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ବଳବନ୍ତ ସିଂ, ପର୍ଯ୍ୟଟନ ସହନିର୍ଦ୍ଦେଶକ ସରୋଜ ପ୍ରଧାନ, ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ଓ ଦିବାକର ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବିଧାୟକ ତୁଷାରକାନ୍ତି ବେହେରା ଓ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଅସ୍ତରଙ୍ଗ ବ୍ଲକର ଶିଶୁଆ ପଂଚାୟତର ତଣ୍ଡାଘର ଓ ଅବଦାନ ପଞ୍ଚାୟତ ସିଂହାରପାଳ ବାତ୍ୟା ଆଶ୍ରୟ ସ୍ଥଳ ସମେତ ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳ ପରିଦର୍ଶନ କରି ସ୍ଥଳରେ ଥିବା ଜନସାଧାରଣଙ୍କୁ ଭୟଭୀତ ନ ହେବା ଓ ସଜାଗ ରହିବା, ସତର୍କତା ରହିବା ପାଇଁ ପରାମର୍ଶ ଦେବା ସହ ସମସ୍ତ ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।

## ତାଣ୍ଡବ ରଚିବା ପୂର୍ବରୁ ଭାଙ୍ଗିଲା ଗଛ, ଉଡିଲା ଚାଳ ଘର

**ଅସ୍ତରଙ୍ଗ/କାକଟପୁର, ୨୪।୧୦ (ସଂଚାର ବ୍ୟୁରୋ) :** ବାତ୍ୟା କେନ୍ଦ୍ର ସ୍ଥଳରୁ ଧୀରେ ଧୀରେ ଆସୁଥିବା ବେଳେ ତାଣ୍ଡବ ଖେଳାଉଛି ବାତ୍ୟା ଦାନା। ବୁଧବାର ବିଳମ୍ବିତ ରାତ୍ର ରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ଆରମ୍ଭ ହୋଇଯାଇଛି। ଦାନା କ୍ରମଶଃ ସ୍ଥଳଭାଗକୁ ଆସୁଥିବା ବେଳେ ସମୁଦ୍ରରେ ଉଚ୍ଚ ଉଚ୍ଚ ଜୁଆର ମାନ କୂଳ ଲଙ୍ଘୁଛି। ଗୁରୁବାର ପୂର୍ବାହ୍ନରୁ ପ୍ରବଳ ପବନ ଆରମ୍ଭ ହୋଇଥିବା ବେଳେ ଆଳସାହି ସ୍ଥିତ ଐଶାନେଶ୍ୱର ହାଇସ୍କୁଲ ସାମ୍ନାରେ ବିରାଟ କାୟ ଗଛ ଭାଙ୍ଗି କିଛି ସମୟ ପାଇଁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଂଚି ଯୁଦ୍ଧ କାଳୀନ ଭିତ୍ତିରେ ଗଛ କାଟି ସଫା କରିବା ସହ ପାଟସୁନ୍ଦରପୁର, ଅସ୍ତରଙ୍ଗ ଅଂଚଳରେ ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ପହଂଚି ଗଛ କାଟିଥିଲେ। ବାତ୍ୟା ଦାନା ପାଇଁ ଅସ୍ତରଙ୍ଗ ଅଂଚଳରେ ବର୍ଷା ଓ ପବନ ଯୋଗୁଁ ସମୁଦ୍ର ଉପକୂଳବର୍ତ୍ତୀ ତଣ୍ଡାହାର ଓ କେଉଟଜଙ୍ଘା ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କୁ ରଖାଯାଇଛି।



ଗୁରୁବାର ଅପରାହ୍ନ ସୁଧା ଉପମୁଖ୍ୟମନ୍ତ୍ରୀ କହିବା ଅନୁଯାୟୀ ପୁରୀ ଜିଲ୍ଲାରେ ୧୦୪ଟି ବାତ୍ୟାଆଶ୍ରୟସ୍ଥଳୀ ପ୍ରସ୍ତୁତ ଥିବା ବେଳେ ୬୪୯୮ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଏହା ସହ ଅସ୍ତରଙ୍ଗ ବ୍ଲକରେ ୫ ଶହ ରୁ ଉର୍ଦ୍ଧ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ବାତ୍ୟାଆଶ୍ରୟସ୍ଥଳୀରେ ଥିବା ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ ମଧ୍ୟ ପ୍ରସ୍ତୁତ ହୋଇ ଆଶ୍ରୟ ଙ୍କୁ ଦିଆଯାଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମଧ୍ୟାହ୍ନ ସମୟରେ ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ଗସ୍ତ କରି ବ୍ଲକ ରେ ସଚିବ ବଲୱନ୍ତ ସିଂ, ପୁରୀ ବନଖଣ୍ଡ ଅଧିକାରୀ ବିବେକ କୁମାର, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅତିରିକ୍ତ ମଣ୍ଡଳ ଉନୟନ ଅଧିକାରୀ ଯୋଗେନ୍ଦ୍ର ମହାକୁଡ଼ ଙ୍କ ଶହ ବିଭିନ୍ନ ବିଭାଗ ଅଧିକାରୀ ମାନଙ୍କ ଶହ ବାତ୍ୟା ଦାନା କୁ ନେଇ ଅସ୍ତରଙ୍ଗ ବ୍ଲକ ର ୧୫ଟି ପଂଚାୟତ ସ୍ଥିତି କିପରି ରହିଛି ସେ ସମ୍ବନ୍ଧରେ ଆଲୋଚନା କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ସଞ୍ଜୟ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ପରେ ପ୍ରଶାସନିକ ଅଧିକାରୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସଚିବ ବଲୱନ୍ତ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକସହ ବିଭିନ୍ନ ବିଭାଗ ଅଧିକାରୀ ଶିଶୁଅ ପଂଚାୟତ କେଉଟଜଙ୍ଘା ବାତ୍ୟାଆଶ୍ରୟସ୍ଥଳୀ ରେ ପହଂଚି ଆଶ୍ରୟ ନେଇଥିବା ବୟସ୍କ ଲୋକ, କୁନି ପିଲାଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହା ପରେ ତଣ୍ଡାହାର ବାତ୍ୟାଆଶ୍ରୟସ୍ଥଳୀ ଗ୍ରସ୍ତ କରି ଲୋକଙ୍କ ସହ ଆଲୋଚନା କରିଛନ୍ତି।ଏହା ସହ ଅସ୍ତରଙ୍ଗ ତହସିଲଦାର ବିଭିନ୍ନ ତଳିଆ ଅଂଚଳ ଯେପରିକି ନଗର, ନୂଆଗଡ, ତାଳଦା, ଡ଼ାଲୁଅକଣି, ସହନ, ତଣ୍ଡାହାର ସମେତ ବିଭିନ୍ନ ସ୍ଥାନ ଗ୍ରସ୍ତ କରି ସ୍ଥିତି ଅନୁଧ୍ୟାନ କରୁଥିବା ବେଳେ ପୋଲିସ ପ୍ରଶାସନ ତରଫରୁ ଅତିରିକ୍ତ ଏସ୍ପି ବିଷ୍ଣୁ ପ୍ରସାଦ ପତି, ନିମାପଡା ଏସଡିପିଓ ପ୍ରଭାତ ମଲ୍ଲିକ, ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାର ସିଂ ସହ ବ୍ଲକ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗଙ୍କ ସହ ବାତ୍ୟା ଦାନା ମୁକାବିଲା କରିବାକୁ ପ୍ରସ୍ତୁତ ଅଛନ୍ତି।

## ମତ୍ସ୍ୟଜୀବୀଙ୍କୁ ସ୍ଥାନାନ୍ତର କଲା ପ୍ରଶାସନ

**ପୁରୀ, ୨୪।୧୦ (ସଂଚାର ବ୍ୟୁରୋ):** ବାତ୍ୟା ଦାନା ର ପ୍ରଭାବ ରେ ପୁରୀ ଜିଲ୍ଲାରେ ଗତକାଲିଠାରୁ ବର୍ଷା ଜାରି ରହିଅଛି ।ବିଶେଷ କରି ଜିଲ୍ଲାର ଅସ୍ତରଙ୍ଗ,କାକଟପୁର ଅଂଚଳରେ ବାତ୍ୟାର ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ବହିବାରେ ଲାଗିଛି। ପବନ ବହିବା ହେତୁ କିଛି ସ୍ଥାନରେ ଗଛ ଭାଙ୍ଗି ପଡିଥିବା ନଜରକୁ ଆସିଛି।ତେବେ ମସ୍ୟଜୀବୀ ମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ବନ୍ଦୋବସ୍ତ କରାଯାଇଥିବା ଜଣାପଡିଅଛି।ପୁରୀରେ ମଧ୍ୟ ବାତ୍ୟା ର ପ୍ରଭାବରେ ସକାଳୁ ଝିପି ଝିପି ବର୍ଷା ଜାରି ରହିଥିବା ସହ ମଝିରେ ମଝିରେ ପବନ ବହୁଥିବା ପରିଲକ୍ଷିତ ହୋଇଅଛି। ସେପଟେ ପୁରୀ ପେଣ୍ଠକଟା ଅଞ୍ଚଳରେ ମସ୍ତ୍ୟଯିବି ମାନେ ସେମାନଙ୍କର ଡ଼ଙ୍ଗା, ଜାଲ ଓ ମେସିନ ଗୁଡିକ ସୁରକ୍ଷିତ ସ୍ଥାନରେ ରଖିଥିବା ବେଳେ ସେମାନଙ୍କ ଅନୁସାଙ୍ଗିକ ବ୍ୟବସ୍ଥା କରାଯିବା ନନେଇ କ୍ଷୋଭ ପ୍ରକାଶ କରିଛନ୍ତି । ଏହି ସମୟରେ ମତ୍ସ୍ୟଜୀବୀମାନେ ରୋଜଗାର ହରାଇ ବସିଥିବାରୁ ସେମାନଙ୍କୁ ସରକାର ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି।

## ଘଟପୁରରେ ଶ୍ରୀବଳଦେବଜୀଉଙ୍କର 'ଚତୁର୍ଦ୍ଧା ଉତ୍ସବ'

**ଭଦ୍ରକ, ୨୪।୧୦ (ସଂଚାର ବ୍ୟୁରୋ):** ଚଳିତ ଇଂରାଜୀ ମାସ ୧୬ ତାରିଖ ଶ୍ରୀ ବଳଦେବଜୀଉ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ପୂର୍ଣ୍ଣମୀ ତିଥି ଦିନ ଭଦ୍ରକ, ଘଟପୁରସ୍ଥିତ ଅଠରଶହ ଶତାବ୍ଦୀର ବହୁପୁରାତନ ମନ୍ଦିର ଶ୍ରୀବଳଦେବଜୀଉଙ୍କର "ଚତୁର୍ଦ୍ଧା ଉତ୍ସବ" ମହା ଆଡ଼ମ୍ବରରେ ପାଳନ ହୋଇଯାଇଛି। ଅତି ପୁରାତନ ମନ୍ଦିର ହେବା ସତ୍ତ୍ୱେ ଏହି ମନ୍ଦିରରେ ଚତୁର୍ଦ୍ଧା ବିଗ୍ରହ ଅସମ୍ପୂର୍ଣ୍ଣ ଥାଇ ଦିବ୍ୟ ଲୀଳା କରୁଥିଲେ। କୁମାରପୂର୍ଣ୍ଣିମାର ପବିତ୍ର ଦିବସ ଅବସରରେ ମହାପ୍ରଭୁ ସୁଦର୍ଶନ, ମା ବିମଳାଙ୍କ ମୃଣ୍ମୟ ପ୍ରତିମୂର୍ତ୍ତି ହରିଦ୍ୱାର ନିବାସୀ ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ସରସ୍ୱତୀଙ୍କର ଶୁଭ କରକମଳରେ ପ୍ରତିଷ୍ଠିତ ହେବା ପରେ ଘଟପୁର ଓ ଆଖପାଖ ଅନେକ ଅଞ୍ଚଳରେ ଆଧ୍ୟାତ୍ମର ଲହରୀ ଖେଳି ଯାଇଥିଲା।



ଏହି ଭବ୍ୟ ଆୟୋଜନରେ ପୁରୀ ଶ୍ରୀମନ୍ଦିରରୁ ଆଗତ ପବିତ୍ର ନନ୍ଦିଘୋଷ ରଥଚକର ସ୍ଥାପନା ଏହାକୁ ଶତଗୁଣ କରିତୋଳିଥିଲା। ଆଖପାଖ ଅଞ୍ଚଳରୁ ଭକ୍ତବୃନ୍ଦ ଗାଡ଼ିରେ ଆସି ସମ୍ପୂର୍ଣ୍ଣ ଚତୁର୍ଦ୍ଧା ବିଗ୍ରହ, ମା ବିମଳା ଓ ନନ୍ଦିଘୋଷ ରଥ ଚକର ଦର୍ଶନ କରି କୃତାର୍ଥ ହୋଇଥିଲେ। ଘଟପୁର ଗ୍ରାମବାସୀଙ୍କ ସମେତ ଅନ୍ୟୁନ ଦଶହଜାର ଭକ୍ତଙ୍କର ସମାଗମ ହୋଇଥିଲା। ଏହି ପବିତ୍ର ଉତ୍ସବରେ ଓଡ଼ିଶା ଓ ଭାରତବର୍ଷର ଅନେକ ରାଜ୍ୟରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ତଥା ଅନେକ ସାଧୁ ସନ୍ନ୍ୟାସୀ ଯୋଗ ଦେଇଥିଲେ। ଡଃ ସରସ୍ୱତୀ ଶୃତିସାଗର ମହାରାଜ, ମୁମ୍ବାଇରୁ ଡଃ ଭଗବାନ ପଣ୍ଡା, ବାଙ୍ଗାଲୋରରୁ ତାପସ ରାଜ୍ ମହାରଣା, ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ, ଡଃ ଆରତୀ କର, ମଧୁସ୍ମିତା ଦାଶ, ବାବାଜୀ ଚରଣ ବିଶ୍ୱାଳ, ମୈତ୍ରୟୀ କମିଳା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସମସ୍ତ ଭକ୍ତମାନଙ୍କ ପାଇଁ ସାତ୍ତ୍ୱିକ ଖାଦ୍ୟର ଅୟୋଜନ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ କମିଟି ସଭାପତି ପ୍ରତାପ ରାୟ, ଉପ ସଭାପତି ପ୍ରଦୀପ ବଳ, ସମ୍ପାଦକ ଗଜେନ୍ଦ୍ର ରାୟ , ସହ ସମ୍ପାଦକ - ମନ୍ଦିର କିଶୋର ବଳ, ସହ ସମ୍ପାଦକ - ମଣ୍ଡପ ବିପିନ ବଳ , ଉପଦେଷ୍ଟା ମଣ୍ଡଳୀରୁ କ୍ଷୀରୋଦ ପଣ୍ଡା, ଶ୍ରୀ ଗିରିଧାରୀ ଦାଶ, ଦତ୍ତାହରୀ ମାଝି, ରାଜୀବ ବଳ, ମୀନକେତନ ବଳ ପ୍ରମୁଖ ଗ୍ରାମବାସୀ ମାନଙ୍କ ସହିତ ସମ୍ମିଳିତ ହୋଇ କାର୍ଯ୍ୟକ୍ରମକୁ ସୂଚାରୁ ଭାବରେ ସଞ୍ଚାଳିତ କରିଥିଲେ। ଏହି ଲୀଳାକ୍ଷେତ୍ର "ସୁଦର୍ଶନ କ୍ଷେତ୍ର" ଭାବରେ ବିଦିତ ହେଲା ବିଶ୍ୱ ଭୂଖଣ୍ଡରେ। ଆଗାମୀ ଦିନ ମାନଙ୍କରେ ଏହି କ୍ଷେତ୍ର ଏକ ଆଧ୍ୟାତ୍ମିକ ପର୍ଯ୍ୟଟନ କ୍ଷେତ୍ର ଭାବରେ ପରିଣତ ହେବା ସହିତ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାରରେ ସହାୟକ ହେବ ବୋଲି ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ମାନେ ଆଶା ପ୍ରକାଶ କରିଛନ୍ତି

## ଜିନ୍ଦଲ ଷ୍ଟିଲ ଓ ପାୱାର ପ୍ଲାଣ୍ଟ ବିସ୍ଫୋରଣର ଉଚ୍ଚସ୍ତରୀୟ ତଦନ୍ତ ଦାବି

**ଅନୁଗୁଳ, ୨୪।୧୦ (ସଂଚାର ବ୍ୟୁରୋ):** ଗତ ୧୪ତାରିଖ ଦିନ ନିଶା ସ୍ଥିତ ଜିନ୍ଦଲ ଷ୍ଟିଲ ଓ ପାୱାର ପ୍ଲାଣ୍ଟର ବ୍ଲାଷ୍ଟ ଫର୍ଣ୍ଣେସରେ ହୋଇଥିବା ଭୟଙ୍କର ବିସ୍ଫୋରଣରେ କାରଖାନାର ପ୍ରାୟ ୧୦ କିଲୋମିଟର ବ୍ୟାସାର୍ଦ୍ଧରେ ଥିବା ଗାଁଗୁଡିକ ଥରାଇ ଦେଇଥିଲା। ସେହି ବିସ୍ଫୋରଣରେ ପ୍ଲାଣ୍ଟ ଭିତରେ ଯେଉଁ ଭଳି ଭାବେ ଅଗ୍ନି ହୁତୁହୁତୁ ହୋଇ ଦୁଇ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଜଳୁଥିଲା, ଆଖପାଖ ଅଞ୍ଚଳ ଗୁଡ଼ିକରେ ଏକ ଭୟର ବାତାବରଣ ଖେଳି ଯାଇଥିଲା। ଏଭଳି ଭୟଙ୍କର ବିସ୍ଫୋରଣରେ କାରଖାନାରେ ନିଶ୍ଚିତ ଶତାଧିକ ଶ୍ରମିକ ମୃତାହତ ହୋଇଥିବା ଆଶଙ୍କା କରାଯାଉଥିବା ବେଳେ କାରଖାନା କର୍ତ୍ତୃପକ୍ଷ ଆଦୌ କ୍ଷୟକ୍ଷତି ହୋଇ ନ ଥିବା କହୁଥିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି ହୋଇଛି। ଲୋକଙ୍କ ଭିତରେ ଆଲୋଚନା ହେଉଛି, ବେସରକାରୀ ଆମ୍ବୁଲାନ୍ସ ଯୋଗେ ଆହତ ଓ ମୃତମାନଙ୍କୁ ରାଜ୍ୟ ବାହାରର କୌଣସି ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ଏବଂ ରାଜ୍ୟ ବାହାରର ଶ୍ରମିକ ସବୁ ଥିବାରୁ ବଳପୂର୍ବକ ସେମାନଙ୍କ ସ୍ୱରକୁ ଚାପି ଦେବାରେ କାରଖାନା କର୍ତ୍ତୃପକ୍ଷ ସକ୍ଷମ ହୋଇଛନ୍ତି। ଏଣୁ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଦାବି ରହୁଛି।

ଏନେଇ ଆଜି ପୂର୍ବାହ୍ନରେ ଅନୁଗୁଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ଅମ୍ବିକା ପ୍ରସାଦ ଭଟ୍ଟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଲିଖିତ ଦାବିପତ୍ର ଜରିଆରେ ଉପରୋକ୍ତ ଭୟାବହ ବିସ୍ଫୋରଣର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରି ଏହାର ସତ୍ୟାସତ୍ୟ ଜିଲ୍ଲାବାସୀଙ୍କ ଜଣାଇବା ପାଇଁ ଦାବି କରିଛନ୍ତି। ଆଜିର ଏହି ପ୍ରତିନିଧି ଦଳରେ ଜିଲ୍ଲା କଂଗ୍ରେସର ମୁଖ୍ୟ ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ସନତ କୁମାର ପ୍ରଧାନ, ରାକେଶ ମିଶ୍ର, ସୋହିତ ପ୍ରଧାନ, ବନମାଳୀ ପ୍ରଧାନ, ପ୍ରକାଶ ଚନ୍ଦ୍ର ପ୍ରଧାନ, ଶମ୍ଭୁ ପ୍ରଧାନ, ସଂଗ୍ରାମ ବେହେରା, କସିଦା ଖାନ, ତ୍ରିଲୋଚନ ସାହୁ, ସହଦେବ ବେହେରା, ବାମଦେବ ସାମଲ, ଗୋବିନ୍ଦ ନାଏକ, ବିରେନ କୁମାର ନାଏକ ପ୍ରମୁଖ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।

## ବସ୍ତି ବାସିନ୍ଦାଙ୍କ ପାଇଁ ସୁରକ୍ଷିତ ବ୍ୟବସ୍ଥା ଦାବି

**କଟକ, ୨୪।୧୦ (ସଂଚାର ବ୍ୟୁରୋ):** ସିଏମସି ଅଧିକାରୀ, ଜିଲ୍ଲା ପ୍ରଶାସନ ଓ ସରକାରୀ କଳ ପ୍ରଚାର ସର୍ବସ୍ୱ ନୀତିରୁ ଓହରି ସବୁ ବସ୍ତିବାସିନ୍ଦା ଓ ଗରିବ ଲୋକଙ୍କୁ ସୁରକ୍ଷିତ ଜାଗାରେ ରଖିବାର ବ୍ୟବସ୍ଥା କରିବାକୁ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀ ଦାବି କରିଛନ୍ତି। ମଞ୍ଚ ଆବାହକ ଶ୍ରୀ ସେଠୀ ଏକ ବିବୃତିରେ କହିଛନ୍ତି ଚାରି ଦିନ ଧରି ସିଏମ୍ସି ଓ ପ୍ରଶାସନ ପକ୍ଷରୁ ବସ୍ତି ବାସିନ୍ଦା ଏବଂ ସହର ଭିତର ତଳିଆ ଅଞ୍ଚଳରୁ ଲୋକମାନଙ୍କୁ ଆଶ୍ରୟସ୍ଥଳକୁ ନିଆଯିବାର ବ୍ୟବସ୍ଥା ହୋଇ ଥିବାର ପ୍ରଚାର ଚାଲିଛି। ମାତ୍ର ଏବାବଦରେ ପ୍ରଚାର ଓ ବାସ୍ତବ ବ୍ୟବସ୍ଥା କେବଳ ଧର୍ମକୁ ଆଖିଠାର। ମନେ ହେଉଛି। ପ୍ରଶାସନିକ ବ୍ୟବସ୍ଥା ଏବଂ କ୍ଷମତା ସହିତ ଯୁକ୍ତ ରାଜନେତାମାନଙ୍କ ପାଇଁ ବାତ୍ୟା ହେଉଛି ଏକ ଅର୍ଥକାରୀ ଫସଲ। ପ୍ରଥମତଃ ଅନେକ ଗୁଡ଼ିଏ ବସ୍ତିରେ ପ୍ରଶାସନ ପକ୍ଷରୁ ସଠିକ୍ ସୂଚନା ନଥିବା ବେଳେ କେତେକ ବସ୍ତିରେ କେଉଁ ଠାକୁ ଯିବେ କୌଣସି ସୂଚନା ଦିଆଯାଇ ନାହିଁ। ଦ୍ୱିତୀୟତଃ ପ୍ରଶାସନ ପକ୍ଷରୁ ଯେଉଁ ଆଶ୍ରୟସ୍ଥଳ ଗୁଡିକର ସୂଚନା ଦିଆଯାଇଛି ସେ ସ୍ଥାନମାନଙ୍କରେ କୌଣସି ଉପଯୁକ୍ତ ବ୍ୟବସ୍ଥା ନଥିବା ପରିଲକ୍ଷିତ ହେଉଛି। ଏହି ସ୍ଥାନ ମାନଙ୍କରେ ବିଦ୍ୟୁତ ବ୍ୟାହତ ହେଲେ ତାର ବିକଳ୍ପ ବ୍ୟବସ୍ଥା ନାହିଁ। ବିକଳ୍ପ ଭାବରେ ଆଲୁଅ ବ୍ୟବସ୍ଥା କରିବା, ପିଇବା ପାଣି ରଖିବା ବ୍ୟବସ୍ଥା କରିବା, ଖାଇବା ବ୍ୟବସ୍ଥା ଓ ପାଇଖାନା, ପରିସ୍ରା ଗାର ବ୍ୟବସ୍ଥାର କୌଣସି ସଠିକ୍ ବନ୍ଦବୋସ୍ତ ପରିଲକ୍ଷିତ ହେଉନାହିଁ। ଏ ସମସ୍ତ ଦିଗ ପ୍ରତି ତୁରନ୍ତ ପ୍ରଶାସନ ଧ୍ୟାନ ଦେଇ ଯୁଦ୍ଧକାଳୀନ ଭିତିରେ ବ୍ୟବସ୍ଥା କରିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

**ସ୍ୱଚ୍ଛ ବ୍ରହ୍ମପୁର ପାଇଁ କୋଟିଏରୁ ଉର୍ଦ୍ଧ୍ୱ ଖର୍ଚ୍ଚ**

## ଅବ୍ୟବହୃତ ଅବସ୍ଥାରେ ଶୌଚାଳୟ

### ରକ୍ଷଣାବେକ୍ଷଣରେ ବିଇଏମ୍ସି ଫେଲ୍

**ବ୍ରହ୍ମପୁର, ୨୪।୧୦ (ସଂଚାର ବ୍ୟୁରୋ):** ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ଏବଂ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ଖୁବ୍ ପରିଚିତ ବ୍ରହ୍ମପୁର। ଏହି ସହର ଉପରେ କେବଳ ଦକ୍ଷିଣ ଓଡ଼ିଶାର ଜନସାଧାରଣ ନୁହଁନ୍ତି ବରଂ ପଡୋଶୀ ଆନ୍ଧ୍ର ପ୍ରଦେଶ ର ଲୋକେ ମଧ୍ୟ ବିଭିନ୍ନ କାର୍ଯ୍ୟ ପାଇଁ ନିର୍ଭର କରନ୍ତି। ତେବେ ରେଶମ ସହରକୁ ସ୍ୱଚ୍ଛ ଏବଂ ସୁନ୍ଦର ରଖିବା ପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଅନେକ ଗୁଡିଏ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି। ବିଶେଷ କରି ଖୋଲା ଶୌଚକୁ ବନ୍ଦ କରିବା ପାଇଁ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ୍ ଜରିଆରେ ସହରର ବିଭିନ୍ନ ରାସ୍ତା କଡରେ ଶୌଚାଳୟ ମାନ କରାଯାଇଛି। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଶୌଚାଳୟ ଗୁଡିକ ବ୍ୟବହାର ଉପଯୋଗୀ ହୋଇପାରୁନଥିବା ବେଳେ ଏବେ ଖତ ଖାଇବାକୁ ବସିଲାଣି। ଶୌଚାଳୟଗୁଡିକ ଅପରିଷ୍କାର ଓ ଦୁର୍ଗନ୍ଧ ହେଉଥିବାରୁ ଲୋକେ ପୁଣି ବାହାରେ ଶୌଚ କରିବାକୁ ବାଧ୍ୟ ହୋଇଛନ୍ତି। ରାସ୍ତା



କଡରେ ଥିବା ଅଧିକାଂଶ ପରିସ୍ରାଗାର କ୍ୟାବିନ୍ ଗୁଡିକ ଭାଙ୍ଗିରୁଜି ଗଲାଣି।

୨୦୧୫-୧୬ରେ ସହରକୁ ସ୍ୱଚ୍ଛ କରିବାକୁ ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ପୂର୍ବ ରାଜ୍ୟ ସରକାରକୁ କେନ୍ଦ୍ର ସରକାରଙ୍କ ଅନୁଦାନ ମିଳିଥିଲା। ଏଥିରେ ବ୍ରହ୍ମପୁର ମହାନଗର ନିଗମକୁ ପର୍ଯ୍ୟାୟକ୍ରମେ ୧ କୋଟିରୁ ଉର୍ଦ୍ଧ ଟଙ୍କା ଯୋଗାଇ ଦିଆଯାଇଥିଲା। ପ୍ରଥମେ ୨୩ ଟି ଶୌଚାଳୟ ନିର୍ମାଣ ହୋଇଥିବା ବେଳେ ଏବେ ଏହି ସଂଖ୍ୟା ୬୨ ରେ ପହଞ୍ଚିଛି। ଆହୁରି ୮ଟି ନିର୍ମାଣ ଲାଗି ପ୍ରସ୍ତାବ ରହିଥିବା ଜଣାପଡିଛି। କିନ୍ତୁ ଆବଶ୍ୟକ ଅନୁସାରେ ପାଣି ଏବଂ ସଫେଇ କର୍ମଚାରୀଙ୍କ ଅଭାବ ଯୋଗୁଁ ସାଧାରଣ ଲୋକେ ଶୌଚାଳୟ ଗୁଡିକୁ ବ୍ୟବହାର କରିବାକୁ ଉଚିତ୍ ମନେ କରୁନାହାନ୍ତି। ବିଇଏମସି କମିଶନରଙ୍କ କହିବା ଅନୁଯାୟୀ, ମୋଟ ଶୌଚାଳୟ ଗୁଡିକରୁ ୪୦ଟିର ରକ୍ଷଣାବେକ୍ଷଣ ଦାୟିତ୍ୱ ଏସଏଚଜିଙ୍କୁ ଦାୟିତ୍ୱ ଦିଆଯାଇଛି। ଆଉ ୨୧ଟି ସୁଲଭ ଇଣ୍ଟରନ୍ୟାସନାଲ ସୋସିଆଲ ସର୍ଭିସ ଦାୟିତ୍ୱ ନେଇଛି। ଯଦି ଅଭିଯୋଗ ଆସେ ତେବେ ଏପ୍ରତି ଉଚିତ୍ ପଦକ୍ଷେପ ନିଆଯିବ ବୋଲି ବିଇଏମସି କମିଶନର ଭବାନୀ ଶଙ୍କର ମିଶ୍ର କହିଛନ୍ତି। କଥା ହେଉଛି, ଶୌଚାଳୟ ଗୁଡିକ ନଷ୍ଟ ହୋଇଯିବାରୁ ଲୋକେ ପରିସ୍ରା କରିବାର ସ୍ଥାନଭାବ ଦେଖାଦେଇଛି। ବ୍ରହ୍ମପୁର ସହର ଉପରେ ନିର୍ଭର କରୁଥିବା ଲୋକେ ନାହିଁ ନଥିବାର ସମ୍ମୁଖୀନ ହେବା ସହ ବାଧ୍ୟ ହୋଇ ବାହାରେ ଶୌଚ କରୁଛନ୍ତି। ଆଉ ନାନା ଅବ୍ୟବସ୍ଥା କାରଣରୁ ଏବେ ଏସବୁ ଭାଙ୍ଗି ଅବ୍ୟବହୃତ ଅବସ୍ଥାରେ ପଡି ରହିଛି। ବ୍ରହ୍ମପୁର ମହାନଗର ନିଗମ ରକ୍ଷଣାବେକ୍ଷଣ ଦିଗରେ କୌଣସି ପଦକ୍ଷେପ ନନେବାରୁ କୋଟିଏରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ନିର୍ମିତ ଶୌଚାଳୟ ଗୁଡିକ ଖରାପ ଅବସ୍ଥାରେ ରହିଥିବା ବେଳେ ଏସବୁର ପୁନରୁଦ୍ଧାର ପାଇଁ ଦାବି ହୋଇଛି।











**'ଦାନା' ପୂର୍ବର କିଛି ଦୃଶ୍ୟ**

# ବିଏମ୍‌ସି ଆଶ୍ରୟସ୍ଥଳୀରେ ସ୍ଥିତି ପରଖିଲେ ପ୍ରମୁଖ ସଚିବ



**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଆଜି ଅପରାହ୍ଣରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଞ୍ଚଳରେ ଥିବା ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ପ୍ରସ୍ତୁତି ଓ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ବିଶେଷ କରି ବାତ୍ୟାକୁ ଦୃଷ୍ଟିରେ ରଖି ଜରୁରୀ କାଳୀନ ପରିସ୍ଥିତିର ମୁକାବିଲା ପାଇଁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରସ୍ତୁତ ରଖିବା ପାଇଁ ରାଜ୍ୟ ସରକାରଙ୍କ ସକ୍ରିୟ ଆଭିମୁଖ୍ୟର ଏକ ଅଂଶ ବିଶେଷ ଭାବେ ଏହି ଗସ୍ତ କରିଛନ୍ତି।

ଗସ୍ତ ସମୟରେ ଶ୍ରୀମତୀ ପାଢ଼ୀ ଆଶ୍ରୟସ୍ଥଳୀଗୁଡ଼ିକର ଖାଦ୍ୟ, ପାଣି ଓ ପ୍ରାଥମିକ ଚିକିତ୍ସା ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା ସହିତ ବିଦ୍ୟୁତ ବ୍ୟାକଅପ୍ ଏବଂ ପରିମଳ ସୁବିଧାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ। ବିପର୍ଯ୍ୟୟ ସମୟରେ ନାଗରିକମାନଙ୍କୁ ସୁରକ୍ଷା ଯୋଗାଇବା ପାଇଁ ଏହି ଆଶ୍ରୟସ୍ଥଳୀଗୁଡ଼ିକ ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ କାର୍ଯ୍ୟକ୍ଷମ ହେବା ନିଶ୍ଚିତ କରିବା ଗୁରୁତ୍ୱ ଦେଇଥିଲେ। ଶ୍ରୀମତୀ ପାଢ଼ୀଙ୍କ ସହ ବିଏମସି କମିଶନରରାଜେଶ ପ୍ରଭାକର ପାଟିଲ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେମାନେ ଯେକୌଣସି ସମ୍ଭାବ୍ୟ ସ୍ଥାନାନ୍ତର କିମ୍ବା ଜରୁରୀକାଳୀନ ପରିସ୍ଥିତିରେ ସୁରୁଖୁରୁରେ କାର୍ଯ୍ୟ କରିବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ବିପର୍ଯ୍ୟୟ ପରିଚାଳନା ଟିମ୍ ମଧ୍ୟରେ ସମନ୍ୱୟ ବିଷୟରେ ତାଙ୍କୁ ଅବଗତ କରାଇଥିଲେ। ପ୍ରମୁଖ ଶାସନ ସଚିବଙ୍କ ଗସ୍ତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପର୍ଯ୍ୟୟ ମୁକାବିଲା ଏବଂ ନାଗରିକଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ସୂଚାଇଥାଏ।

# ନିୟମିତ ବାତ୍ୟା ସୂଚନା ପ୍ରଦାନ କରୁଛି ରେଡିଓ ସମ୍ପର୍କ

**କଟକ,୨୪।୧୦(ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା "ଦାନା" କୁ ଦୃଷ୍ଟିରେ ରଖି କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ବ୍ଲକରେ ଥିବା ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ସମ୍ପର୍କ ୮୯.୬, ମୁରୁଦାବାଦ ପକ୍ଷରୁ ଲଗାତର ଭାବେ ବାତ୍ୟା ସମ୍ବଧୀୟ ସୂଚନା ଓ ସଚେତନତା ମୂଳକ ବାର୍ତ୍ତା ପ୍ରସାର କରୁଛି । ଏଥିପାଇଁ ଭାରତୀୟ ପାଣିପାଗ ବିଭାଗରୁ ନିୟମିତ ବ୍ୟବଧାନରେ ଖବର ସଂଗ୍ରହ କରାଯାଇ ରେଡିଓରେ ପ୍ରସାରିତ କରାଯାଉଛି । ପାଣିପାଗ ବିଭାଗର ନିର୍ଦ୍ଦେଶିକା ଡଃ ମନୋରମା ମହାନ୍ତିଙ୍କର ସାକ୍ଷାତକାରକୁ ମଧ୍ୟ ଏଥିରେ ପ୍ରସାରିତ କରାଯାଉଛୁ । ଲୋକମାନଙ୍କୁ ଭୟଭୀତ ନହୋଇ ଖାଦ୍ୟ, ପାଣି, ଔଷଧ, ଫ୍ଲାସ ଲାଇଟ ଆଦି ପ୍ରସ୍ତୁତକରୀ ରଖିବା, ବାହାରକୁ ନବାହାରିବା, ମୋବାଇଲ ଓ ଏଲେକ୍ଟ୍ରୋନିକ ଜିନିଷକୁ ଚାର୍ଜ କରି ରଖିବା, ଘର ସୁରକ୍ଷିତ ନଥିଲେ ବାତ୍ୟା ଆଶ୍ରୟସ୍ଥଳୀ ବା ସୁରକ୍ଷିତ ସ୍ଥାନକୁ ଯିବା ଓ ଶିଶୁ, ବୃଦ୍ଧ, ରୋଗୀ ମାନଙ୍କ ସୁରକ୍ଷିତକୁ ସୁନିଶ୍ଚିତ କରାଇବା, ବିଭିନ୍ନ ଜରୁରୀ କାଳୀନ ନମ୍ବର ଇତ୍ୟାଦି ବିଷୟରେ ସୂଚନା ପ୍ରଦାନ କରାଯାଉଛି । ଏଥିସହିତ ବାତ୍ୟା ପାଇଁ ଲୋକମାନେ କିପରି ପ୍ରସ୍ତୁତ ହେବେ ତା ସମ୍ବନ୍ଧରେ ମଧ୍ୟ ସୂଚନା ପ୍ରସାରଣ କରାଯାଉଛି । ନ୍ୟାରୋକାଷ୍ଟ ମଧ୍ୟମରେ ମଧ୍ୟ ଏହି ସୂଚନାକୁ ବିଭିନ୍ନ ଗାଁର ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି ରେଡିଓ ସମ୍ପର୍କ ଟିମ ।

# କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍ଥିତି ଅନୁଧ୍ୟାନ କଲେ କେଭି



**କେନ୍ଦ୍ରାପଡ଼ା,୨୪।୧୦(ସଂଚାର ବ୍ୟୁରୋ):** ଆଜି ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ, ରାଜନଗର, ରାଜକନିକା, ଆଳି ଏବଂ ପେଣ୍ଠ ଅଞ୍ଚଳ ପରିଦର୍ଶନ କରିଛନ୍ତି । ଏହି ଅଞ୍ଚଳ ତଥା ଆଶ୍ରୟ କେନ୍ଦ୍ରଗୁଡିକୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ଲୋକଙ୍କ ସୁରକ୍ଷା ତଥା କଲ୍ୟାଣ ପାଇଁ ସମସ୍ତ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତୃଣମୂଳ ସ୍ତରରୁ ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ସ୍ଥାନୀୟ ଅଧିକାରୀଙ୍କ ସହ ଚାଲିଥିବା ପ୍ରସ୍ତୁତି ବିଷୟରେ ଆଲୋଚନା କରିଛନ୍ତି ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ ଅଛି କି ନାହିଁ ତାହାର ସମୀକ୍ଷା କରିଛନ୍ତି । ଏକତ୍ର ଏହି ପ୍ରାକୃତିକ ବିପର୍ଯ୍ୟୟର ସାହସର ସହ ମୁକାବିଲା କରି ପରସ୍ପରକୁ ସାହାଯ୍ୟ କରିବା ଏବଂ ଭୟଭୀତ ନ ହେବାକୁ ପରାମର୍ଶ ଦେଇଛନ୍ତି । ବାତ୍ୟା ପରବର୍ତ୍ତୀ ସମୟରେ ବିଦ୍ୟୁତ ପରିଚାଳନା ତ୍ୱରିତ ବେଗରେ କରିବା ପାଇଁ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି, କୃଷି କ୍ଷେତ୍ରରେ ବାତ୍ୟା ଜନିତ ଫସଲ ହାନିକୁ ସଂପୃକ୍ତ ଚାଷୀ କୃଷି ବିଭାଗକୁ ଜଣାଇବା ସହ ଫସଲ ବୀମା ଯୋଜନା ଅନ୍ତର୍ଗତ କ୍ଷତିପୂରଣ ପାଇଁ ଆବେଦନ କରିପାରିବେ ବୋଲି କହିଛନ୍ତି। ଏହି ପ୍ରତ୍ୟକ୍ଷ ସମୀକ୍ଷା ବେଳେ ସାଙ୍ଗରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀ ସ୍ମୃତି ରଞ୍ଜନ ପ୍ରଧାନ, ଜିଲ୍ଲା କୃଷି ଅଧିକାରୀ ଓ ଟାଟା ପାୱାର ର୍ ଉଚ୍ଚ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଟାପୁ ଭିତରେ ଫସିଲେ ମତ୍ସ୍ୟଜୀବୀ

**ବାରିପଦା,୨୪।୧୦ (ସଂଚାର ବ୍ୟୁରୋ):** ବାତ୍ୟା ଦାନାର ପ୍ରଭାବରେ ବଢ଼ିଛି ପବନ ଏବଂ ବର୍ଷାର ପ୍ରଭାବ। ଯାହାର ପ୍ରଭାବରେମାଛ ଧରିବାକୁ ଯାଇଥିବା ଜଣେ ମତ୍ସ୍ୟଜୀବୀ ଟାପୁରେ ଫସି ରହିଥିଲେ। ଦୀର୍ଘ ୨ ଘଣ୍ଟାରୁ ଅଧିକ ହେବ ମତ୍ସ୍ୟଜୀବୀ ଜଣକ ଫସି ରହିଥିଲେ। ପରେ ଓଡ୍ରାଫ ଟିମ ଉଦ୍ଧାର କରିଲା। କପ୍ତିପଦା ବ୍ଲକ କାଳ ଡ୍ୟାମରେ ଟାପୁ ଭିତରେ ଫସି ରହିଥିଲେ ମତ୍ସ୍ୟଜୀବୀ ପ୍ରଶାନ୍ତ କୁମାର ମଢେଇ। ଆଜି ସକାଳେ ସେ ମାଛ ଧରିବାକୁ ଡ୍ୟାମ ଭିତରକୁ ଯାଇଥିବା ବେଳେ ପବନର ବେଗ ବଢିବା ସହିତ ଡ୍ୟାମରେ ଜୁଆର ଆସିବାରୁ ଟାପୁରେ ଫସି ରହିଥିଲେ ଯୁବକ। ଦୀର୍ଘ ଦେଢ଼ ଘଣ୍ଟାର ଅପରେସନ ପରେ ଯୁବକଙ୍କୁ ଉଦ୍ଧାର କରିଛି ଓଡ୍ରାଫ ଟିମ। ଯୁବକଙ୍କୁ ଉଦ୍ଧାର କରିବା ପାଇଁ ଓଡ୍ରାଫ ଟିମକୁ ବହୁତ ସମସ୍ୟାର ସାମ୍ନା କରିବାକୁ ପଡିଥିଲା। ଶେଷରେ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଛି। ବର୍ଷା ଏବଂ ପବନ ମାଡ଼ ଖାଇବା କାରଣରୁ ସେ ଭଲ ଭାବେ କଥା କହି ପାରୁ ନ ଥିବା ଜଣାଯାଇଛି।

# ରାଜଧାନୀରେ ପବନ ବର୍ଷା

**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ସ୍ଥଳଭାଗ ମୁହାଁ ହେବା ପୂର୍ବରୁ ପ୍ରଭାବ ଜାହିର କରିଛି ବାତ୍ୟା। ଯେତେ ପାଖେଇ ପାଖେଇ ଆସୁଛି, ତାହାର ପ୍ରଭାବ ସେତିକି ଅନୁଭୂତ ହୋଇଛି। ଦାନା ପ୍ରଭାବରେ ଗୁରୁବାର ସକାଳୁ ଭୁବନେଶ୍ୱରରେ ତୁହାକୁତୁହା ବର୍ଷା ଲାଗିରହିଛି। କ୍ରମେ ବର୍ଷା ବଢ଼ିବାରେ ଲାଗିଛି। ଏହା ସହିତ ପବନ ବେଗରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ବେଳାଭୂମିରେ ପୁଲିସ ପଇଁତରା

**ବାଲେଶ୍ୱର, ୨୪।୧୦ (ସଂଚାର ବ୍ୟୁରୋ):** ଓଡ଼ିଶା ଉପକୂଳକୁ ମାଡ଼ି ଆସୁଛି ବାତ୍ୟା ଦାନା। ସମୁଦ୍ରରେ ଭୀଷଣ ବାତ୍ୟାର ରୂପ ନେଇ ଧୀରେ ଧୀରେ ଏହା ସ୍ଥଳଭାଗମୁହାଁ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଚାରିଆଡେ ସତର୍କତା ଅବଲମ୍ବନ କରାଯାଇଛି। ବାତ୍ୟା ଦାନା ପାଇଁ ବାଲେଶ୍ୱରରେ ଘରୋଇ ବସ୍ ଚଳାଚଳ ବନ୍ଦ ରହିଛି। ବାଲେଶ୍ୱରରୁ ଚନ୍ଦନେଶ୍ୱର ଓ ଭୁବନେଶ୍ୱରକୁ ବସ୍ ଚଳାଚଳ ବନ୍ଦ ରଖାଯାଇଛି। ବସ୍ ବନ୍ଦ ନେଇ ଘରୋଇ ବସ୍ ମାଲିକ ସଂଘର ସୂଚନା ଦେଇଛି। ବାତ୍ୟା ସମୟରେ ଯେପରି କୌଣସି ଅଘଟଣ ନ ଘଟେ ଓ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଘରୋଇ ବସ୍ ମାଲିକ ସଂଘ ବସ୍ ଚଳାଚଳ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ବାତ୍ୟା ଆଲର୍ଟ ପାଇଁ ଚାନ୍ଦିପୁର ବେଳାଭୂମିରେ ପୁଲିସର ପଇଁତରା ମାରୁଛି। ବେଳାଭୂମିରେ କେହି ପର୍ଯ୍ୟଟକ କିମ୍ବା ଦୋକାନୀ ନ ରହିବାକୁ କୁହାଯାଇଛି। ବର୍ଷା ଓ ପବନ ବେଗ ବଢୁଥିବାରୁ ସତର୍କ ରହିବା ସହ ସୁରକ୍ଷିତ ସ୍ଥାନକୁ ଯିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ବାଲେଶ୍ୱର ଜିଲ୍ଲାରେ ୧୪୪ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ଅନେକ ସ୍କୁଲ୍ ଘରେ ଲୋକଙ୍କୁ ରଖାଯାଇଛି।

# ଗଛ ଉପୁଡ଼ିଲା, ସ୍କୁଲ ଛାତ ଭୁଶୁଡ଼ିଲା

**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ତାଉ ଦେଖାଇଲାଣି ଭୀଷଣ ବାତ୍ୟା 'ଦାନା'। ଉପକୂଳ ଆଡକୁ ମାଡ଼ି ଆସୁଥିବା ବେଳେ ବିଭିନ୍ନ ସ୍ଥାନରେ ଏହାର ପ୍ରଭାବ ଦେଖିବାକୁ ମିଳିଲାଣି। ପବନର ବେଗ ବଢୁଥିବା ବେଳେ ବିଭିନ୍ନ ଅଞ୍ଚଳରେ ଗଛ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ା ଏବଂ ମହାକାଳପଡ଼ାରେ ବିଭିନ୍ନ ସ୍ଥାନରେ ରାସ୍ତାରେ ଗଛ ଉପୁଡି ପଡ଼ିଛି। ଅଗ୍ନିଶମ ବାହିନୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଗଛ କାଟି ରାସ୍ତା ସଫା କରୁଛନ୍ତି। ଉତ୍ତର ଓଡ଼ିଶାରେ ମଧ୍ୟ ବର୍ଷା ପବନର ପ୍ରଭାବ ଦେଖିବାକୁ ମିଳିଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନ ଏବଂ ମୟୂରଭଞ୍ଜ ଜିଲ୍ଲା ବେତନଟୀରେ ବିଭିନ୍ନ ସ୍ଥାନରେ ଗଛ ଉପୁଡି ପଡ଼ିଛି। ମୟୂରଭଞ୍ଜ ବେତନଟୀ ବ୍ଲକରେ ଦେଖିବାକୁ ମିଳିଛି ପବନର ପ୍ରଭାବ। ବୈଶିଙ୍ଗା-ରୁପ୍ସା ମୁଖ୍ୟ ରାସ୍ତା କଦଳିଆ ଛକଠାରେ ଥିବା ପୁରୁଣା ବରଗଛ ଉପୁଡ଼ି ପଡ଼ିଲା। ଫଳରେ ସେଠାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। କେନ୍ଦ୍ରାପଡ଼ା ମହାକାଳପଡ଼ା ଜମ୍ବୁ ଗାଁରେ ତେନ୍ତୁଳି ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିବା ଫଳରେ ରମଣୀ ମୋହନ ପ୍ରାଥମିକ ସ୍କୁଲର ଛାତ ଭାଙ୍ଗି ଯାଇଛି। ଓଡ୍ରାଫ୍ ଟିମ୍ ପହଞ୍ଚି ଗଛ କାଟିଛନ୍ତି। କେନ୍ଦ୍ରାପଡ଼ାରେ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ବେଳେ ଲୋକଙ୍କ ସହ ମିଶି ରାସ୍ତାରୁ ଗଛ ହଟାଇଛନ୍ତି ବିଧାୟକ। ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ ନାୟକ ଲୋକଙ୍କ ସହ ମିଶି ରାସ୍ତା ସଫା କରିଛନ୍ତି।

# ଆଜି କନ୍ଧମାଳରେ ସ୍କୁଲ ବନ୍ଦ

**ଫୁଲବାଣୀ,୨୪।୧୦ (ସଂଚାର ବ୍ୟୁରୋ):** ଶୁକ୍ରବାର କନ୍ଧମାଳ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ବନ୍ଦ ରହିବ। ଏନେଇ ଆଜି ଜିଲ୍ଲାର ସମସ୍ତ ବିଇଓ, ପ୍ରଧାନଶିକ୍ଷକମାନଙ୍କୁ ଚିଠି ଲେଖିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ।

ସେ ଉଲ୍ଲେଖ କରିଛନ୍ତି ଯେ, ବାତ୍ୟା ଦାନାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ସ୍କୁଲଗୁଡ଼ିକୁ ଆସନ୍ତାକାଲି ପାଇଁ ଛୁଟି ଘୋଷଣା କରାଯାଇଛି। ପ୍ରତିଷେଧମୂଳକ ପଦକ୍ଷେପ ସ୍ୱରୂପ ଏହି ନିଷ୍ପତ୍ତି ନିଆଯାଇଛି। ଭୀଷଣ ବାତ୍ୟା 'ଦାନା' ଆଜି ମଧ୍ୟରାତ୍ରରୁ ଆସନ୍ତାକାଲି ସକାଳ ମଧ୍ୟରେ ଭିତରକନିକାରୁ ଧାମରା ମଧ୍ୟରେ ଲ୍ୟାଣ୍ଡଫଲ କରିବା ନେଇ ଆକଳନ କରାଯାଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଓ ପବନ ଜାରି ରହିଛି। 'ଦାନା' ପ୍ରଭାବରେ ଆସନ୍ତାକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଗଞ୍ଜାମ, ବୌଦ୍ଧ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ କନ୍ଧମାଳ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ୪ ପୌରସଂସ୍ଥା ଅଧ୍ୟକ୍ଷଙ୍କୁ ବିଦା ପାଇଁ ବିଜ୍ଞପ୍ତି ଜାରି କଲେ ସରକାର

**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ବିଜେଡି କ୍ରମାଗତ ଶକ୍ତଧକ୍କା ଲାଗୁଛି । ରାଜ୍ୟର ଗୋଟିଏ ମ୍ୟୁନିସପାଲଟି ଓ ୩ଟି ବିଜ୍ଞାପିତ ଅଂଚଳ ପରିଷଦ(ଏନଏସି)ର ଅଧ୍ୟକ୍ଷଙ୍କୁ ପଦଚ୍ୟୁତ କରିବା ପାଇଁ ରାଜ୍ୟ ସରକାର ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି କରିଛନ୍ତି। ଏହି ୪ ପୌରସଂସ୍ଥାର ନିର୍ବାଚିତ ଅଧ୍ୟକ୍ଷ/ଅଧ୍ୟକ୍ଷା ଗତ କିଛିଦିନ ପୂର୍ବରୁ ଅନାସ୍ଥା ଭୋଟରେ ପରାଜିତ ହୋଇଥିଲେ ।

ଆଜି ପୌର ପ୍ରଶାସନ ନିର୍ଦ୍ଦେଶକଙ୍କ ଦ୍ୱାରା ବିଜ୍ଞପ୍ତି ଅନୁସାରେ, ଭବାନୀ ପାଟଣା ମ୍ୟୁନିସପାଲଟି ଅଧ୍ୟକ୍ଷା ସଂଯୁକ୍ତା ବେହେରା, ନୀଳଗିରି ଏନଏଏସି ଅଧ୍ୟକ୍ଷା ଅମ୍ବିକା ଦାସ, ଜୁନାଗଡ଼ ଏଏନଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ଓ ପୁରୁଷୋତ୍ତମପୁର ଏନଏଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼ଙ୍କୁ ସେମାନେ ଅନାସ୍ଥା ଭୋଟରେ ପରାଜିତ ହୋଇଥିବା ଦିନଠୁ ପିଛିଲା ଭାବେ ପଦଚ୍ୟୁତ କରାଯାଇଛି ।ପୌର ସଂସ୍ଥାର ଦୁଇ ତୃତୀୟାଂଶ ସଦସ୍ୟ ବା ନିର୍ବାଚିତ ପ୍ରତିନିଧି ଲିଖିତ ଭାବେ ପୌରାଧ୍ୟକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣି ତାକୁ ସଂଖ୍ୟାବଳରେ ପାରିତ କରିବା ପରଠୁ ସେମାନେ ନିଜର ପଦ ହରାଇଥିଲେ। କିନ୍ତୁ ରାଜ୍ୟ ସରକାର ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିନଥିଲେ। ଆଜି ପୌର ପ୍ରଶାସକଙ୍କ ପକ୍ଷରୁ ଏହି ବିଜ୍ଞପ୍ତି ଜାରି ହୋଇଛି। ଉଲ୍ଲେଖଯୋଗ୍ୟ, ଭବାନୀପାଟଣା ମ୍ୟୁନିସପାଲଟି, ନୀଳଗିରି ଏନଏଏସି ଓ ପୁରୁଷୋତ୍ତମପୁର ଏନଏଏସି ଅଧ୍ୟକ୍ଷ ପଦବୀ ବିଜେଡି ପାଖରେ ରହିଥିଲାବେଳେ ଜୁନାଗଡ଼ ଅଧ୍ୟକ୍ଷ ପଦବୀ ବିଜେପି ପାଖରେ ଥିଲା। ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରାଙ୍କ ବିରୁଦ୍ଧରେ ସମସ୍ତ ୨୦ଜଣ ସଦସ୍ୟ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ସେହିପରି ନୀଳଗିରିରେ ମୋଟ ୧୩ରୁ ୧୦ଜଣ ସଦସ୍ୟ , ପୁରୁଷୋତ୍ତମପୁର ଏନଏଏସିରେ ୧୩ରୁ ୧୦ଜଣ ଓ ଜୁନାଗଡ଼ ଏନଏଏସିରେ ୧୨ରୁ ୧୦ଜଣ ସଦସ୍ୟ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟ୍ ଦେଇଥିଲେ ।



# 'ଦାନା' ନ ଆସୁଣୁ ୧୨ ଘଣ୍ଟା ବିଦ୍ୟୁତ୍ କାଟ୍

**ଫୁଲନଖରା, ୨୪।୧୦ (ସଂଚାର):** ଗୋପାଳପୁର ସବ୍ ଡିଭିଜନ ଅନ୍ତର୍ଗତ ଅଡଶପୁର ବିଦ୍ୟୁତ୍ ସେକ୍ସନରେ ଗୁରୁବାର ଦିନ ଭୋର୍ ସକାଳ ୪ ଟାରୁ ସନ୍ଧ୍ୟା ୭ ଟା ଯାଏ ଅଘୋଷିତ ବିଦ୍ୟୁତ୍ କାଟ୍ ନେଇ ଅଡଶପୁର ଓ ଫୁଲନଖରା ସେକ୍ସନ ଅଧୀନରେ ଥିବା କୁରୁଣ୍ଟି, ଅଡ଼ା, କୋଠାପାଟଣା, ଧମିଲୋ, ନୁଆଗାଁ ଓ ତିରଣପଦା ଗ୍ରାମ ଉପଭୋକ୍ତା ଅତିଷ୍ଠ ହୋଇଛନ୍ତି। ସମ୍ଭାବ୍ୟ ବାତ୍ୟା 'ଦାନା ' ୨୫ ତାରିଖ ଭୋର୍ ସମୟରେ ଲ୍ୟାଣ୍ଡ ଫଲ୍‌କରିବା ସମ୍ଭାବନା ଥିବାରୁ ରାଜ୍ୟ ସରକାର ଲୋକମାନଙ୍କ ସୁରକ୍ଷା ଏବଂ ସବୁ ପ୍ରକାର ସୁବିଧା ଯୋଗାଇ ଦେବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଗୋପାଳପୁର ବିଦ୍ୟୁତ୍ ସବ୍‌ଡଭିଜନରେ ଅଡଶପୁର ସେକ୍ସନରେ ତାହା ପରିଲକ୍ଷିତ ହୋଇନି ।

ବାତ୍ୟା 'ଦାନା ' କୁ ନେଇ ଆତଙ୍କିତ ଥିବା ଲୋକେ ନିଜ ନିଜ ଘରେ ଖାଦ୍ୟ ସାମଗ୍ରୀ, ପାନୀୟ ଜଳ ଯୋଗାଡ କରିବା ସହିତ ନିଜ ଗୋରୁ ଗାଈମାନଙ୍କୁ କିପରି ସୁରକ୍ଷିତ ସ୍ଥାନରେ ରଖିବା ନେଇ ବ୍ୟସ୍ତ ଥିବା ବେଳେ ଅଡ଼ଶପୁର ବିଦ୍ୟୁତ୍ ସେକ୍ସନ ବାତ୍ୟା ଆସିବାର ୨୪ ଘଣ୍ଟା ପୂର୍ବରୁ ଗତ ଗୁରୁବାର ଭୋର୍ ୪ରୁ ଲାଇନ୍ କଟିଯିବା ଓ ଦିନ ତମାମ ଯାଇ ରାତି ୮ଟା ପର୍ଯ୍ୟନ୍ତ ଲାଇନ୍ ନ ଆସିବା ସବୁଠାରୁ ଦୁର୍ଭାଗ୍ୟଜନକ । ଟାଟା ପାୱାର କୁ ଯେବେ ଠାରୁ ଓଡ଼ିଶା ସରକାର ବିଦ୍ୟୁତ୍ ବିତରକ ଦାୟିତ୍ୱ ଦେଇଛନ୍ତି ସେବେ ଠାରୁ ଗ୍ରାମାଞ୍ଚଳରେ ଉପଭୋକ୍ତାମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଛି। ଏହି ଅଘୋଷିତ ବିଦ୍ୟୁତ୍ କାଟ୍ ନେଇ ଗୋପାଳପୁର ଏସ୍‌ଡିଓ ଏବଂ ଜେଇଙ୍କ ସାଙ୍ଗେ ଫୋନ୍ ଯୋଗେ କଥା ବାର୍ତ୍ତା ହେବା ପରେ ଉତ୍ତର ମିଳି ଥିଲା ୩୩ କେ.ଭି ମେନ୍ ଲାଇନ୍ ଖରାପ ଥିବା ଏବଂ ୧୧କେ.ଭି ଲାଇନ୍ ଖରାପ ଯୋଗୁ ଲାଇନ୍ ଦେଇ ହେଉନି। ସେକ୍ସନରକର୍ମଚାରୀ ମାନେ ଦିନ ତମାମ କାର୍ଯ୍ୟ କରୁଥିଲେ ମଧ୍ୟ ଲୋକଙ୍କ ପାଖରେ ଲାଇନ୍ ପହଞ୍ଚି ପାରି ନ ଥିଲା । ଏହି ସବୁ ଗ୍ରାମର ପାଖା ପାଖି ୮୦୦ ଉପଭୋକ୍ତା ଥିବା ବେଳେ ପ୍ରାୟ ୩ ହଜାର ଲୋକ ଲାଇନ୍ ଉପରେ ନିର୍ଭରଶୀଳ। ଆଗରୁ ଗଣମାଧ୍ୟମରେ ବିଭିନ୍ନ ସମୟରେ ଏହି ଅଘୋଷିତ ବିଦ୍ୟୁତ୍ କାଟ୍ ନେଇ ପ୍ରକାଶ ପାଉଛି। ବିଭିନ୍ନ ସମୟରେ ଖବର ପ୍ରକାଶ ପରେ ବି ଟାଟା ପାୱାର ଉପରସ୍ତ ଅଧିକାରୀ ଏହି ସେକ୍ସନ ଅଧୀନରେ ହେଉଥିବା ଯାନ୍ତ୍ରିକ ତୃଟି ସୁଧାର ଆଣିବାକୁ ଚେଷ୍ଟା କରୁନାହାନ୍ତି। ଫଳରେ ଉପଭୋକ୍ତା ବହୁ ଅସୁବିଧା ସମ୍ମୁଖୀନ ହେବାର ଦେଖିବାକୁ ମିଳୁଛି । ଏପରି ହେଲେ ଉପଭୋକ୍ତା ଓ ଅଞ୍ଚଳର ବୁଦ୍ଧିଜୀବୀ ରାଜରାସ୍ତାକୁ ଓହ୍ଲାଇ ବୋଲି କହିଛନ୍ତି ।

# ପିଇଓ ୩ ଘଣ୍ଟା ଅଟକ



**କେନ୍ଦ୍ରାପଡ଼ା,୨୪।୧୦ (ସଂଚାର ବ୍ୟୁରୋ):** ଭୀଷଣ ବାତ୍ୟା 'ଦାନା' ଆଜି ମଧ୍ୟରାତ୍ରରୁ ଆସନ୍ତାକାଲି ସକାଳ ମଧ୍ୟରେ ଭିତର କନିକାରୁ ଧାମରା ମଧ୍ୟରେ ଉପକୂଳକୁ ଅତିକ୍ରମ କରିବ ବା ଲ୍ୟାଣ୍ଡଫଲ କରିବ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯାଇଛି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଉପୁଲାଇ ସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ମଧ୍ୟ ଲୋକଙ୍କୁ ରଖାଯାଇଛି। ତେବେ ସେଠାରେ ଲୋକଙ୍କୁ ଠିକ ଭାବେ ଖାଇବାକୁ ଦିଆଯାଉ ନଥିବା ନେଇ ଅଭିଯୋଗ ହୋଇଛି। ଏମିତିକି ଏହି ଅଭିଯୋଗ କରି ବାତ୍ୟା ଆଶ୍ରୟସ୍ଥଳୀରେ ଥିବା ଲୋକେ ସ୍ଥାନୀୟ ପିଇଓଙ୍କୁ ଗୁରୁବାର ପ୍ରାୟ ୩ ଘଣ୍ଟା ଧରି ଅଟକ ରଖିଥିଲେ। ରାଜକନିକା ବ୍ଲକ ଏଇଇ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ସେମାନେ ପିଇଓଙ୍କୁ ଛାଡ଼ିଥିଲେ। ଅଭିଯୋଗ ଅନୁସାରେ, ଏହି ବାତ୍ୟା ଆଶ୍ରୟ ସ୍ଥଳୀରେ ଥିବା ଲୋକଙ୍କୁ ଆଜି ସକାଳେ ଅଳ୍ପ ଚୁଡ଼ା, ଗୁଡ଼ ଓ ଦୁଇଟି ଲେଖାଏଁ ବିସ୍କୁଟ ଖାଇବାକୁ ଦିଆଯାଇଥିଲା। ଚୁଡ଼ା ଭଲ ନ ଥିଲା। ସେଥିରୁ ଗନ୍ଧ ଆସୁଥିଲା। ସେହିପରି ଗୁଡ଼ ମଧ୍ୟ ପିତା ଲାଗୁଥିଲା। ତେଣୁ ଲୋକେ ଅସନ୍ତୁଷ୍ଟ ହୋଇଥିଲେ। ଏହି ବାତ୍ୟା ଆଶ୍ରୟସ୍ଥଳୀର ଦାୟିତ୍ୱରେ ଥିବା ବରାଡ଼ିଆ ପଞ୍ଚାୟତର ପିଇଓ ଜୟନ୍ତ ବେହେରା ସେଠାରକୁ ଲୋକଙ୍କ ସୁବିଧା ଅସୁବିଧା ବୁଝିବାକୁ ଯାଇଥିବା ବେଳେ ଲୋକେ ତାଙ୍କୁ ଖାଦ୍ୟ ସମସ୍ୟା ବିଷୟରେ ଜଣାଇବା ସହିତ ତାଙ୍କୁ ଅଟକ ରଖିଥିଲେ। ଖବର ପାଇ ରାଜକନିକା ବ୍ଲକ ଏଇଇ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ସେମାନେ ପିଇଓଙ୍କୁ ଛାଡ଼ିଥିଲେ। ସୂଚନାଯୋଗ୍ୟ, ବାତ୍ୟା 'ଦାନା' ଯୋଗୁ ୧୧ ଜିଲ୍ଲାର ୩୮ ବ୍ଲକ ଓ ୯ ପୌରାଞ୍ଚଳ ପ୍ରଭାବିତ ହୋଇପାରନ୍ତି। ସେହିପରି ମୋଟ ୧୬୫୩ ଗାଁ ବାତ୍ୟା ଦ୍ୱାରା ପ୍ରଭାବିତ ହେବେ ବୋଲି ଆକଳନ କରାଯାଇଛି। ୧୬୫୩ ଗାଁରୁ ୩ ଲକ୍ଷ ୬୨ ହଜାର ଲୋକ ସ୍ଥାନାନ୍ତର କରାଯିବାକୁ ସରକାର ଲକ୍ଷ୍ୟ ରଖିଥିଲେ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

# ରାଜ୍ୟ ଅଧୀନରେ ରହିବ ଶିଳ୍ପ ଆଲ୍‌କୋହଲ୍

## ଟିକସ ଲାଗୁ କରିପାରିବେ



**ନୂଆଦିଲ୍ଲୀ, ୨୪।୧୦:** ଶିଳ୍ପ ଆଲ୍‌କୋହଲ୍‌ର ଉତ୍ପାଦନ, ନିର୍ମାଣ ଓ ଯୋଗାଣକୁ ନିୟନ୍ତ୍ରଣ କରିବାର କ୍ଷମତା ରାଜ୍ୟମାନଙ୍କ ଅଧୀନରେ ରହିବ ବୋଲି ସୁପ୍ରିମ୍‌କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ପ୍ରଧାନ ବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ୯ ଜଣିଆ ବିଚାରପତିଙ୍କ ସମ୍ବିଧାନ ପୀଠ ୮:୧ ସଂଖ୍ୟାଗରିଷ୍ଠତା ଆଧାରରେ ଏହି ରାୟ ପ୍ରକାଶ କରିଛନ୍ତି। କେବଳ ଜଷ୍ଟିସ୍ ବି ଭି ନାଗରତ୍ନା ରାୟରେ ଅସହମତି ପ୍ରକାଶ କରିଥିଲେ। ଶିଳ୍ପ ଆଲ୍‌କୋହଲ୍ ଉପରେ ଟିକସ ଲଗାଇବାର ଅଧିକାର ରାଜ୍ୟମାନଙ୍କ ପାଖରେ ରହିଛି ବୋଲି ସମ୍ବିଧାନ ପୀଠ ସ୍ପଷ୍ଟ କରିଛନ୍ତି। ସେମାନଙ୍କଠାରୁ ଏହି କ୍ଷମତାକୁ ପ୍ରତ୍ୟାହାର କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ମାନବ ବ୍ୟବହାର ଲାଗି ଅନୁପଯୋଗୀ ତଥା ଶିଳ୍ପରେ ବ୍ୟବହାର ହେଉଥିବା ଆଲ୍‌କୋହଲ୍‌କୁ ନିୟନ୍ତ୍ରଣ କରିବାର ସ୍ୱତନ୍ତ୍ର କ୍ଷମତା ନେଇ କେନ୍ଦ୍ର ଯେଉଁ ଦାବି କରିଥିଲା ତାହାକୁ ସମ୍ବିଧାନ ପୀଠ ଖାରଜ କରିଛନ୍ତି। ଶିଳ୍ପ ମଦ ଉପରେ କେନ୍ଦ୍ରର ସ୍ୱତନ୍ତ୍ର ଅଧିକାର ରହିଥିବା ନେଇ ୧୯୯୭ରେ ଏକ ସାତ ଜଣିଆ ସମ୍ବିଧାନ ପୀଠ ରାୟ ଶୁଣାଇଥିଲେ। ୨୦୧୦ରେ ସେହି ମାମଲାକୁ ୯ ଜଣିଆ ସମ୍ବିଧାନ ପୀଠକୁ ପଠାଯାଇଥିଲା। ଚଳିତ ବର୍ଷ ଏପ୍ରିଲ୍‌ରେ ଏହି ମାମଲା ଉପରେ ଲଗାତାର ଛଅ ଦିନ ଶୁଣାଣି ହୋଇଥିଲା। ଏହାପରେ ରାୟ ସଂରକ୍ଷୀତ ରଖାଯାଇଥିଲା। ଶିଳ୍ପ ଆଲ୍‌କୋହଲ୍ ହେଉଛି ଇଥାନଲ୍‌ର ଅଶୋଧିତ ରୂପ। ସଲ୍‌ଭେଣ୍ଟ ଭାବେ ଏହାକୁ ବ୍ୟବହାର କରାଯାଇଥାଏ। ଏହି ଆଲ୍‌କୋହଲ୍ ବିଶାକ୍ତ ହୋଇଥିବା ବେଳେ ମାନବ ବ୍ୟବହାର ଲାଗି ଅନୁପଯୋଗୀ। ସେଥିରେ ଉଚ୍ଚମାତ୍ରାର ମିଥାନଲ୍ ରହିଥାଏ। ଏହାକୁ ବିଶେଷ କରି ଔଷଧ, କୀଟନାଶକ, ରସାୟନ ଓ ଜୈବ ଇନ୍ଧନ ଶିଳ୍ପରେ ବ୍ୟବହାର କରାଯାଇଥାଏ। ଶିଳ୍ପ ଆଲ୍‌କୋହଲ୍‌କୁ ନିୟନ୍ତ୍ରଣ କରିବାର ଅଧିକାର ରାଜ୍ୟମାନଙ୍କ ପାଖରେ ରହିଛି ନା ନାହିଁ ତାହା ସ୍ପଷ୍ଟ କରିବା ଲାଗି ଏହି ମାମଲା ସୁପ୍ରିମ୍‌କୋର୍ଟରେ ପହଞ୍ଚିଥିଲା। କେନ୍ଦ୍ର ସରକାର ଯୁକ୍ତି କରିଥିଲେ ଯେ ପାନୀୟ ଯୋଗ୍ୟ ହୋଇନଥିବାରୁ ଷ୍ଟେଟ୍ ଲିଷ୍ଟର ଏଣ୍ଟ୍ରି ୮ ସହିତ ଏହାର କୌଣସି ସମ୍ପର୍କ ନାହିଁ। କିନ୍ତୁ ଆବେଦନକାରୀ ରାଜ୍ୟମାନଙ୍କ ସପକ୍ଷରେ ଯୁକ୍ତି ଉପସ୍ଥାପନ କରି କହିଥିଲେ ଯେ କେନ୍ଦ୍ର ପାଖରେ କ୍ଷମତା ରହିଲେ ବେଆଇନ ମଦ କାରବାର ରୋକିବା କଷ୍ଟକର ହୋଇପଡ଼ିବ।



# ନକଲି ଅନ୍ତର୍ଜାତୀୟ କଲ୍ ରୋକିବାକୁ ବ୍ୟବସ୍ଥା

**ନୂଆଦିଲ୍ଲୀ, ୨୪।୧୦:** ବିଦେଶ ମାଟିରେ ବସି ଭାରତୀୟମଙ୍କୁ ଠକିବା ଲାଗି କରାଯାଉଥିବା ଜାଲ୍ କଲ୍‌ଗୁଡ଼ିକୁ ଅଟକାଇବା ଲାଗି କେନ୍ଦ୍ର ସରକାର ଏକ ବ୍ୟବସ୍ଥା ଲାଗୁ କରିଛନ୍ତି। ଏହି ବ୍ୟବସ୍ଥାର ନାମ ହେଉଛି 'ଇଣ୍ଟରନ୍ୟାସନାଲ୍ ଇନ୍‌କମିଂ ସ୍ପୁଫ୍‌ଡ କଲ୍‌ସ ପ୍ରିଭେନ୍‌ସନ୍ ସିଷ୍ଟମ୍'। ଟେଲିକମ୍ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ତାହାକୁ ଶୁଭାରମ୍ଭ କରିଛନ୍ତି। ସାଇବର୍ ଅପରାଧୀମାନେ ବିଦେଶରେ ବସି ସେଠାରୁ କଲ୍ କରି ଲୋକମାନଙ୍କୁ ଠକୁଛନ୍ତି। ସେମାନେ କଲିଂ ଲାଇନ୍ ଆଇଡେଣ୍ଟିଟି (ସିଏଲ୍‌ଆଇ)ରେ ହେରଫେର କରି ଅନ୍ତର୍ଜାତୀୟ କଲ୍‌କୁ ଭାରତୀୟ ମୋବାଇଲ୍ ନମ୍ବରରେ ବଦଳାଇ ଦେଉଛନ୍ତି। ଫଳରେ ଠକେଇର ଶିକାର ହେଉଥିବା ଲୋକମାନେ ତାହା ଏକ ଅନ୍ତର୍ଜାତୀୟ ଜାଲ୍ କଲ୍ ବୋଲି ଜାଣିପାରୁନାହାନ୍ତି। ଆର୍ଥିକ ଠକେଇ, ସରକାରୀ ଅଧିକାରୀର ମିଥ୍ୟା ପରିଚୟ ଦେବା, ଲୋକଙ୍କ ମନରେ ଭୟ ସୃଷ୍ଟି କରିବା, ଗିରଫ ଭୟ ଦେଖାଇବା ଭଳି ବିଭିନ୍ନ ବାହାନାରେ ସାଇବର୍ ଅପରାଧୀମାନେ ଲୋକମାନଙ୍କୁ ଠକୁଛନ୍ତି। ଭାରତ ସରକାର ଯେଉଁ

**୨୪ ଘଣ୍ଟାରେ ୧.୩୫ କୋଟି ଜାଲ୍ କଲ୍ ଚିହ୍ନଟ**

ବ୍ୟବସ୍ଥା ବିକାଶ କରିଛନ୍ତି ତାହା ସେହି ଅନ୍ତର୍ଜାତୀୟ ଜାଲ୍ କଲ୍‌କୁ ଚିହ୍ନଟ କରିବା ସହ ପୀଡ଼ିତଙ୍କ ପାଖରେ ପହଞ୍ଚିବା ପୂର୍ବରୁ ତାହାକୁ ଅଟକାଇ ଦେବ। ଗତ ୨୪ ଘଣ୍ଟା ମଧ୍ୟରେ ଏହି ବ୍ୟବସ୍ଥା ୧.୩୫ କୋଟି ଅନ୍ତର୍ଜାତୀୟ ଜାଲ୍ କଲ୍ ଅଟକାଇଛି। ସେଥିରୁ ୯୦ ପ୍ରତିଶତ ହେଉଛି ଅନ୍ତର୍ଜାତୀୟ କଲ୍। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିବାରୁ ଅନ୍ତର୍ଜାତୀୟ ଜାଲ୍ କଲ୍ ସଂଖ୍ୟାରେ ଉଲ୍ଲେଖନୀୟ ହ୍ରାସ ହେବ ବୋଲି ମନ୍ତ୍ରୀ କହିଛନ୍ତି।

# 'ପ୍ରେଗା ନିଉଜ୍'ର ଦଶଭୁଜା ଅଭିଯାନ




**କୋଲକାତା, ୨୪।୧୦:** ପ୍ରେଗା ନିଉଜ୍ ପକ୍ଷରୁ ଏହି ଦୁର୍ଗାପୂଜାରେ ପଶ୍ଚିମବଙ୍ଗରେ ଦଶଭୁଜା ଅଭିଯାନ ଆୟୋଜନ କରାଯାଇଛି। କମ୍ପାନି ପଶ୍ଚିମବଙ୍ଗର ୭୫ଟି ସ୍ଥାନର ୫୦୦୦ରୁ ଅଧିକ ମହିଳାଙ୍କ ନିକଟରେ ପହଞ୍ଚି ସଶକ୍ତୀକରଣ ଓ ମାନ୍ୟତା ପ୍ରତି ସେମାନଙ୍କ ଅବଦାନ ଓ ସଫଳତାକୁ ପାଳନ କରିଛି। ଏଥିରେ ଶିକ୍ଷୟିତ୍ରୀ, ଗୃହିଣୀଙ୍କଠାରୁ ଆରମ୍ଭ କରି ନର୍ସଙ୍କ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ମହିଳା ସାମିଲ ହୋଇଥିଲେ। କମ୍ପାନିର ବିକ୍ରି ଓ ମାର୍କେଟିଂ ଉପସଭାପତି ଜୟ ଚାଟାର୍ଜୀ କହିଛନ୍ତି ଯେ ଦୁର୍ଗାପୂଜା ସର୍ବଦା ମୋ ହୃଦୟର ନିକଟତର ହୋଇରହିଛି। ଏହି ସମୟରେ ପ୍ରତିଟି ଲୋକ ନାଚ, ଗୀତ ଓ କବିତାରେ ନିଜକୁ ହଜାଇ ଦିଅନ୍ତି। ଗତ ତିନିବର୍ଷ ଧରି ପ୍ରେଗା ନିଉଜ୍ ଏହାର ଦଶଭୁଜା ଅଭିଯାନରେ ମହିଳାମାନଙ୍କୁ ମାନ୍ୟତା ପ୍ରଦାନ କରୁଛି। ପଶ୍ଚିମବଙ୍ଗର ବିଭିନ୍ନ ପେଣ୍ଡାଲ ପରିଦର୍ଶନ କରିବା ପରେ ଶ୍ରେଷ୍ଠ ତିନି ଫାଇନାଲିଷ୍ଟଙ୍କୁ ପ୍ରେଗା ନିଉଜ୍ ପକ୍ଷରୁ ପୁରସ୍କୃତ କରାଯାଇଛି ବୋଲି ସେ କହିଛନ୍ତି।

# ଏଜୁକେସନ୍-ୱାର୍ଲ୍ଡ ଇଣ୍ଡିଆ ସ୍କୁଲ୍ ର୍ୟାଙ୍କିଙ୍ଗରେ ଓଡିଏମ୍‌ର ପାରଦର୍ଶିତା



**ଭୁବନେଶ୍ୱର, ୨୪।୧୦:** ଏଜୁକେସନ୍-ୱାର୍ଲଡ୍ ଇଣ୍ଡିଆ ସ୍କୁଲ୍ ର୍ୟାଙ୍କିଙ୍ଗ୍‌ରେ ଓଡିଏମ୍ ଶିକ୍ଷାନୁଷ୍ଠାନ ଉଲ୍ଲେଖନୀୟ ପାରଦର୍ଶିତା ହାସଲ କରିଛି। ଏହାର ଓଡିଏମ୍ ପବ୍ଲିକ୍ ସ୍କୁଲ୍ 'କୋ-ଏଡ୍ ଓ ବୋର୍ଡିଂ ସ୍କୁଲ୍' ବର୍ଗରେ ଓଡ଼ିଶାରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍ 'କୋ-ଏଡ୍-ଡେ' ବିଦ୍ୟାଳୟଗୁଡ଼ିକ ମଧ୍ୟରେ ପଞ୍ଚମ ସ୍ଥାନ ହାସଲ କରିଛି। ଏଜୁକେସନ୍ ୱାର୍ଲଡ୍‌ର ଅଭିଜ୍ଞ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା ବିଭିନ୍ନ ମାନଦଣ୍ଡରେ ମୂଲ୍ୟାଙ୍କନ କରାଯାଇ ଓଡିଏମ୍‌ର ଉତ୍କର୍ଷତାକୁ ସମ୍ମାନିତ କରିଛନ୍ତି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ ଦିଲ୍ଲୀ ଗସ୍ତ କରି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ ଓଡିଏମ୍‌ର ସିଇଓ ସ୍ୱୟନ୍ ସତ୍ୟେନ୍ଦୁ କହିଛନ୍ତି ଯେ ଏହି ମାନ୍ୟତା ଗୁଣାତ୍ମକ ଶିକ୍ଷା ପ୍ରଦର୍ଶନ କ୍ଷେତ୍ରରେ ଆମ ପ୍ରତିବଦ୍ଧତାକୁ ଦର୍ଶାଉଛି।

# ସୁଲଭ ଦରରେ 'ଭାରତ ଡାଲି' ବିକ୍ରି

## ୫୮ ଟଙ୍କାରେ ବୁଟ ଡାଲି, ୮୯ ଟଙ୍କାରେ ମସୁର




**ନୂଆଦିଲ୍ଲୀ, ୨୪।୧୦:** ଦୀପାବଳି ପୂର୍ବରୁ କେନ୍ଦ୍ର ସରକାର ବଜାର ଦରଠାରୁ କମ୍ ଦାମ୍‌ରେ 'ଭାରତ' ବ୍ରାଣ୍ଡର ଡାଲି ବିକ୍ରି ଆରମ୍ଭ କରିଛନ୍ତି। ଏନ୍‌ସିସିଏଫ୍, ନାଫେଡ୍ ଓ କେନ୍ଦ୍ରୀୟ ଭଣ୍ଡାର ଜରିଆରେ ଏହି ଡାଲି ବିକ୍ରି କରାଯାଉଛି। ଏଥିରେ କେଜି ପିଛା ୫୮ ଟଙ୍କାରେ ବୁଟ ଡାଲି ଓ ୮୯ ଟଙ୍କାରେ ମସୁର ଡାଲି ବିକ୍ରି କରାଯାଉଛି।

କେନ୍ଦ୍ର ଖାଦ୍ୟ ଯୋଗାଣ ଓ ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଭାରତ ଡାଲି ବିକ୍ରିର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିଛନ୍ତି। ଏଥର କେନ୍ଦ୍ରୀୟ ଭଣ୍ଡାରରେ ଥିବା ୩ ଲକ୍ଷ ଟନ୍ ବୁଟ ଡାଲି ଗ୍ରାହକମାନଙ୍କ ଲାଗି ବିକ୍ରି କରାଯିବ। ଫାଳ ବୁଟ ଡାଲି କେଜି ପିଛା ୭୦ ଟଙ୍କା ଓ ଗୋଟା ବୁଟକୁ କେଜି ପିଛା ୫୮ ଟଙ୍କାରେ ବିକ୍ରି କରାଯିବ। ଗତବର୍ଷ କେଜି ପିଛା ୬୦ ଟଙ୍କାରେ ବୁଟ ଡାଲି ବିକ୍ରି କରାଯାଇଥିଲା। ଭାରତ ବ୍ରାଣ୍ଡ୍ ଅଧୀନରେ କେଜି ପିଛା ୧୦୭ ଟଙ୍କାରେ ମୁଗ ଡାଲି ବିକ୍ରି କରାଯାଉଛି।

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ସର୍ବଭାରତୀୟ ସ୍ତରରେ ବୁଟ ଡାଲିର ହାରାହାରି ମୂଲ୍ୟ କେଜି ପିଛା ୯୫ ଟଙ୍କା ଥିବା ବେଳେ ମୁଗ ଡାଲି କେଜି ୧୧୬ ଟଙ୍କା ଓ ମସୁର ଡାଲି ଦାମ୍ ୯୦ ଟଙ୍କା ରହିଛି। ହରଡ଼ ଡାଲି କେଜି ୧୬୨ ଟଙ୍କା ଓ ବିରି ଦାମ୍ ୧୨୫ ଟଙ୍କା ରହିଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି ଯେ କେନ୍ଦ୍ର ସରକାର ଚାଉଳ, ଡାଲି, ଅଟା ଓ ପିଆଜ ଆଦିକୁ କମ୍ ଦାମ୍‌ରେ ଖୁଚୁରା ବଜାରରେ ବିକ୍ରି କରୁଥିବାରୁ ଦରଦାମ୍‌ରେ ସ୍ଥିରତା ଫେରିଛି। ଅଧିକରୁ ଅଧିକ ଲୋକମାନଙ୍କ ପାଖରେ ଯେଭଳି ଭାରତ ଡାଲି ପହଞ୍ଚିପାରିବ ସେଥିପାଇଁ ସରକାର ଇ-କମର୍ସ କମ୍ପାନି ଓ ବଡ଼ ବଡ଼ ମଲ୍ ସହିତ ଆଲୋଚନା ଜାରି ରଖିଛନ୍ତି। ଏନ୍‌ସିସିଏଫ୍ ଏମ୍‌ଡି ଅନିସ ଚନ୍ଦ୍ର ଯୋସେଫ୍ କହିଛନ୍ତି ଯେ ଆସନ୍ତା ୧୦ ଦିନ ଭିତରେ ଭାରତ ଡାଲି ସାରା ଦେଶରେ ବିକ୍ରି ହେବ।

# ସୋନାଲିକାର ୬୩,୧୩୬ ଟ୍ରାକ୍ଟର ବିକ୍ରି




**ନୂଆଦିଲ୍ଲୀ, ୨୪।୧୦:** ଅଗ୍ରଣୀ ଟ୍ରାକ୍ଟର କମ୍ପାନି ସୋନାଲିକା ଟ୍ରାକ୍ଟର୍ସ ପକ୍ଷରୁ ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୬୩,୧୩୬ ଟ୍ରାକ୍ଟର ବିକ୍ରି କରାଯାଇଛି। ଏଥି ସହିତ କମ୍ପାନି ଦେଶ ଭିତରେ ବଜାର ଅଂଶରେ ଅଗ୍ରଣୀ ସ୍ଥାନ ବଜାୟ ରଖିଛି। ଶିଳ୍ପ ପ୍ରଦର୍ଶନଠାରୁ କମ୍ପାନି ସାତଗୁଣା ଅଧିକ ବୃଦ୍ଧି ହାସଲ କରିଛି। ଚାଷୀମାନଙ୍କ ଲାଗି କମ୍ପାନି ପକ୍ଷରୁ 'ସୋନାଲିକା ହେଭି ଡ୍ୟୁଟି ଧମାକା' ଘୋଷଣା କରାଯାଇଛି। ଏହି ଅବସରରେ କମ୍ପାନିର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି ଯେ ପ୍ରତି ଚାଷୀଙ୍କ ଚାହିଦା ଅଲଗା ହୋଇଥିବା ବେଳେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଉତ୍ପାଦ ବିକାଶ କରିବାର ଆବଶ୍ୟକତା ରହିଛି। ଟ୍ରାକ୍ଟର ଶିଳ୍ପର ଆମର ସ୍ୱତନ୍ତ୍ର ସ୍ଥିତି ପାଇଁ ଆମେ ଚଳିତ ବର୍ଷରେ ୫୩,୧୩୬ ଟ୍ରାକ୍ଟର ବିକ୍ରି କରିଛୁ। ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଦଶ ବର୍ଷ ପୂରଣ କରିଥିବା ବେଳେ ଏହା ଭାରତର ଗୁଣାତ୍ମକ ମାନୁଫାକ୍‌ଚରିଂ ସମ୍ପର୍କରେ ସାରା ଦୁନିଆକୁ ଅବଗତ କରାଯାଉଛି ବୋଲି ସେ କହିଛନ୍ତି।

# ଡିଜିଟାଲ୍ ଭାରତରେ ଚମକ ହରାଉଛି ନଗଦ

**ନୂଆଦିଲ୍ଲୀ, ୨୪।୧୦:** କରୋନା ମହାମାରୀ ପରବର୍ତ୍ତୀ ସମୟରେ ଦେଶରେ ଯେଉଁ ଡିଜିଟାଲ୍ ବିପ୍ଳବ ଆରମ୍ଭ ହୋଇଥିଲା ତାହା ପେମେଣ୍ଟ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଆଗରୁ କାରବାର ପାଇଁ ପ୍ରମୁଖ ମାଧ୍ୟମ ଥିବା ନଗଦ ଟଙ୍କା ଦ୍ରୁତ ଗତିରେ ତାହାର ଚମକ ହରାଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ ଗତ ତିନି ବର୍ଷ ମଧ୍ୟରେ ଦେଶରେ ଡିଜିଟାଲ୍ କାରବାରରେ ତିନି ଗୁଣା ବୃଦ୍ଧି ଘଟିଛି। ୨୦୨୧ ମାର୍ଚ୍ଚ ସୁଦ୍ଧା ମୋଟ କାରବାରରେ ଡିଜିଟାଲ୍‌ର ଭାଗ ଥିବା ୧୪-୧୯ ପ୍ରତିଶତ। ୨୦୨୪ ମାର୍ଚ୍ଚ ସୁଦ୍ଧା ସେହି ହାର ୪୦-୪୮ ପ୍ରତିଶତକୁ ବୃଦ୍ଧି ପାଇଛି। ଅର୍ଥାତ ଦେଶରେ ଏବେ ହେଉଥିବା କାରବାରର ଅଧା ଡିଜିଟାଲ୍ ମାଧ୍ୟମରେ ହେଉଛି। ରିଜର୍ଭ ବ୍ୟାଙ୍କର ମୁଦ୍ରା ପରିଚାଳନା ବିଭାଗର ପ୍ରଦୀପ ଭୂୟାଁ କହିଛନ୍ତି ଏବେବି ନଗଦ କାରବାର ବ୍ୟାପକ ରହିଛି। କିନ୍ତୁ ତାହା ଦ୍ରୁତ ଗତିରେ କମୁଛି। ଏବେବି ୬୦ ପ୍ରତିଶତ କିଣାବିକାରେ ନଗଦ ଟଙ୍କା ବ୍ୟବହାର ହେଉଛି। ତେବେ ଅଳ୍ପ ମୂଲ୍ୟର କାରବାର ଲାଗି ଲୋକମାନେ ନଗଦ ଟଙ୍କା ବ୍ୟବହାର କରିବାକୁ ପସନ୍ଦ କରୁଥିବା ରିପୋର୍ଟରୁ ଜଣାପଡ଼ିଛି। ଡିଜିଟାଲ୍ କାରବାରରେ ଅଧିକାଂଶ ଲୋକ ୟୁପିଆଇ ବ୍ୟବହାର କରୁଛନ୍ତି।

# ବିକଶିତ ଓଡ଼ିଶା ପାଇଁ ସମ୍ମିଳିତ ପ୍ରୟାସ ଲୋଡ଼ା: ଉପମୁଖ୍ୟମନ୍ତ୍ରୀ

- ବିକଶିତ ପୂର୍ବରୁ ବୟସ୍କ ହେଉଛି ଓଡ଼ିଶା
- ଫାଷ୍ଟ୍‌ଟ୍ରାକ୍ ମହିଳା କୋର୍ଟ ସ୍ଥାପନ ପାଇଁ ଚିନ୍ତା କରାଯାଉଛି: ଆଇନମନ୍ତ୍ରୀ




**ଭୁବନେଶ୍ୱର, ୨୪।୧୦:** ଓଡ଼ିଶା ବିକଶିତ ରାଜ୍ୟ ହେବା ପୂର୍ବରୁ ବୟସ୍କ ହେଉଛି। ଅର୍ଥାତ୍ ଓଡ଼ିଶାର ମୋଟ ଜନସଂଖ୍ୟାରେ ପିଲାଙ୍କ ତୁଳନାରେ ବୟସ୍କଙ୍କ ସଂଖ୍ୟା ବଢ଼ୁଛି। ୨୦୧୧ରେ ରାଜ୍ୟରେ ବୟସ୍କଙ୍କ ସଂଖ୍ୟା ୩୯ ଲକ୍ଷ ଥିବାବେଳେ ୨୦୩୬ରେ ଏହା ୮୨ ଲକ୍ଷରେ ପହଞ୍ଚିବ। ଯାହାକି ସେହି ସମୟର ମୋଟ ଜନସଂଖ୍ୟାର ପ୍ରାୟ ୧୬ ପ୍ରତିଶତ ରହିବ।

**ଓଡ଼ିଶା ବିକାଶ କନକ୍ଲେଭ୍**

ଓଡ଼ିଶାର ଜନସଂଖ୍ୟାରେ ଆସିଥିବା ଏହି ପରିବର୍ତ୍ତନ ଆମ ପାଇଁ ଆହ୍ୱାନ ସହିତ ସୁଯୋଗ ଆଣିଛି। ୨୦୩୬ ମସିହାରେ ଓଡ଼ିଶା ଗଠନକୁ ୧୦୦ ବର୍ଷ ପୂରଣ ହେବ। ୨୦୩୬ରେ 'ବିକଶିତ ଓଡ଼ିଶା' ହେଲେ ୨୦୪୭ରେ 'ବିକଶିତ ଭାରତ' ଗଠନ ହୋଇପାରିବ। ଏଥିପାଇଁ ସରକାର, ନାଗରିକ ସମାଜ ସମେତ ସମାଜର ସବୁ କ୍ଷେତ୍ରର ଯୋଗଦାନ ଅପରିହାର୍ଯ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମତ ରଖିଛନ୍ତି।

ଓଡ଼ିଶା ବିକାଶ କନ୍‌କ୍ଲେଭ୍‌ର ଉଦ୍‌ଯାପନୀ ସମାରୋହକୁ ସମ୍ବୋଧନ କରି ଶ୍ରୀମତୀ ପରିଡ଼ା କହିଛନ୍ତି, ଓଡ଼ିଶାକୁ ଆଗକୁ ନେବା ପାଇଁ ରହିଥିବା ପ୍ରତିବନ୍ଧକକୁ ଦୂର କରିବାକୁ ପଡ଼ିବ। ଆମେ ଯଦି ଏମିତି ଓଡ଼ିଶା ଗଠନ କରିବା ଯେଉଁଠି କେହି ବେକାରୀ ନଥିବେ, ଯେଉଁଠି କେହି ଦାଦନ ଖଟିବାକୁ ଯାଉ ନଥିବେ, ଯେଉଁଠି ସବୁ ନାରୀ ସୁରକ୍ଷିତ ରହିବେ ତାହେଲେ ଏଥିପାଇଁ ସମସ୍ତଙ୍କୁ ମିଳିତ ଭାବେ ଠିକ୍‌ରେ କାର୍ଯ୍ୟ କରିବାକୁ ପଡ଼ିବ। ସିୱାଇଏସ୍‌ଡି ପ୍ରତିଷ୍ଠାତା ସଦସ୍ୟ ଜଗଦାନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ପ୍ରଫେସର ଡକ୍ଟର ଅମିତାଭ କୁଣ୍ଡୁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ୟୁଏନ୍‌ଏଫ୍‌ପିଏର ରାଜ୍ୟ ମୁଖ୍ୟ ମହମ୍ମଦ ନଦିମ୍ ନୁର୍ ଓ ଆଇଆଇପିଏର ମହାନିର୍ଦ୍ଦେଶକ ଏସ୍‌ଏନ୍ ତ୍ରିପାଠୀ ଓଡ଼ିଶାର ଶହେ ବର୍ଷ ପୂର୍ତ୍ତିରେ ଦୃଶ୍ୟମାନ ହେବାକୁ ଥିବା ସମସ୍ୟା ଓ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ବିକାଶ କନ୍‌କ୍ଲେଭର ସ୍ୱତନ୍ତ୍ର ଅଧିବେଶନ ଗୁଡ଼ିକରେ ସ୍ଥାନାନ୍ତର, ସ୍ୱାସ୍ଥ୍ୟ ଓ ପୁଷ୍ଟି, ନିଯୁକ୍ତି ଓ ନଗରାଞ୍ଚଳ ସମସ୍ୟା, ଶିକ୍ଷା, ବୟସ୍କ ଲୋକଙ୍କ ସମସ୍ୟା, ମହିଳାଙ୍କ ସୁରକ୍ଷା ଓ ନିରାପତ୍ତା ଆଦି ଆଲୋଚନାର ନିଷ୍କର୍ଷ ଉପସ୍ଥାପିତ ହୋଇଥିଲା। ପଞ୍ଚାୟତ ସ୍ତରରେ ଶ୍ରମିକଙ୍କୁ ଚିହ୍ନଟ, ସେମାନଙ୍କ ଦକ୍ଷତା ମ୍ୟାପିଂ କରିବା, ସହରାଞ୍ଚଳରେ ଶ୍ରମିକଙ୍କ ପାଇଁ ଶସ୍ତାରେ ଭଡ଼ା ଘର, ହେଲ୍‌ପ ସେଣ୍ଟର୍ ପ୍ରତିଷ୍ଠା ପାଇଁ ମତାମତ ଆସିଥିଲା। ଅନୁରୂପ ଭାବେ ବୟସ୍କ ଲୋକଙ୍କ ପାଇଁ ପଞ୍ଚାୟତ ସ୍ତରରେ ଡେ କେୟାର ସେଣ୍ଟର, ଗାଁ ସ୍ତରରେ ବୟସ୍କ ଲୋକଙ୍କ ପାଇଁ ଯତ୍ନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଅଧିବେଶନଗୁଡ଼ିକରେ ମତ ପ୍ରକାଶ ପାଇଛି। ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସକ୍ଷମ କହିବା ଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ ପାଇଁ ପରାମର୍ଶମାନ ଉପସ୍ଥାପିତ ହୋଇଥିଲା। ସିୱାଇଏସ୍‌ଡିର ଅଧ୍ୟକ୍ଷ ପ୍ରଫୁଲ୍ଲ ସାହୁ ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

କନକ୍ଲେଭ୍‌ର ଏକ ଅଧିବେଶନରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ନାରୀ ଶିକ୍ଷା କ୍ଷେତ୍ରରେ ସର୍ବାଧିକ ବଜେଟ୍ ଆବଣ୍ଟନ ହେବା ଉଚିତ ବୋଲି ମତ ପୋଷଣ କରିଥିଲେ। ଓଡ଼ିଶାକୁ ଚାରିଟି ଜୋନ୍ କରି ଚାରିଟି ଫାଷ୍ଟ୍‌ଟ୍ରାକ୍ ମହିଳା କୋର୍ଟ ସ୍ଥାପନ ଦିଗରେ ରାଜ୍ୟ ସରକାର ଚିନ୍ତା କରୁଥିବା ଦର୍ଶାଇଥିଲେ। ଏହା ପୀଡ଼ିତାକୁ ତ୍ୱରିତ ନ୍ୟାୟ ଦେବାରେ ସହାୟକ ହୋଇ ପାରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।

ପୂର୍ବାହ୍ନରେ ଉଦ୍‌ଘାଟନୀ ଉତ୍ସବରେ ଉନ୍ନୟନ କମିସନର ଅନୁ ଗର୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ ଓଡ଼ିଶାରେ ୪୮୦ କିଲୋମିଟରର ବେଳାଭୂମି ରହିଛି। ରାଜ୍ୟର ମୋଟ ଅଞ୍ଚଳର ୩୩ ପ୍ରତିଶତ ହେଉଛି ଜଙ୍ଗଲ। ୨୩ ପ୍ରତିଶତ ଲୋକ ଅନୁସୂଚିତ ଜନଜାତି ବର୍ଗର। ତେଣୁ ବିକଶିତ ଓଡ଼ିଶା ପାଇଁ ଏସବୁ ସାମର୍ଥ୍ୟକୁ ସୁଯୋଗରେ ପରିଣତ କରିବାକୁ ହେବ।



## ସାଗୁଆନ କାଠ ଜବତ, ଜଣେ ଗିରଫ

ନୂଆପଡ଼ା,୨୪।୧୦(ସଂଚାର ବ୍ୟୁରୋ): ଜିଲ୍ଲା ଅନ୍ତର୍ଗତ ବଲୋଦା ଗ୍ରାମରୁ ବନ ବିଭାଗ ଲକ୍ଷାଧିକ ଟଙ୍କା ମୂଲ୍ୟର ଶାଗୁଆନ କାଠ ଓ ଗଣ୍ଡି ଜବତ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବଲୋଦା ଗ୍ରାମର କାଳିରାମ ସାହୁ (୩୫ । ସୂଚନା ଅନୁସାରେ ବଲୋଦା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଲକ୍ଷଧିକ ମୂଲ୍ୟର ଶାଗୁଆନ କାଠ ଗଛିତ ଥିବା ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା। ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନଙ୍କ ନିର୍ଦ୍ଦେଶକ୍ରମେ ଖରିଆର ରୋଡ ରେଞ୍ଜ ଅଧୀନ ବାଲୋଦା ଗ୍ରାମରେ ଚଢଉ କରାଯାଇଥିଲା। ଚଢ଼ଉ ବେଳେ ଶାଗୁଆନ ଗଣ୍ଡି ଓ କାଠ କାଟିବା ଉପକରଣ ଜବତ କରାଯାଇଛି। ଚଢାଉରେ ରଞ୍ଜିତ ସିଂ ବାବୁ,କ ଫରେଷ୍ଟର ବିନୋଦ କୁମାର ନାଏକ, କ୍ଷମାନିଧି ଶବର, ଖଗେଶ୍ୱର ମାଝୀ, ଫରେଷ୍ଟ ଗାର୍ଡ କାହ୍ନୁ ରାମ ନାଏକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।

# ଖପ୍ରାଖୋଲରେ ଖତ ଖାଇଲାଣି ମିନି ପାର୍କ ଓ ସେଲ୍ଫି ପଏଣ୍ଟ

ପାଟଣାଗଡ ୨୪/୧୦ ( ସଂଚାର ବ୍ୟୁରୋ ) : ସହର ସୌନ୍ଦର୍ଯ୍ୟିକରଣ ପାଇଁ ବିଭିନ୍ନ ସ୍ଥାନ ରେ ମିନି ପାର୍କ, ସେଲ୍ଫି ପଏଣ୍ଟ ମାନେ ବିଜେଡି ଅମଳ ରେ ହୋଇଥିଲା କିନ୍ତୁ ଏବେ ସେଇ ପାର୍କ ଓ ସେଲ୍ଫି ପଏଣ୍ଟ ର ଉଚିତ ରକ୍ଷଣ ବେକ୍ଷଣ ଅଭାବ ରୁ ଖପ୍ରାଖୋଲ ର ସେଲ୍ଫି ପଏଣ୍ଟ ର ଅକ୍ଷର ମାନ ଝଡି ଯାଇଛି । ସେହିପରି ମିନି ପାର୍କ ମାନଙ୍କ ରେ ଅନାବନା ଘାସ ବଢ଼ି ଯିବା ଫଳରେ ସ୍ଥାନ ସ୍ଥାନ ସନ୍ତଶନ୍ତିଆ ହେବା ସହ ଅସୁନ୍ଦର ଦେଖା ଯାଉଛି । ସବୁ ଠୁଁ ଆଶ୍ଚର୍ଯ୍ୟ କଥା ଯେ, ବ୍ଲକ ଅଫିସ ଠୁଁ ପାଖାପାଖି ୫୦୦ ମିଟର ଦୂରରେ ସେଲ୍ଫି ପଏଣ୍ଟ ଥିଲେ ବି ଏହାର ଦୂରାବସ୍ଥା ବାବୁ ମାନଙ୍କୁ ଦୃଷ୍ଟି ଗୋଚର ହେଉନାହିଁ । ଉଦଘାଟନ ର କିଛି ଦିନ ଚକ ଚକ ଥିବା ସେଲ୍ଫି ପଏଣ୍ଟ ଏବେ ଆବର୍ଜନା କୁଣ୍ଡ । ପ୍ରଶାସନ ଟିକେ ଧ୍ୟାନ ଦେବା ଉଚିତ ନ ହେଲେ ଧୀରେ ଧୀରେ ଏହି ଜାଗା ରେ ଅନାବନା ଘାସ ଭର୍ତ୍ତି ହୋଇ ଆବର୍ଜନା କୁଣ୍ଡ ହୋଇଯିବ । ଖାଲି ଉଦଘାଟନ ସମୟ ରେ ବାବୁ ମାନେ ସେଲ୍ଫି ପଏଣ୍ଟ ରେ ଛିଡା ହୋଇ ସେଲ୍ଫି ନେଇ ବାହାବା ନେବା ଅପେକ୍ଷା ବର୍ତମାନ ସେଲ୍ଫି ପଏଣ୍ଟ ର ଦୂରାବସ୍ଥା କୁ ଧ୍ୟାନ ଦେଲେ ଓ ତା'ର ଯତ୍ନ ନିଆ ଯାଉ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି ।



## ବଲାଙ୍ଗୀର ଜିଲ୍ଲାକୁ ଜାତୀୟ ଜଳ ପୁରସ୍କାର



ବଲାଙ୍ଗିର,୨୪।୧୦(ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ଜାତୀୟ ସ୍ତରରେ ପାଇଲା ଜାତୀୟ ଜଳ ପୁରସ୍କାର । ଦିଲ୍ଲୀର ବିଜ୍ଞାନ ଭବନ ରେ ରାଷ୍ଟ୍ରପତି ଙ୍କ ଠାରୁ ଜିଲ୍ଲାପାଳ ଶ୍ରୀ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଏହି ପୁରସ୍କାର ଗ୍ରହଣ କରିଛନ୍ତି। ୨୦୨୩ ବର୍ଷ ପାଇଁ ଏହି ପୁରସ୍କାର ଦିଆଯାଇଛି ଯେଉଥିରେ ପୂର୍ବ ଜୋନ ପାଇଁ ବଲାଙ୍ଗିର ପୁରସ୍କୃତ ହୋଇଛି । ୨୪୧ ହେକ୍ଟର ବୃକ୍ଷରୋପଣ ସହ ୧୬୭ ନୂତନ ବନ୍ଧ , ୨୬୦ ଚାଷ ବନ୍ଧ,୧୭୦ ଚେକ ଡ୍ୟାମ , ୧୩୨୦ ଜଳସେଚିତ ନିର୍ମାଣ ,୬୭୦ ଭୂତଳ ଜଳ ରିଚାର୍ଜ ନିର୍ମାଣ ଏଥିରେ ସାମିଲ ଅଛି। ଏଥିରେ ୫୪୦୦ ହେକ୍ଟର ଡ୍ରିପ୍ ଜଳସେଚନ, ୩୨୫୦ କ୍ଷୁଦ୍ର ଜଳ ସଞ୍ଚୟ ନିର୍ମାଣ ଯେଉଁଥିରେ ୧.୮ ଲକ୍ଷ କ୍ୟୁବିକ ମିଟର ଜଳ ସଞ୍ଚୟ କରିହେବ । ୩୫୦୦ ଚାଷବନ୍ଧ ରେ ୨୬ ଲକ୍ଷ୍ୟ କ୍ୟୁବିକ ମିଟର ସଞ୍ଚୟ କ୍ଷମତା ସୃଷ୍ଟି କରାଯାଇଛି । ଏହି ପୁରସ୍କାର ଗ୍ରହଣ ବେଳେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ପ୍ରଭାତ କୁମାର ମହାପାତ୍ର ଉପସ୍ଥିତ ଥିଲେ ।

## ଶିକ୍ଷା ବିଭାଗ ତରଫରୁ କନ୍ୟା ସନ୍ତାନ ଦିବସ ପାଳନ




ସିନାପାଲି,୨୪।୧୦ (ସଂଚାର ବ୍ୟୁରୋ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଶିକ୍ଷା ବିଭାଗ ତରଫରୁ ସ୍ଥାନୀୟ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବାଳିକା ମାନେ ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା ଏବଂ ସେମାନଙ୍କୁ ସମାଜରେ ସମାନତା ଓ ସମାନ ସୁଯୋଗ ପ୍ରଦାନ ଲକ୍ଷ୍ୟ ନେଇ ବ୍ଲକ ସ୍ତରୀୟ ଅନ୍ତର୍ଜାତୀୟ କନ୍ଯା ସନ୍ତାନ ଦିବସ ପାଳିତ ହୋଇଛି । ଶିକ୍ଷାଧିକାରୀ ଯତୀଂଦ୍ର କୁମାର ସେଠଙ୍କ ଅଧ୍ୟକ୍ଷତାରେ ଏନେଇ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ସିଡ଼ିପିଓ ଝରଣା ଶତପଥୀ ଓ ମୁଖ୍ୟ ବକ୍ତା ଭାବରେ ସ୍ଥାନୀୟ ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀ ଯୋଗ ଦେଇଥିଲେ । ସେହିଭଳି ସମ୍ମାନିତ ଅତିଥି ଭାବରେ ଏବିଇଓ ପ୍ରଦୀପ କୁମାର ପଣ୍ଡା, ସିଡିପିଓ ଅଫିସ୍ ସୁପରଭାଇଜର ଦମୟନ୍ତୀ ଜେନା, ବରିଷ୍ଠ ଶିକ୍ଷୟିତ୍ରୀ ସତ୍ୟରୂପା ଯୋଷୀ ଉପସ୍ଥିତ ରହି ସାମାଜିକ ପରିବର୍ତ୍ତନ ଓ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଘଟିଲେ ହିଁ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳନର ଯଥାର୍ଥତା ପୂରଣ ହେବ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷକ ବୈଷ୍ଣବ ମେହେର ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏ ଅବସରରେ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ ଅନୁଷ୍ଠିତ ପ୍ରବନ୍ଧ, ସ୍ଲୋଗାନ ଲିଖନ, ଚିତ୍ରାଙ୍କନ, ସଂଗୀତ, ଆଦି ପ୍ରତିଯୋଗୀତାରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନେ ଭାଗନେଇଥିଲେ। ସମସ୍ତ ବିଭାଗର ବିଜେତାଙ୍କୁ ମଂଚରେ ପୁରସ୍କୃତ କରାଯାଇଥିବା ବେଳେ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ସିଆରସିସି ରାକେଶ ମିଶ୍ର ପରିଚାଳନା କରିଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଶିକ୍ଷା କାର୍ଯ୍ୟଳୟର ସନ୍ତୋଷ ବନ୍ଦିଛୋର, ଗୁପ୍ତେଶ୍ୱର ମାଝୀ, ମହେଶ୍ୱର ପ୍ରଧାନଙ୍କ ସମେତ ଖଗେଶ୍ୱର ନିଆଲ, ପ୍ରେମାନନ୍ଦ ମେହେର, ନିକୁଞ୍ଜ ବିହାରୀ ସା, ରଶ୍ମୀପ୍ରଭା ମେହେର, ଅନିଲ କୁମାର ସା, ମିନତୀ ମେହେର, ନରେଶ ସା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସିଆରସିସି ସୁଧିର କିଶୋର ଠାକୁର ଧନ୍ୟବାଦ ଦେଇଥିଲେ ।

### ଚଳନା ଠାରୁ ବିଜୁ ଏକ୍ସପ୍ରେସ ରାସ୍ତାର ଶୋଚନୀୟ ଅବସ୍ଥା

ନୂଆପଡା,୨୪।୧୦ (ସଂଚାର ବ୍ୟୁରୋ): ଜିଲ୍ଲା ସିନାପାଲି ବ୍ଲକ ହାତୀବନ୍ଧା ଗ୍ରାମପଞ୍ଚାୟତ ସ୍ଥିତ ଚଳନା ବସ୍ତି ଠାରୁ ବିଜୁଏକ୍ସପ୍ରେସ୍ ରାସ୍ତା ସମ୍ମୁଖରେ ବଡ଼ ଖାଲ ହୋଇ ମରଣଯନ୍ତା ସଦୃଶ୍ୟ ହୋଇଛି । ଏଥିରେ ଅନେକ ଜନସାଧାରଣ ହଇରାଣ ହରକତ ହେଉଛନ୍ତି । ଅନେକ ଥର ଏସ ଡି ଓ ଙ୍କୁ ଅଭିଯୋଗ କରିବା ସତ୍ୱେ ମଧ୍ୟ ଫଳ ଶୂନ । ଶୀଘ୍ର ମରାମତି କରାଯିବ ବୋଲି କହିବାରୁ ଏ ପର୍ଯ୍ୟନ୍ତ କୌଣସି ପ୍ରଶାସନ ର ଦେଖା ନାହିଁ । ବାରମ୍ବାର ଲୋକେ ଏକ୍ସିଡେଣ୍ଟ ହେଓ୍ୱା ସତ୍ୱେ ମଧ୍ୟ ପ୍ରଶାସନ ଶୁଣୁ ନାହାନ୍ତି। ଅନେକ ବାଇକ ଆରୋହୀ ଙ୍କ ଜୀବନ ମରଣ କୁ ଡାକୁଛି ବୋଲି ଅନୁଭବ କରାଯାଏ। ଏହି ସମସ୍ୟା କୁ ପ୍ରଶାସନ ର ନଜର ନାହିଁ ବୋଲି ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ଶୀଘ୍ର ଏହାକୁ ତଦନ୍ତ କରି ମରାମତି କରିବା ପାଇଁ ଜନସାଧାରଣ ଦାବି ଜଣାଇ ଛନ୍ତି ।

### ଟାଟା ପାୱାରର ଦାଦାଗିରି ଏସ୍‌ଡିଓ ଅଫିସ ଘେରିଲେ ଚାଷୀ



ଭେଡେନ,୨୪।୧୦ (ସଂଚାର ବ୍ୟୁରୋ): ଏବେ ଧାନ ଗର୍ଭାଣୀ ଅବସ୍ଥା ରେ ଅଛି । ତଥାପି ଉଠା ଜଳସେଚନ ପ୍ରକଳ୍ପ ର ବିଦ୍ୟୁତ କାଟିଦେଇଛି ଟାଟା ପାୱାର । ଭେଡେନ ବ୍ଲକ ର କୁତପାଲି, ଅଛାଣ୍ଡପାଲି, ଗୁଦୁରମୁଣ୍ଡା ଆଦି ଗ୍ରାମ ରେ ଏପରି ଅବସ୍ଥା ଦେଖା ଯାଇଛି । ଏହାର ପ୍ରତିବାଦ ରେ ଗୁରୁବାର ଦିନ ଭେଡେନ ବ୍ଲକ କୃଷକ ସଂଗଠନ ର ନେତୃତ୍ୱ ରେ ଚାଷୀ ମାନେ ଭେଡେନ ବିଦ୍ୟୁତ ବିଭାଗ ଏସଡ଼ିଓ ଅଫିସ ଘେରାଓ କରିଥିଲେ । ଚାଷୀ ନେତା ଉତ୍ପନ୍ନ ଭୋଇ, ନରେନ୍ଦ୍ର ଭୋଇ, ସୁଦାମ ପାତ୍ର ପ୍ରମୁଖ ଙ୍କ ନେତୃତ୍ୱ ରେ ଏହି ଘେରାଓ ହୋଇ ଥିଲା ।

## ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ସହ ହୋଟେଲ ଓ ଦୋକାନରେ ଚଢଉ



ରାଇଘର,୨୪।୧୦(ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଫୁଡ୍ ସେଫ୍ଟି ଅଫିସର ରାଇଘର ଗସ୍ତ କରି ସଦର ମହକୁମାରେ ଥିବା ବିଭିନ୍ନ ହୋଟେଲ ସହ କିରାନା ଦୋକାନରେ ଚଢଉ କରି ସ୍ୱତନ୍ତ୍ର ଯାଞ୍ଚ କରିଛନ୍ତି । ସୂଚନା ଅନୁସାରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ନବକିଶୋର ବେହେରା, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅରୁଣ କୁମାର ମହାରଣା, ଆସିଷ୍ଟାଣ୍ଟ ମ୍ୟାନେଜର ଅଣସଂକ୍ରମଣ ରୋଗ ତରୁଣ କୁମାର ସାହୁ ସହ ତିନି ଜଣିଆ ଟିମ୍ ସଦର ମହକୁମାର କିଛି ହୋଟେଲ, କିରାନା ଦୋକାନ, ମିଠା ଦୋକାନ ଉପରେ ଚଢଉ କରି ଯାଞ୍ଚ କରିଥିଲେ । ହୋଟେଲ ଗୁଡ଼ିକରେ ଖାଦ୍ୟର ମାନ ସଠିକ୍ ନ ଥିବା ସାମ୍ନାକୁ ଆସିଛି।କିରାନାଦୋକାନଗୁଡ଼ିକରେ ମଧ୍ୟ ଖାଦ୍ୟ ଅବଧି ଠିକ ନ ଥିବା ସାମଗ୍ରୀ ବିକ୍ରି ଚାଲୁନଥିବାବେଳେ ଅଦିବାସୀ ଅଧୁସିତ ଅଞ୍ଚଳ ବୋଲି ଲୋକଙ୍କୁ ଶୋଷଣ କରାଯାଉଛି, ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଦୃଷ୍ଟିକୁ ଆସିଥିବାବେଳେ ସମସ୍ତ ବେପାରୀଙ୍କୁ ତାଗିଦ୍ ସହ ଜରିମାନା ଆଦାୟ କରାଯାଇଛିଛ ପୁନର୍ବାର ଗସ୍ତ ସମୟରେ ଯଦି ପୁଣି ଏଭଳି ସାମଗ୍ରୀ ବିକ୍ରି କରନ୍ତି ତାହେଲେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବେପାରୀମାନଙ୍କୁ ଅବଗତ କରାଯାଇଛି । ନିମ୍ନମାନର ପ୍ରତ୍ୟେକ ସାମଗ୍ରୀ ଉପରେ ଜିଲ୍ଲା ଟିମ୍ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ଜଣାପଡିଛି । ଅନ୍ୟପଟେ ଖାଦ୍ୟ ମାନ ଯାଞ୍ଚ ଅଧିକାରୀଙ୍କ ଗସ୍ତ ଖବର ପାଇ ରାଇଘର ସଦର ମହକୁମାର ଅନେ ବେପାରୀଙ୍କ ଦୋକାନ ଭୟରେ ବନ୍ଦ ଥିବା ଦେଖିବାକୁ ମିଳିଛି।

## ସାଉଲ ମଙ୍ଗରାଜଙ୍କୁ ଗୋଲାମୁଣ୍ଡାରେ ଭବ୍ୟ ସ୍ୱାଗତ



କଳାହାଣ୍ଡି,୨୪।୧୦(ସଂଚାର ବ୍ୟୁରୋ): ଗତ ଅକ୍ଟୋବର ୨ ତାରିଖ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ କଳାହାଣ୍ଡି ଜିଲ୍ଲାର ଜନ ସଂଗ୍ରାମ ସମିତି ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଏକ ୨୫ ଜଣିଆ ଯୁବକଙ୍କ ସହିତ ଦୀର୍ଘ ୫୦୦ କିଲୋମିଟର ପଦଯାତ୍ରା କରି କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସମସ୍ୟା ଓ ଦାବୀକୁ ନେଇ ଗତ ୧୮ ତାରିଖରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିବା ବେଳେ ୨୧ ତାରିଖରେ ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ଭେଟି ଏକ ୨୬ ଦଫା ଦାବୀ ପତ୍ର ପ୍ରଦାନ କରିଥିଲେ । ଏହି ଦାବୀ ଗୁଡ଼ିକ ଉପରେ ଯଥା ପଦକ୍ଷେପ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ପଦଯାତ୍ରା ସାରି ଆଜି ସାଉଲ ମଙ୍ଗରାଜଙ୍କ ସହିତ ଏହି ପଦଯାତ୍ରାରେ ସାମିଲ ହୋଇଥିବା ଅନିଲ କୁମାର ମଲ୍ଲିକ, ଲମ୍ବୋଦର ଜାଲ,କୁମୁଦ ଗହୀର,ରମେଶ ସାହୁ,ରଞ୍ଜନ ବେହେରା ,କେଶବ ମାଝୀ,ଅସାରୁ ମାଝୀ,ପର୍ଶୁରାମ ମାଝୀ,ଗୌରାଙ୍ଗ ମାଝୀ,ଦୁର୍ବଳ ମାଝୀ,ସଦାନନ୍ଦ ମାଝୀ, ଚିତ୍ର ମାଝୀ,ଲାଲ ମାଝୀ,ପିତାଶ ସିପକା,ସମୀର ସିପକା,ଦେବେନ୍ଦ୍ର ମାଝୀ ପ୍ରମୁଖ ଆଜି ସକାଳ ସମୟରେ ଗୋଲାମୁଣ୍ଡା ଠାରେ ପହଞ୍ଚିବା ପରେ ଅଞ୍ଚଳବାସୀ ତରଫରୁ ଭବ୍ୟ ସ୍ୱାଗତ କରାଯାଇଛି। ସ୍ଥାନୀୟ କଦଳୀମୁଣ୍ଡା ଠାରେ ସ୍ୱାଗତ କରି ଗୋଲାମୁଣ୍ଡା ସହର ପରିକ୍ରମା କରି ଏକ ସଭା ମାଧ୍ୟମରେ ସମସ୍ତ ୨୫ ଜଣ ପଦଯାତ୍ରୀ ଙ୍କୁ ଉପଢୋକନ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମୟରେ ସମାଜସେବୀ ପ୍ରସନ୍ନ ରାଉତ ସଭା ପରିଚାଳନା କରିଥିବା ବେଳେ, ବୃଷଭ ନାଏକ, ଗଙ୍ଗା ରାଉତ, କୃଷ୍ଣଚନ୍ଦ୍ର ମୁଣ୍ଡ, ଚତୁର୍ଭୁଜ ନାଏକ,ହେମା ବାରେଟ, ରମେଶ ଅଗ୍ରୱାଲ, ନରେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ କଳାହାଣ୍ଡି ଇତିହାସରେ ଜିଲ୍ଲାର ସମସ୍ୟା ନେଇ ୫୦୦ କିଲୋମିଟରରୁ ଅଧିକା ଚାଲି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବୀ ପ୍ରଦାନ କରିବା ଏହା ପ୍ରଥମ ଘଟଣା । ବର୍ତ୍ତମାନ ଏହି ପଦକ୍ଷେପକୁ ସାରା ଜିଲ୍ଲାବାସୀ ପ୍ରଶଂସା କରୁଛନ୍ତି ।

## ଜଙ୍ଗଲକୁ ଛତୁ ଆଣିବାକୁ ଯାଇ ବୃଦ୍ଧ ନିଖୋଜ



ବୈଶିଙ୍ଗା,୨୪।୧୦(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅଧୀନ ନଡ଼ପୁର ଉପକଣ୍ଠ ନୂଆଗାଁ ଗ୍ରାମର ଜନୈକ ବୃଦ୍ଧ ବ୍ୟକ୍ତି ଗତକାଲିଠାରୁ ପାଖ ଜଙ୍ଗଲକୁ ଛତୁ ଆଣିବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। କିଛିଦିନ ଧରି ଉକ୍ତ ଜଙ୍ଗଲରେ ବଣୁଆ ଦନ୍ତାହାତୀ ବିଚରଣ କରୁଥିବାରୁ ବୃଦ୍ଧ ଜଣକ ହାତୀ ଆକ୍ରମଣର ଶିକାର ହୋଇଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ପ୍ରାପ୍ତ ସୂଚନା ମୁତାବକ ନିଖୋଜ ହେଉଛନ୍ତି ନୂଆଗାଁ ଗ୍ରାମର ସ୍ୱର୍ଗତଃ ଢାଉଲ ବେହେରାଙ୍କ ୫୪ବର୍ଷୀୟ ପୁଅ ଅନିରୁଦ୍ଧ ବେହେରା। ଅନିରୁଦ୍ଧ ବୁଧବାର ଭୋର ସକାଳୁ ଗାଁ ପାଖ ଜଙ୍ଗଲକୁ ଛତୁ ଗୋଟାଇବାକୁ ଯାଇଥିଲା। ପରେ ଛତୁ ଆଣି ଘରେ ରଖି ଖାଇପିଇ ସାରି ପୁଣି ଥରେ ଉକ୍ତ ଜଙ୍ଗଲକୁ ଛତୁ ଗୋଟାଇବାକୁ ଯାଇଥିଲେ। ହେଲେ ପରେ ଆଉ ଘରକୁ ଫେରି ନ ଥିଲେ। ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ବ୍ୟସ୍ତବିବ୍ରତ ହୋଇ ଏଣେତେଣେ ଖୋଜାଖୋଜି କରିଥିଲେ ବି ଅନିରୁଦ୍ଧଙ୍କୁ ପାଇ ନ ଥିଲେ। ସୂଚନା ଅନୁଯାଇ କିଛିଦିନ ପୂର୍ବରୁ ଉକ୍ତ ଜଙ୍ଗଲକୁ ଏକ ଝାଡ଼ଖଣ୍ଡି ଦନ୍ତା ହାତୀ ପଶି ଆସିଥିଲା ଓ ସମୟ ସମୟରେ ଉତ୍ପାତ କରୁଥିଲା। ଯୋଉଁଥିପାଇଁ ସ୍ଥାନୀୟ ଲୋକ ଭୟଭୀତ ହୋଇ ରହୁଥିଲେ। ତେବେ ଅନିରୁଦ୍ଧ ଜଙ୍ଗଲକୁ ଯାଇ ଗୋଟେ ଦିନ ବିତିଯାଇଥିଲେ ସୁଦ୍ଧା ଘରକୁ ନ ଫେରିବା ଯୋଗୁଁ ସେ କାଳେ ହାତୀ ଆକ୍ରମଣର ଶିକାର ହୋଇଥିବ ଏନେଇ ସନ୍ଦେହ ପ୍ରକଟ କରିଛନ୍ତି ପରିବାର ବର୍ଗଙ୍କ ସମେତ ସ୍ଥାନୀୟ ଲୋକେ। ତେବେ ଖବର ପାଇ ବନବିଭାଗ କର୍ମଚାରୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଜଙ୍ଗଲ ଭିତରେ ଖୋଜାଖୋଜି ଆରମ୍ଭ କରିଛନ୍ତି।

## ଜବ୍ କାର୍ଡ ନାଁ ରେ ସରପଞ୍ଚ ଖାଇଗଲେ ଗରିବଙ୍କ ଟଙ୍କା




କଳାହାଣ୍ଡି,୨୪।୧୦ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିଚେଇଗୁଡା ପଞ୍ଚାୟତରେ ସରପଞ୍ଚ ପରମେଶ୍ୱର ମେହେର ଜବ କାର୍ଡ କରିଦେବା ବାହାନା ରେ କାଗଜପତ୍ର ମାଗି ହିତାଧିକାରୀଙ୍କ ଅଜାଣତରେ ବିଭିନ୍ନ ବ୍ୟାଙ୍କ ରେ ଆକାଉଣ୍ଟ ଖୋଲି ଗରିବ ଲୋକଙ୍କ ଲକ୍ଷ ଲକ୍ଷ ଟଙ୍କାହଡ଼ପ କରିଥିବା ନେଇ ଆଜି ଜୁନାଗଡ଼ ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ବିଜେପିର ପୁର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର ଓ ବିଜେପି ବିଧାୟକ ପ୍ରାର୍ଥୀ ମନୋଜ ମେହେରଙ୍କ ତାଙ୍କ ନିଜ ପଞ୍ଚାୟତ ହେଉଛି ଚିଚେଇଗୁଡା । ଏହି ପଞ୍ଚାୟତର ସରପଞ୍ଚ ଏବେ ଦୁର୍ନୀତିରେ ଉବୁଟୁବୁ ଅଛନ୍ତି । ଏହି କାମରେ ପୂର୍ବତନ ଜିଆରଏସ ସୁଶାନ୍ତ ମେହେର ମଧ୍ୟ ସଂଶ୍ଲିଷ୍ଟ ଥିବା ଅଭିଯୋଗ ହୋଇଛି। ଚିଚେଇଗୁଡା ପଞ୍ଚାୟତର ସରପଞ୍ଚ ପରମେଶ୍ୱର ମେହେର ଙ୍କ ସ୍ତ୍ରୀ ସୁଧିରା ମେହେର ବର୍ତ୍ତମାନ କଳାହାଣ୍ଡି ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଅଛନ୍ତି ଏବଂ ପୂର୍ବରୁ ମଧ୍ୟ ସୁଧିରା ମେହେର ସରପଞ୍ଚ ଥିଲେ । ଉଭୟ ସ୍ୱାମୀ ସ୍ତ୍ରୀ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ହେଉଛନ୍ତି ଏମାନେ ଖାସ ଅନୁଗତ। ସରପଞ୍ଚ ପରମେଶ୍ୱର ମେହେର ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ନିଜେ ଏଟିଏମ ରଖି ଗରିବ ଲୋକଙ୍କ ପିଏମ କିଷାନ, ସିଏମ କିଷାନ, ଗ୍ୟାସ ସବସିଡ଼ି ଟଙ୍କା ହଡ଼ପ କରୁଥିଲେ ବୋଲି ଅଭିଯୋଗ କରିଛି ବିଜେପି । ଏନେଇ ହିତାଧିକାରୀ ମାନେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିବା ବେଳେ ମାରି ଦେବାକୁ ଧମକ ଦେଉଥିବା ନେଇ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି । ପରମେଶ୍ୱର ମେହେର ସରପଞ୍ଚ ଥିବାବେଳେ ତଦନ୍ତ ରେ ବାଧା ଉପୁଜିବାର ସମ୍ଭାବନା ଥିବାରୁ ସରପଞ୍ଚଙ୍କୁ ନିଲମ୍ବନ କରି ତଦନ୍ତ କରିବାକୁ ବିଜେପି ପକ୍ଷରୁ ଜିଲ୍ଲା ପ୍ରଶାସନ କୁ ସାମ୍ବାଦିକ ସମ୍ମିଳନୀରେ ଅନୁରୋଧ କରିଛନ୍ତି ।

## ଜଙ୍ଗଲ ଭିତରେ ଯୁବକ-ଯୁବତୀଙ୍କ ମୃତଦେହ ହତ୍ୟା ସନ୍ଦେହ



ଦେଓଗାଁ,୨୪।୧୦ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ଆଠଗାଁ-ତୁଷୁରା ରାସ୍ତାର ଉପରଝର ପେଟେନେ ଦୁହୁଲା ଜଙ୍ଗଲ ଭିତରେ ଯୁବକଯୁବତୀଙ୍କ ମୃତ ଶରୀର ପଡିଥିବା ଜଣାପଡିଛି। ଏହି ଘଟଣା ଜଣାପଡିବା ପରେ ଜଙ୍ଗଲ ଭିତରେ ଲୋକଙ୍କ ଗହଳି ଲାଗିରହି ଥିବା ବେଳେ ପୁଇତଲା -ଦେଓଗାଁ ପୁଲିସ ସୀମାକୁ ନେଇ ଆଲୋଚନା ଜାରି ରଖିଛନ୍ତି। ମୃତକ ଦୁହେଁ ପ୍ରେମୀଯୁଗଳ ବୋଲି ଅନୁମାନ କରାଯାଉଛି। ଅନ୍ୟ ପକ୍ଷରେ କିଏ ପ୍ରେମୀଯୁଗଳଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଇଛି ନା ସେମାନେ ନିଜର ଜୀବନ ନେଇଛନ୍ତି ସେ ନେଇ ତଦନ୍ତ କରିବା ପରେ ସତ ସମ୍ନାକୁ ଆସିବ ବୋଲି ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ ଯେ ଉପରଝର ଘାଟିରୁ ତଣ୍ଡାମୁଣ୍ଡା ଯିବା ରାସ୍ତାର ବୁଲାଣି ନିକଟରେ ଥିବା ଏକ ବୁଦା ଭିତରେ ମୃତଦେହ ଦୁଇଟି ପଡିରହିଥିବାର କିଛି ଲୋକ ଦେଖିବାକୁ ପାଇଥିଲେ। ପରେ ଏହାକୁ ନେଇ ପୁଲିସକୁ ଖବର ଦେଇଥିଲେ ସ୍ଥାନୀୟ ବାସିନ୍ଦା। ପୁଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛି।

## ପୁଣି ଦବିଲା ଯୋଡ଼ା ଫ୍ଲାଏ ଓଭର



ଯୋଡ଼ା,୨୪।୧୦ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲାର ସୁଦୀର୍ଘ ଫ୍ଲାଏ ଓଭର ନିର୍ମାଣର ବର୍ଷେ ନ ପୁରୁଣୁ ବାରମ୍ବାର ଦବୁଛି। ଏହାଦ୍ୱାରା ଯାତାୟାତରେ ବହୁ ସମସ୍ୟା ଉପୁଜୁଛି। ଗୁରୁବାର ପୁଣି ଫ୍ଲାଏ ଓଭର ଦବି ଯାଇଛି। ଠିକା ସଂସ୍ଥା ପକ୍ଷରୁ ମରାମତି କରାଯାଉଥିବା ବେଳେ ରାସ୍ତାରେ ଅନେକ ଶହ ସଂଖ୍ୟାରେ ଲୁହାପଥର ବୋଝେଇ ଭାରିଯାନ ଅଟକି ରହିଛି। ଫଳରେ ଟ୍ରାଫିକ ସମସ୍ୟା ଜଟିଳ ହୋଇଛି। ଡିଏମ୍ଏଫ ଅର୍ଥରେ ନିର୍ମିତ ଫ୍ଲାଏ ଓଭରର ଏକ ବର୍ଷ ମଧ୍ୟରେ ବାରମ୍ବାର ଦବୁଥିବାରୁ ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, ଚଳିତ ବର୍ଷ ମାର୍ଚ୍ଚ ମାସରେ ସହରକୁ ପ୍ରଦୂଷଣରୁ ମୁକ୍ତ ତଥା ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ପ୍ରାୟ ୨୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨.୯ କି.ମି. ଦୀର୍ଘ ଏହି ଫ୍ଲାଏ୍ ଓଭର ଉଦ୍‌ଘାଟିତ ହୋଇଥିଲା। ତତ୍କାଳୀନ ସରକାର ଏହି ଅସମ୍ପୂର୍ଣ୍ଣ ଫ୍ଲାଏ ଓଭରକୁ ତରବରିଆ ଭାବେ ଲୋକାର୍ପଣ କରି ଦେଇଥିଲେ। ଏହାର ଏକ ବର୍ଷ ନ ପୁରୁଣୁ ଫ୍ଲାଏ ଓଭରର ସ୍ଥାନେ ସ୍ଥାନେ ବାରମ୍ବାର ଫାଟ ସୃଷ୍ଟି ହେବା, ଦବି ଯିବା, ପ୍ରଭୃତି ବିଭିନ୍ନ ସମସ୍ୟା ଦେଖା ଦେଇଛି। ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମାଣ ହୋଇଥିବା ସୂଚନା ଦିଆ ଯାଇଥିବା ବେଳେ ଗୁରୁବାର ଫ୍ଲାଏ ଓଭରର ଏକ ଅଂଶ ଝିପି ଝିପି ବର୍ଷାରେ ଦବିଯାଇଛି। ଖବର ପାଇ ତରବରିଆ ଭାବେ ଓବିସିସି ପକ୍ଷରୁ ନିୟୋଜିତ ଠିକାସଂସ୍ଥା ଚେଭରକ୍କ ଏହାର ମରାମତି କାର୍ଯ୍ୟ କରୁଥିବା ଦେଖାଯାଇଥିଲା।

## ବାତ୍ୟା ଝଟକାରେ ବରଗଛ ଉପୁଡି ରାସ୍ତା ଅବରୋଧ

ବୈଶିଙ୍ଗା, ୨୪।୧୦ (ସଂଚାର ବ୍ୟୁରୋ): ଆସନ୍ନ ବାତ୍ୟାର ପ୍ରଥମ ଝଟକା ରେ କ୍ଷୟକ୍ଷତିର ସୂଚନା ଅନୁଯାଇ ବାତ୍ୟା ପ୍ରଭାବରେ ପବନର ବେଗ କ୍ରମଶଃ ବୃଦ୍ଧି ପାଉଥିବାରୁ ବୈଶିଙ୍ଗା-ରୁଷ୍ଣା ମୁଖ୍ୟ ରାସ୍ତାର କଦଳିଆ ଛକ ନିକଟରେ ଥିବା ଏକ ବିରାଟକାୟ ବରଗଛ ଉପୁଡି ଯାଇ ରାସ୍ତା ଉପରେ ପଡ଼ିଯାଇଥିଲା । ଯୋଉଁଥିପାଇଁ ବ୍ୟସ୍ତବହୁଳ ଉକ୍ତ ରାସ୍ତାରେ ଯାତାୟତ ବାଧା ପ୍ରାପ୍ତ ହୋଇଥିଲା । ଦୁର୍ଭାଗ୍ୟବଶତଃ ନଗର ଉନ୍ନୟନ ଓ ସାଧାରଣ ଅଭିଯୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସେହି ରାସ୍ତାରେ ମୁରୁଡ଼ା ଓ ରାସଗୋବିନ୍ଦପୁର ଗସ୍ତରେ ଯାଉଥିବାବେଳେ ସେହିଠାରୁ ଫେରିଯାଇ ଅନ୍ୟ ରାସ୍ତାରେ ଯାଇଥିଲେ । ତେବେ ତାଙ୍କ ସାଙ୍ଗରେ ଥିବା ବଡ଼ସାହି ବିଧାୟକ ସନାତନ ବିଜୁଳି ଘଟଣା ସ୍ଥଳରେ ଉପସ୍ଥିତ ରହି ବୈଶିଙ୍ଗା ପୁଲିସ, ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ବୈଶିଙ୍ଗା ଥାନା ଅଧିକାରୀ ତପନ ପ୍ରଧାନ ଓ ସହକର୍ମୀ ଏବଂ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ । ପରେ ପରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଡାଳ କାଟିବା ସହିତ ରାସ୍ତାରେ ଯାତାୟତର ସୁବିଧା କରାଇଥିଲେ । ପରେ ବିଧାୟକ ସମେତ ସମସ୍ତ ଅଧିକାରୀ ମିଶି ରାସ୍ତା ଉପରୁ ତୁରନ୍ତ ଗଛ ଡାଳ ସବୁକୁ ହଟାଇ ଥିଲେ ଓ ପରେ ଉକ୍ତ ରାସ୍ତାରେ ଯାତାୟତ ସ୍ୱାଭାବିକ ହୋଇଥିଲା ।

## ବାତ୍ୟା 'ଦାନା' ପାଇଁ ପ୍ରସ୍ତୁତ ଅଛି ପ୍ରଶାସନ

### ଜିଲ୍ଲାରେ ୨୯ ଶହ ଲୋକଙ୍କୁ ସ୍ଥାନାନ୍ତର



ନୟାଗଡ଼, ୨୪।୧୦ (ସଂଚାର ବ୍ୟୁରୋ): ବାତ୍ୟା ଦାନା ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି । ନୟାଗଡ଼ ଜିଲ୍ଲାରେ ମୋଟ ୩୩୦ଟି ସ୍ଥାନରେ ସେଲଟର ବ୍ୟବସ୍ଥା କରାଯାଇଥିବା ବେଳେ ଏହା ମଧ୍ୟରେ ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟକୁ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲା ପ୍ରଶାସନ, ତହସିଲ କର୍ତ୍ତୃପକ୍ଷ, ବ୍ଲକ ପ୍ରଶାସନ, ପୁଲିସ ଏବଂ ପଞ୍ଚାୟତ ସମସ୍ତେ ବାତ୍ୟା ମୁକାବିଲା ପାଇଁ ସଜାଗ ରହିଛନ୍ତି । ନୟାଗଡ଼ ଜିଲ୍ଲାରେ ବିପଦ ଶଙ୍କୁଳ ଅବସ୍ଥାରେ ଅବସ୍ଥାନ କରୁଥିବା ୬୯୨୦ ଲୋକଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ଆଶ୍ରୟ ସ୍ଥଳୀରେ ରଖିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସୂଚନା ମିଳିଛି । ଗୁରୁବାର ଅପରାହ୍ନ ସୁଦ୍ଧା ୨୮୯୫ ଲୋକଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯାଇଛି । ଭାପୁର ବ୍ଲକରେ ୩୬୩ ଜଣ ବ୍ୟକ୍ତି ଓ ୧୧୨ ଜଣ ଶିଶୁ, ଦଶପଲ୍ଲାରେ ୩୦ ଜଣ, ଗଣିଆରେ ୩୩ ଜଣ, ଖଣ୍ଡପଡ଼ାରେ ୨୩୩ ଜଣ, ନୟାଗଡ଼ରେ ୭୫ ଜଣ, ନୂଆଗାଁରେ ୧୫ ଜଣ, ଓଡ଼ଗାଁରେ ୨୮୦ ଜଣ, ରଣପୁର ବ୍ଲକରେ ୧୭୬୪ ଜଣଙ୍କୁ ଉଦ୍ଧାର କରାଯାଇ ଆଶ୍ରୟସ୍ଥଳରେ ରଖାଯାଇଛି । ସମସ୍ତଙ୍କ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ସହ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସେହିପରି ଭାବେ ନୟାଗଡ଼ ପୌର ପରିଷଦ ଅଞ୍ଚଳରେ ମଧ୍ୟରେ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସଂନ୍ଧ୍ୟାରେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ ଓ ତହସିଲଦାର ରାଜେଶ କେଶରୀ ସ୍ୱାଇଁଙ୍କ ସମେତ ପୌରପରିଷଦର କର୍ମଚାରୀ ବିଭିନ୍ନ ସେଣ୍ଟର ପରିଦର୍ଶନ କରି ସ୍ଥିତି ପରଖିଥିବା ସୂଚନାମିଳିଛି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବାତ୍ୟା ଦାନାର କୌଣସି ପ୍ରଭାବ ପଡ଼ିନଥିବା ବେଳେ ଦିନ ତମାମ ମେଘୁଆ ପାଗ ହୋଇଥିବା ଜଣାପଡିଛି ।